୬ ପଡ଼ିଆରେ ଅଶୋଭନୀୟ ଆଚରଣ ପାଇଁ ଦଣ୍ଡିତ ହେଲେ ପାକିସ୍ତାନ ଖେଳାଳି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
• ବର୍ଷ–୩୨ • ସଂଖ୍ୟା–୨୪୯ • ୭ ଅକ୍ଟୋବର ୨୦୨୫, ମଙ୍ଗଳବାର • ଭୁବନେଶ୍ୱର • Vol -32 • Issue-249 • 7th October 2025, Tuesday • Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ନୂଆପଡାରେ ୧୧୦୦ରୁ ଊର୍ଦ୍ଧ୍ୱ କୋଟିର ପ୍ରକଳ୍ପ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

## ଖରିଆର୍ ରୋଡ୍ ହେବ ମ୍ୟୁନିସିପାଲିଟି, କୋମନା ଓ ସିନାପାଲି ନୂଆ ଏନ୍‌ଏସି

ଭୁବନେଶ୍ୱର, ୬।୧୦
ନ୍ୟୁଜ୍ ବ୍ୟୁରୋ

ନୂଆପଡା ବାସୀଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା। ସେମାନେ ଯେତେବେଳେ ଚାହିଁବେ, ମୋତେ ଭେଟିପାରିବେ। ସେମାନଙ୍କ କୌଣସି ସମସ୍ୟା ଯଦି ମୋ ନଜରକୁ ଆସେ, ତେବେ ସେ ସବୁକୁ ଗୁରୁତ୍ୱ ଦିଆଯାଇ ସମାଧାନ କରିବାକୁ ଉଦ୍ୟମ କରାଯିବ। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡା ଗସ୍ତ କରି ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି।




ନୂଆପଡା ଗସ୍ତରେ ଆସିଥିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦୂର ହେଉ କି ପାଖ, ବଡ ହେଉ ବା ଛୋଟ, ରାଜ୍ୟର ସବୁ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ରାଜ୍ୟର ଜନସାଧାରଣଙ୍କ ସେବା ପାଇଁ ସବୁ ସମୟରେ, ସବୁ ମୁହୂର୍ତ୍ତରେ ଉପସ୍ଥିତ ଅଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂଆପଡା ସହିତ ମୋର ଭାବଗତ ସମ୍ପର୍କ ରହିଛି ଏବଂ ଏହା ବଢ଼ି ବଢ଼ି ଚାଲିଛି। ଆଗାମୀ ଦିନରେ ଏହି ସମ୍ପର୍କ ଆହୁରି ସୁଦୃଢ ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂଆପଡା ଜିଲ୍ଲା ପାଇଁ ୧୧୦୧ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ଓ ଘୋଷଣା କରିଥିଲେ। ଏଥିମଧ୍ୟରୁ ୬୪ କୋଟି ୨ ଲକ୍ଷ ଟଙ୍କା ବିନିଯୋଗରେ ୧୦୯ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା। ୧୫୯ କୋଟି ୭୬ ଲକ୍ଷ ଟଙ୍କାର ୩୧ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା ଏବଂ ୭୫ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ସହିତ ନୂଆପଡା ଜିଲ୍ଲାରେ ଜଳସେଚନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର (ପୃଷ୍ଠା ୭ରେ)

# ନଭେମ୍ବର ୧୧ରେ ନୂଆପଡ଼ା ଉପନିର୍ବାଚନ

## ଲାଗୁ ହେଲା ଆଚରଣବିଧି

ଭୁବନେଶ୍ୱର, ୬।୧୦
ନ୍ୟୁଜ୍ ବ୍ୟୁରୋ




ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ। ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ସନ୍ତୁ ଗୋପାଳନ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ମୁଖ୍ୟନିର୍ବାଚନର କମିଶନରଙ୍କ ଘୋଷଣା ଅନୁଯାୟୀ ଆସନ୍ତା ୧୩ ତାରିଖରେ ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ । ୨୦ରେ ନାମାଙ୍କନ ଦାଖଲର ଶେଷ ତାରିଖ ରହିଥିବା ବେଳେ ୨୨ରେ ଯାଞ୍ଚ ଓ ୨୪ ତାରିଖରେ ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖ ରହିଛି। ନଭେମ୍ବର ୧୧ରେ ମତଦାନ ପରେ ନଭେମ୍ବର ୧୪ ତାରିଖରେ ଭୋଟ୍ ଗଣତି ହେବ । ନୂଆପଡା ଉପ ନିର୍ବାଚନ ତାରିଖ ଘୋଷଣା ସହ ସୋମବାର ଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ନଭେମ୍ବର ୧୧ ତାରିଖରେ ମତଦାନ ହେବ। ୧୪ ତାରିଖରେ ମତଦାନର ଗଣତି ହେବା ସହିତ ଫଳାଫଳ ପ୍ରକାଶ ପାଇବ। ଏଥି ପାଇଁ ଆସନ୍ତା ଆସନ୍ତା ୧୩ ତାରିଖ ଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି ନୂଆପଡ଼ା ଉପନିର୍ବାଚନରେ ମୋଟ ୧ ଲକ୍ଷ ୨୨ ହଜାର ୧୦୩ ପୁରୁଷ ଏବଂ ୧ ଲକ୍ଷ ୨୬ ହଜାର ୧୩୨ ମହିଳା ମତଦାନ କରିବେ। ସେହିପରି ୪ ହଜାର ଭିନ୍ନକ୍ଷମ ଏବଂ ୨୦୦୭ ବୟସ୍କ ଭୋଟରଙ୍କ ତାଲିକା ପ୍ରକାଶ ପାଇଛି। ମତଦାତାମାନେ ମୋବାଇଲ ରଖି ଭୋଟ ଦେବେ। ଏଜେଣ୍ଟମାନେ ବୁଥ ଭିତରକୁ ମୋବାଇଲ ନେଇପାରିବେ ନାହିଁ। ରିଅଲ ଟାଇମ୍ ସିଷ୍ଟମରେ ୱେବ୍ କ୍ୟାଷ୍ଟିଂ କରାଯିବ। ୧୯୫୦ ଭୋଟର ହେଲ୍ପ ଲାଇନ ନମ୍ବର କାର୍ଯ୍ୟକାରୀ ହେବ।

ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଉପନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ପ୍ରତି ପୋଲିଂ ଷ୍ଟେସନରେ ସମସ୍ତ ବ୍ୟବସ୍ଥା କରାଯିବ। ବୟସ୍କଙ୍କ ପାଇଁ ଘରେ ଭୋଟ ଦେବାର ବ୍ୟବସ୍ଥା କରାଯିବ। ସମସ୍ତ ପ୍ରାର୍ଥୀ ଏବଂ ତାଙ୍କର ରାଜନୈତିକ ଦଳ ପ୍ରାର୍ଥୀଙ୍କ ଅପରାଧିକ ମାମଲାକୁ ୩ଥର ସୂଚନା ପ୍ରକାଶ କରିବାକୁ ପଡ଼ିବ। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩୫୮ଟି ମତଦାନ କେନ୍ଦ୍ର ରହିବ। ପ୍ରତି କେନ୍ଦ୍ରରେ ସର୍ବାଧିକ ୧୨ ଶହ ଭୋଟର ଭୋଟ ଦେଇପାରିବେ। ଉଲ୍ଲେଖନୀୟ ଯେ ନୂଆପଡାର ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ଏହି ଆସନ ଖାଲି ରହିଛି।

## ଆଜିର ମୁଖ୍ୟ ଖବର

- ଯୁକ୍ତ ୨ ପରୀକ୍ଷା ପାଇଁ ୨୦ରୁ ଫର୍ମ ଫିଲଅପ୍।
- ଜାପାନ ଓ ଫ୍ରାନ୍ସର ରାଜନୈତିକ ପରିବର୍ତ୍ତନ ଯୋଗୁ ଆନ୍ତର୍ଜାତିକ ବଜାର ଅସ୍ଥିର।
- ଦାର୍ଜିଲିଂ ଅଞ୍ଚଳର ଭୂସ୍ଖଳନରେ ୨୪ ଜଣ ମୃତ୍ୟୁ।
- ଉତ୍ତରାଖଣ୍ଡର କେଦାରନାଥ ଧାମରେ ଋତୁର ପ୍ରଥମ ହିମପାତ।
- ଦାର୍ଜିଲିଂ ଭୂସ୍ଖଳନରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀଙ୍କ ସାନ୍ତ୍ୱନା ଓ ସହାୟତା ଘୋଷଣା।
- ଭାରତ ଓ ବ୍ରିଟେନ ପ୍ରଥମେ ଏକାଠି ବିମାନ ବାହକ ଅଭ୍ୟାସ ଆରମ୍ଭ କରିଛନ୍ତି।
- ଭେଜାଲ ଔଷଧ ଓ ଅସ୍ତ୍ର ସହିତ ୧୫ ଜଣଙ୍କୁ ଭୁବନେଶ୍ୱରରେ ଧରାଯାଇଛି।
- ଦୁର୍ଘଟଣା ରୋକିବା ପାଇଁ ପଶୁ ସଚେତନତା ଯନ୍ତ୍ର ପ୍ରସ୍ତାବ ରଖାଯାଇଛି।
- ଯାଜପୁରରେ କୁମ୍ଭୀର ଆତଙ୍କ : ବାଲିପଡିଆ ଦଣ୍ଡାସାହି ତୁଠରୁ ମହିଳାଙ୍କୁ କୁମ୍ଭୀର ଟାଣିନେଲା।
- ଲଦାଖରେ ଭାରତ ନିର୍ମାଣ କଲା ବିଶ୍ୱର ସବୁଠାରୁ ଉଚ୍ଚ ମୋଟରେବଲ ରାସ୍ତା।
- ବିହାରର ସମସ୍ତ ଆସନରେ ନିର୍ବାଚନ ଲଢିବ ମାୟାବତୀଙ୍କ ଦଳ।

### ସୁନା ଦର

୨୪ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୨,୦୭୭ (+୧୩୭)
୨୨ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୧,୦୭୦ (+୧୨୫)
୧୮ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୯,୦୫୮ (+୧୦୩)

### ରୁପା ଦର

ରୁପା – ପ୍ରତି ଗ୍ରାମ ୧୬୭ (+୨)

# କଟକ ସହରରେ ଆଉ ୨୪ ଘଣ୍ଟା ଇଣ୍ଟରନେଟ୍ ବନ୍ଦ

କଟକ, ୬।୧୦
ନ୍ୟୁଜ୍ ବ୍ୟୁରୋ

କଟକ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଅକ୍ଟୋବର ୭ ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି ବୋଲି ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ନିକଟରେ କଟକ ସହରରେ ଦେଖାଯାଇଥିବା ଗଣ୍ଡଗୋଳ ପରିପ୍ରେକ୍ଷୀରେ କଟକ ଜିଲ୍ଲାପାଳଙ୍କ ସୁପାରିସ କ୍ରମେ ଅସାମାଜିକ ବ୍ୟକ୍ତିମାନଙ୍କୁ ନିୟନ୍ତ୍ରଣ କରିବା ନିମନ୍ତେ ଇଣ୍ଟରନେଟ୍ ସେବା ବନ୍ଦର ବ୍ୟବସ୍ଥା କରାଯାଇଛି। କଟକ ମହାନଗର ନିଗମ ଅଞ୍ଚଳ, ସିଡ଼ିଏ ଅଞ୍ଚଳ ଓ ୪୨ ମୌଜା ଅଞ୍ଚଳରେ ଏହି କଟକଣା ଲାଗୁ କରାଯାଇଛି।

ଗୋଷ୍ଠୀ ବିବାଦ ଘଟଣା ନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି। ରବିବାର ଠାରୁ ପୁଲିସ ୩୬ ଘଣ୍ଟା (ପୃଷ୍ଠା ୭ରେ)

## ବିଶୃଙ୍ଖଳା ସୃଷ୍ଟି କରିଥିବା ୮ ଜଣ ବ୍ୟକ୍ତି ଗିରଫ

କଟକ, ୬।୧୦ : ନ୍ୟୁଜ୍ ବ୍ୟୁରୋ

କଟକ ସହରରେ ଅଶାନ୍ତି ସୃଷ୍ଟି କରିଥିବା ଘଟଣାରେ ୮ ଜଣଙ୍କୁ ସୋମବାର ଗିରଫ କରିଛି ପୋଲିସ। ଏନେଇ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ଭସାଣି ସମୟରେ ଅଶାନ୍ତି ସୃଷ୍ଟି କରି ଭଙ୍ଗାରୁଜା ଏବଂ ପୋଲିସକୁ ଆକ୍ରମଣ କରିବା ଘଟଣାରେ ଏମାନେ ଗିରଫ ହୋଇଛନ୍ତି। କଟକ ହିଂସାକୁ ନେଇ ଆଡଭାଇଜରୀ ଜାରି କରିଛି ପୋଲିସ। ସୋସିଆଲ ମିଡିଆରେ କୈଣସି ଖବର ପୋଷ୍ଟ କରିବା ପୂର୍ବରୁ ସତ୍ୟତା ଯାଞ୍ଚ କରିବା ସହ ମିଛ ଓ ଉତ୍ତେଜନାମୂଳକ ପୋଷ୍ଟ କରିବାରୁ ବିରତ ରହିବାକୁ ପରାମର୍ଶ ଦିଆଯାଇଛି।

## ଶାନ୍ତି ବଜାୟ ରଖିବାକୁ ଆଇନ୍ ମନ୍ତ୍ରୀଙ୍କ ଅପିଲ୍

ଭୁବନେଶ୍ୱର, ୬।୧୦
ନ୍ୟୁଜ୍ ବ୍ୟୁରୋ

କଟକ ଗଣ୍ଡଗୋଳକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଅପିଲ କରିଛନ୍ତି । ଆଇନ୍ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଉଦବେଗଜନକ ସ୍ଥିତିରୁ ଧିରେ ଧିରେ ସାଧାରଣ ହେଉଛି ପରିସ୍ଥିତି । ପୋଲିସ ଯଥା ଯୋଗ୍ୟ ପଦକ୍ଷେପ ନେବା କଥା ନେଇଛନ୍ତି । ମୁଖ୍ୟମନ୍ତ୍ରୀ ମଧ୍ୟ ଶାନ୍ତି ପାଇଁ ଅପିଲ କରିଛନ୍ତି। ସରକାରଙ୍କ ତରଫରୁ ଅନୁରୋଧ କରାଯାଉଛି। ଏଭଳି କିଛି ଘଟଣା ନଘଟୁ ଯାହାଦ୍ୱାରା ଓଡିଶା କିମ୍ବା (ପୃଷ୍ଠା ୭ରେ)

## କଟକ ସହର ପରିସ୍ଥିତିକୁ ନେଇ ଗଠନ ହେଲା ଶାନ୍ତି ସଦ୍‌ଭାବନା ସମିତି

କଟକ, ୬।୧୦
ନ୍ୟୁଜ୍ ବ୍ୟୁରୋ

କଟକ ହଜାର ବର୍ଷର ଐତିହାସିକ ସହର। କଟକର ଭାଇଚାରା ସମଗ୍ର ଦେଶ ପାଇଁ ଏକ ଉଦାହରଣ ହୋଇ ଛିଡା ହୋଇଛି। ଏହାର ଇତିହାସରେ ଦଙ୍ଗାର ସ୍ଥାନ ନାହିଁ। ଦୁର୍ଗା ପୂଜା ଭସାଣି ସମୟରେ ହୋଇଥିବା ଏକ ଦୁର୍ଘଟଣା ପାଇଁ କଟକ ନିନ୍ଦିତ ହୋଇଛି। ଏହାକୁ ଆଉ ଆଗକୁ ନବଢ଼ାଇ ଏଠାରେ ପୂର୍ବଭଳି ଶାନ୍ତି ସୌହାର୍ଦ୍ଦ୍ୟର ବାତାବରଣ ଫେରାଇ ଆଣିବାକୁ କଟକର ବିଭିନ୍ନ ବୁଦ୍ଧିଜୀବୀ, ସାମାଜିକ, ରାଜନୈତିକ କର୍ମୀ କଟକ ଗାନ୍ଧୀ ଭବନ (ପୃଷ୍ଠା ୭ରେ)

# ନଭେମ୍ବର ୬ ଓ ୧୧ରେ ହେବ ବିହାର ନିର୍ବାଚନ

ଭୁବନେଶ୍ୱର, ୬।୧୦
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ନଭେମ୍ବର ୬ ଏବଂ ୧୧ ତାରିଖରେ ଦୁଇଟି ପର୍ଯ୍ୟାୟରେ ହେବ ବିହାର ବିଧାନସଭା ନିର୍ବାଚନ। ୧୪ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ। ସୋମବାର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଚଳିତ ଥର ବିହାରରେ ସ୍ୱତନ୍ତ୍ର ପୁଙ୍ଖାନୁପୁଙ୍ଖ ପୁନଃନିରୀକ୍ଷଣ(ଏସଆଇଆର) କାର୍ଯ୍ୟକାରୀ ହୋଇ ସଂଶୋଧିତ ମତଦାତା ତାଲିକା ପ୍ରକାଶ କରାଯାଇଛି।

ବିହାରରେ ୨୪୩ ବିଧାନସଭା ଆସନ ରହିଛି। ପର୍ଯ୍ୟାୟକ୍ରମେ ଏସବୁ ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ବର୍ତ୍ତମାନ ବିହାରରେ ନୀତିଶ କୁମାରଙ୍କ ସରକାର ରହିଛି। ନୀତିଶ କୁମାରଙ୍କ ଜେଡିୟୁ ଏବଂ



ବିଜେପି ମେଣ୍ଟ ସରକାର ରାଜ୍ୟରେ ଶାସନ କରୁଛି। ଚଳିତ ନିର୍ବାଚନରେ ମୋଟ ୭ କୋଟି ୪୨ ଲକ୍ଷ ଭୋଟର ମତଦାନ କରିବେ। ସେମାନଙ୍କ ମଧ୍ୟରେ ପୁରୁଷ ମତଦାତାଙ୍କ ସଂଖ୍ୟା ୩ କୋଟି ୯୨ ଲକ୍ଷ ଏବଂ ମହିଳା ମତଦାତାଙ୍କ ସଂଖ୍ୟା ୩ କୋଟି ୫୦ ଲକ୍ଷ। ନିର୍ବାଚନ ପାଇଁ ୯୦ ହଜାର ୭୧୨ ମତଦାନ କେନ୍ଦ୍ର ହୋଇଛି। ୧୪ ଲକ୍ଷ ଭୋଟର ପ୍ରଥମ ଥର ଲାଗି ମତଦାନ କରିବେ। ୧୪ ହଜାର ଶତାୟୁ ଭୋଟର ରହିଛନ୍ତି।

# ଆତ୍ମସମର୍ପଣ କଲେ ୩ ମାଓବାଦୀ




ମାଲକାନଗିରି, ୬।୧୦
ନ୍ୟୁଜ୍ ବ୍ୟୁରୋ

ସୀମାନ୍ତ ଛତିଶଗଡ଼ର ଗରିଆବନ୍ଦ ଜିଲ୍ଲାରେ ସୋମବାର ପୁଲିସ ନିକଟରେ ଦୁଇ ଜଣ ମହିଳା ମାଓବାଦୀ ସମେତ ୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସମସ୍ତଙ୍କ ମୁଣ୍ଡରେ ଏକ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ସମସ୍ତ ନକ୍ସଲ ଓଡ଼ିଶା କମିଟିର ସଦସ୍ୟ ବୋଲି ଜଣାପଡ଼ିଛି। ଆତ୍ମସମର୍ପଣ କରିଥିବା ନକ୍ସଲମାନେ ହେଲେ ଜୈନୀ, ମନିଲା ଏବଂ ଦିନେଶ। ସମସ୍ତେ ନିଜର ବନ୍ଧୁକ ସହ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସରକାରଙ୍କର ଆତ୍ମନିର୍ଭରଶୀଳ ନୀତି ଏବଂ ପୁଲିସର (ପୃଷ୍ଠା ୭ରେ)

# ପ୍ରଧାନ ବିଚାରପତିଙ୍କ ଉପରକୁ ଜୋତା ଫିଙ୍ଗିବାକୁ ଉଦ୍ୟମ କରିଥିବା ଓକିଲଙ୍କ ଲାଇସେନ୍ସ ରଦ୍ଦ

ନୂଆଦିଲ୍ଲୀ, ୬।୧୦

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ବି.ଆର ଗଭାଇଙ୍କ ଉପରକୁ ଜୋତା ଫିଙ୍ଗିବାକୁ ଉଦ୍ୟମ କରିଥିବା ଆଇନଜୀବୀ ରାକେଶ କିଶୋରଙ୍କୁ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆରୁ ନିଲମ୍ବନ କରାଯାଇଛି। ଏହି ଅବଧି ମଧ୍ୟରେ ସେ ଓକିଲାତି କରିପାରିବେ ନାହିଁ। ବିସିଆଇ ତାଙ୍କ ଲାଇସେନ୍ସ ମଧ୍ୟ ରଦ୍ଦ କରିଛି।

ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ଜଣାଇଛି କି ଏହି ମାମଲାରେ ଓକିଲଙ୍କ ବିରୋଧରେ ଅନୁଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ୧୫ ଦିନ ମଧ୍ୟରେ ଶୋକଜ୍ ନୋଟିସ୍ ଜାରି କରାଯିବ। ନୋଟିସର ଜବାବ ଓ ମାମଲାର ଯାଞ୍ଚ ଆଧାରରେ କାଉନସିଲ୍ ଉଚିତ୍ ଓ ଆବଶ୍ୟକ





ଆଦେଶ ପାରିତ କରିବ ।

ସୂଚନାଯୋଗ୍ୟ ମୁଖ୍ୟ ବିଚାରପତି ଜଷ୍ଟିସ୍ ବି.ଆର ଗଭାଇ ଶୁଣାଣି କରୁଥିବା ସମୟରେ ଯୋତା ଫିଙ୍ଗିବାକୁ ଉଦ୍ୟମ କରିବା ସହ ଚିତ୍କାର କରି ରାକେଶ କହିଥିଲେ କି, 'ସନାତନଙ୍କ ପ୍ରତି ଅପମାନ ସହ୍ୟ କରିବି ନାହିଁ' । ଆକ୍ରମଣ ଉଦ୍ୟମ ପରେ କୋର୍ଟ କର୍ମଚାରୀମାନେ ତାଙ୍କୁ ପୁଲିସ ଜିମା (ପୃଷ୍ଠା ୭ରେ)

## ସିଆରପିଏଫ୍ ସବ୍ ଇନ୍ସପେକ୍ଟରଙ୍କ ବଳିଦାନରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୧୦
ନ୍ୟୁଜ୍ ବ୍ୟୁରୋ

ଜମ୍ମୁ ଓ କଶ୍ମୀରରେ କର୍ତ୍ତବ୍ୟରତ କେନ୍ଦୁଝରର ସିଆରପିଏଫ୍ ସବ୍ ଇନ୍ସପେକ୍ଟର ବଳରାମ ବେହେରାଙ୍କ ବଳିଦାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଜମ୍ମୁ ଓ କଶ୍ମୀରରେ କର୍ତ୍ତବ୍ୟରତ ୫୨ ବାଟାଲିୟନ, ସିଆରପିଏଫ୍‌ର ସବ୍ ଇନ୍ସପେକ୍ଟର ବଳରାମ ବେହେରାଙ୍କ ସର୍ବୋଚ୍ଚ ବଳିଦାନ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ। କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକର ଏହି ବୀର ସନ୍ତାନଙ୍କ କର୍ତ୍ତବ୍ୟ ନିଷ୍ଠା ଓ ସାହସ ସର୍ବଦା ସ୍ମରଣୀୟ ହୋଇ ରହିବ। ଏହି ଦୁଃଖଦ ସମୟରେ ମୁଁ ତାଙ୍କ (ପୃଷ୍ଠା ୭ରେ)

## ଏକାଳ ପଖାଳ



ମା' ଅନ୍ନପୂର୍ଣ୍ଣା ବିରାଜିଛନ୍ତି
ଆନନ୍ଦିତ ପୁରପଲ୍ଲୀ
ଲକ୍ଷ୍ମୀମାତାଙ୍କ ଆଗମନେ ଜନେ
ଦୁଃଖ ଯିବ ପୁରା ଚାଲି
ଏତିକି ଅଳି ମା' ଖାଲି
ଦାରିଦ୍ର୍ୟ ହେଉ ପାପ ନାଶ ହେଉ
ଭବିଷ୍ୟତ ହସୁ ଖାଲି ।

# ଆଇଏମ୍‌ଡିର ଚେତାବନୀ : ରାଜ୍ୟରେ ୧୦ ପର୍ଯ୍ୟନ୍ତ ପ୍ରବଳ ଝଡ଼ବର୍ଷା ସମ୍ଭାବନା



ଭୁବନେଶ୍ୱର, ୬।୧୦
ନ୍ୟୁଜ୍ ବ୍ୟୁରୋ

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡ଼ି) ଅନୁଯାୟୀ, ଓଡ଼ିଶାରେ ୧୦ ଅକ୍ଟୋବର ପର୍ଯ୍ୟନ୍ତ ଝଡ଼ବର୍ଷା, ଘୂର୍ଣ୍ଣିଝଡ଼ ଓ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ। ଉତ୍ତର ବିହାରରୁ ଝାଡ଼ଖଣ୍ଡ ଦେଇ ଉତ୍ତର ଓଡ଼ିଶା ପର୍ଯ୍ୟନ୍ତ ଥିବା ଟ୍ରଫ୍ ଲାଇନ ଏବେ କମ୍ ପ୍ରଭାବଶାଳୀ ହୋଇଛି।

ଆଇଏମ୍‌ଡ଼ି ସୂଚନା ଅନୁଯାୟୀ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲା ପାଇଁ ୭ ଓ ୮ ଅକ୍ଟୋବର ପାଇଁ 'ୟେଲୋ ୱାର୍ଣ୍ଣିଂ' ଜାରି କରିଛି। ଏହି ଜିଲ୍ଲାଗୁଡ଼ିକରେ ଝଡ଼ବର୍ଷା, ବିଜୁଳି ଓ ୩୦-୪୦ କିମି ବେଗରେ ଘୂର୍ଣ୍ଣିଝଡ଼ ହେବାର ସମ୍ଭାବନା ରହିଛି।

୯ ଓ ୧୦ ଅକ୍ଟୋବରରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କିଛି ସ୍ଥାନରେ (ପୃଷ୍ଠା ୭ରେ)

# ମେଡିସିନ୍‌ରେ ୩ ଜଣଙ୍କୁ ନୋବେଲ ପୁରସ୍କାର



ନୂଆଦିଲ୍ଲୀ, ୬।୧୦

୨୦୨୫ ବର୍ଷ ପାଇଁ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ମେଡିସିନ କ୍ଷେତ୍ରରେ ୩ ଜଣଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ସେମାନେ ହେଲେ ଆମେରିକାର ମେରି ଇ. ବ୍ରାଙ୍କୋ, ଫ୍ରେଡ ରାମ୍ସଡେଲ ଏବଂ ଜାପାନର ଶିମୋନ ସକାଗୁଚୀ। ପେରିଫେରାଲ ଇମ୍ୟୁନ ଟଲରାନ୍ସ(ଶରୀରର ବାହାର ଅଂଶରେ (ପୃଷ୍ଠା ୭ରେ)





# ୧୧ ତାରିଖରୁ ଏସିଆନ ଟିଟି ଟିମ୍ ଚାମ୍ପିଅନସିପ୍ : ସାମିଲ ହେବେ ୨୨ ଦେଶର ପ୍ରତିଯୋଗୀ




ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆସନ୍ତା ୧୧ ତାରିଖରୁ ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିଅନସିପ୍ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ । ୫ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ଟି ଦେଶରୁ ୫୦୦ ଖେଳାଳି ଏବଂ ମ୍ୟାଚ୍ ଅଫିସିଆଲ୍ ଭାଗ ନେବାର କାର୍ଯ୍ୟକ୍ରମ ରହିଛି । ଏନେଇ ପୁରୀର ଲାଇଟ୍ ହାଉସ ଠାରେ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଉଦ୍ୟମରେ ଏକ ବାଲୁକା କଳାକୃତି (୧୮ ଫୁଟ ଲମ୍ବା ଏବଂ ୭ ଫୁଟ ଉଚ୍ଚ) ପ୍ରଦର୍ଶିତ ହୋଇଥିଲା । ଭାରତରେ ୧୬ ବର୍ଷ ପରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି।

ଓଡ଼ିଶା ପ୍ରଥମ ଥର ଏଭଳି ଚାମ୍ପିଅନସିପ୍ ଆୟୋଜନର ଅଧିକାର ପାଇଛି । ଚୀନ, ଜାପାନ, ଦକ୍ଷିଣ କୋରିଆ ଆଦି ବିଶ୍ୱର ଶ୍ରେଷ୍ଠ ଦଳ ଏବଂ ଶ୍ରେଷ୍ଠ ଟେବୁଲ ଟେନିସ ଖେଳାଳିମାନଙ୍କର କ୍ରୀଡ଼ା ନୈପୁଣ୍ୟର ଝଲକ ଦେଖିବାକୁ ମିଳିବ । ଓଡ଼ିଶାରେ ଟେବୁଲ ଟେନିସର ପ୍ରସାର କରିବା ନିମନ୍ତେ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ସଂଘ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକାଧିକ ପଦକ୍ଷେପ ନିଆଯାଇଛି ।

# କ୍ରମାଗତ ବଢୁଛି ସୁନା ଦର ୧୦ ମାସରେ ବଢ଼ିଲାଣି ୪୦ ହଜାର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଚଳିତ ସପ୍ତାହରେ ସୁନା ଦର ପାଖାପାଖି ୩୭୦୦ ଟଙ୍କା ମହଙ୍ଗା ହୋଇଛି। ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ)ର ସୂଚନା ଅନୁଯାୟୀ, ଗତ ଶନିବାର ଅର୍ଥାତ ସେପ୍ଟେମ୍ବର ୨୭ରେ ଦେଶରେ ସୁନା ଦାମ୍ ୧,୧୩,୨୬୨ ଟଙ୍କା ଥିଲା। କିନ୍ତୁ ଚଳିତ ଏହା ୧,୧୬,୯୫୪ ଟଙ୍କାରେ ପହଞ୍ଚିଛି। ଅର୍ଥାତ ପ୍ରତି ୧୦ ଗ୍ରାମ୍ ସୁନା ଦାମ୍ ୩୬୯୨ ଟଙ୍କା ବୃଦ୍ଧି ପାଇଛି। ସେହିଭଳି ରୁପା ଦାମ୍ ଗତ ଶନିବାର କିଲୋଗ୍ରାମ ପିଛା ୧,୩୮,୦୦୦ ଟଙ୍କା ଥିଲା। ଅକ୍ଟୋବର ୪ରେ ଏହା ୧,୪୫,୬୧୦ ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ଚଳିତ ସପ୍ତାହରେ କିଲୋଗ୍ରାମ ପିଛା ରୁପା ଦର ୭୬୧୦ ଟଙ୍କା ମହଙ୍ଗା ହୋଇଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ସୁନା ଦର ୪୦,୭୯୨ ଟଙ୍କା ମହଙ୍ଗା ହୋଇଗଲାଣି। ୨୦୨୪ ଡିସେମ୍ବର ୩୧ରେ ୧୦ ଗ୍ରାମ୍ ପିଛା ସୁନା ଦର ୭୬,୧୬୨ ଟଙ୍କା ଥିଲା ବର୍ତ୍ତମାନ ଏହା ୧,୧୬,୯୫୪ ଟଙ୍କାରେ ପହଞ୍ଚିଛି। ସେହିଭଳି ରୁପା ଦର ୫୯,୫୯୩ ଟଙ୍କା ମହଙ୍ଗା ହୋଇଛି। ୨୦୨୪ ଡିସେମ୍ବର ୩୧ରେ କିଲୋଗ୍ରାମ ପିଛା ରୁପା ଦର ୮୬,୦୧୭ ଟଙ୍କା ଥିଲା, ଯାହା ବର୍ତ୍ତମାନ ୧,୪୫,୬୧୦ ଟଙ୍କାରେ ପହଞ୍ଚିଛି। ଆଗାମୀ ଦିନରେ ସୁନା ଦର ଆହୁରି ବଢ଼ିବ ବୋଲି ବିଭିନ୍ନ ସଂସ୍ଥା ଆକଳନ କରୁଛନ୍ତି। ଭୁବନେଶ୍ୱରରେ ସୁନା ଦର ଚଳିତ ବର୍ଷ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ପାଖାପାଖି ୪୨ ହଜାର ଟଙ୍କା ବୃଦ୍ଧି ପାଇଛି। ବର୍ଷ ଆରମ୍ଭରେ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ସୁନା ଦର ୭୭ ହଜାର ୫୬୦ ଟଙ୍କା (୨୪ କ୍ୟାରେଟ୍) ଥିଲା। ସମ୍ପ୍ରତି ଏହା ୧ଲକ୍ଷ ୧୯ ହଜାର ୪୦୦ ଟଙ୍କା ଛୁଇଁଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ଚଳିତ ବର୍ଷ ଆରମ୍ଭରେ ୧୦ ଗ୍ରାମ୍‌କୁ ୭୧ ହଜାର ୧୧୦ ଟଙ୍କା ଥିବାବେଳେ ଏବେ ଏହା ୧ ଲକ୍ଷ ୯ ହଜାର ୪୫୦ ଟଙ୍କାରେ ପହଞ୍ଚିଛି। ଏହା ଉପରେ ଜିଏସ୍‌ଟି ୩ ପ୍ରତିଶତ ଓ ଗଢ଼ା ମଜୁରି ମିଶିବା ପରେ ଅଳଙ୍କାର କିଣିବା ସାଧାରଣ ଗ୍ରାହକଙ୍କ ପାଇଁ କଷ୍ଟକର ହୋଇ ପଡୁଛି। ସୁନା ଦର ବୃଦ୍ଧିର ଏକାଧିକ କାରଣ ରହିଛି। ଗୋଟିଏ ହେଲା କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବହୁମାତ୍ରାରେ ସୁନା କିଣୁଛନ୍ତି। ଏହାର ପ୍ରଭାବ ଦର ଉପରେ ପଡୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କର ନୀତିକୁ ନେଇ ଅନିଶ୍ଚିତତା ସୁନା ଦର ବୃଦ୍ଧିର ଅନ୍ୟତମ କାରଣ ପାଲଟିଛି।



## ନାବାଳକ ପାପୁଲିରେ ଗଳିଗଲା ଗ୍ରିଲ୍ ରଡ୍: ଚିକିତ୍ସା କରାଇଲେ କର୍ପୋରେଟର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସ୍କୁଲ୍ ପଡ଼ିଆରେ ଖେଳିବାକୁ ଗ୍ରିଲ୍ ଗେଟ୍ ଡେଇଁବା ବେଳେ ଜଣେ ନାବାଳକଙ୍କ ହାତରେ ରଡ୍ ଗଳିଯାଇଥିଲା। ମୁନିଆ ରଡ୍ ମଣିବନ୍ଧ ତଳୁ ଗଳି ପାପୁଲିରେ ଫୁଟି ବାହାରିପଡ଼ିଥିଲା। ସୌଭାଗ୍ୟକୁ ତୁରନ୍ତ ନାବାଳକଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯିବାରୁ ସେ ବର୍ତ୍ତିଯାଇଛନ୍ତି। ଅସ୍ତ୍ରୋପଚାର ପରେ ରଡ୍ ବାହାର କରାଯାଇଛି ଏବଂ ନାବାଳକଜଣକ ସୁସ୍ଥ ଅଛନ୍ତି। ଆଜି ଅପରାହ୍ଣରେ ବଡ଼ଗଡ଼ ସ୍କୁଲ୍ ପଡ଼ିଆରେ ଏହି ଘଟଣାଟି ଘଟିଛି। ସ୍ଥାନୀୟ କର୍ପୋରେଟର ଅଜିତ ବେହେରା ନାବାଳକକୁ ଉଦ୍ଧାର ସହ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିଛନ୍ତି। ବଡ଼ଗଡ଼ ସ୍କୁଲ୍ ନିକଟରେ ରହୁଥିବା ସେକ୍ ମଜିଦ୍‌ଙ୍କ ୯ବର୍ଷ ବୟସର ପୁଅ ସେକ୍ ମୁକ୍ତାର ଖେଳିବା ପାଇଁ ଯାଇଥିଲେ। ସେ ପଡ଼ିଆ ଭିତରକୁ ଯିବା ଲାଗି ଗେଟ୍‌ରେ ଚଢ଼ି ଡେଇଁବାକୁ ଉଦ୍ୟମ କରୁଥିଲେ। ଗ୍ରିଲ୍ ଉପରୁ ତଳକୁ ଡେଇଁବା ବେଳେ ମୁନିଆ ରଡ୍ ତାଙ୍କ ହାତରେ ଗଳି ଯାଇଥିଲା। ରଡ୍‌ଟି ପାପୁଲିରେ ଗଳି ଲାଗିରହିଥିଲା। ମୁକ୍ତାରଙ୍କ ଚିତ୍କାର ଶୁଣି ପଡ଼ିଆରେ ଖେଳୁଥିବା ପିଲାମାନେ ଧାଇଁ ଆସିଥିଲେ। ଖବର ପାଇ କର୍ପୋରେଟର ଅଜିତ ବେହେରା ସେଠାରେ ପହଞ୍ଚି ରଡ୍ କାଟିବାକୁ ବ୍ୟବସ୍ଥା କରିଥିଲେ। ଏହା ଭିତରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ମାତ୍ର ଆମ୍ବୁଲାନ୍ସ ପହଞ୍ଚିବା ବିଳମ୍ବ ହୋଇଥିଲା। ରଡ୍ କଟା ସରିବା ପରେ କର୍ପୋରେଟରଶ୍ରୀ ବେହେରା ପୁଲିସ ଗାଡ଼ିରେ ମୁକ୍ତାରକୁ ଏକ ଘରୋଇ ହସ୍ପିଟାଲ୍‌କୁ ନେଇ ଚିକିତ୍ସା କରାଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ହାତରୁ ମିଳିଲା ପୁରସ୍କାର, ସଫଳତା କାହାଣୀ କହିଲେ ଦୁଇ ଆଇଟିଆଇ ଛାତ୍ର

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ଚମକିଲେ ଓଡ଼ିଆ ଛାତ୍ର । ଇଲେକ୍ଟ୍ରୋନିକ୍ସ ମେକାନିକ ଟ୍ରେଡ ଏବଂ ଇଲେକ୍ଟ୍ରିସିଆନ୍ ଟ୍ରେଡରେ ଦୁଇ ଓଡ଼ିଆ ଆଇଟିଆଇ(ଆଇଟିଆଇ) ଛାତ୍ର ସର୍ବ ଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି । ଗତ ୪ ତାରିଖରେ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ କୌଶଳ ଦୀକ୍ଷାନ୍ତ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ପୁରସ୍କୃତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଗଞ୍ଜାମ ଓ କନ୍ଧମାଳ ଭଳି ଜିଲ୍ଲାର ଦୁଇ ଛାତ୍ର। ସେମାନେ ହେଲେ ଜିତେନ୍ଦ୍ର ପ୍ରଧାନ ଓ ପ୍ରମୋଦ ଦଳପତି । ଉଭୟଙ୍କୁ ସବୁ ମହଲରୁ ଶୁଭେଚ୍ଛା ସୁଅ ଛୁଟୁଥିବା ବେଳେ ପ୍ରଧାନମନ୍ତ୍ରୀଙ୍କଠାରୁ ପୁରସ୍କୃତ ହେବା ପରେ ଏକ ନ୍ୟୁଜ ସରବହାରରେ ଅନୁଭୂତି ବଖାଣିଛନ୍ତି ଉଭୟ। ଅକ୍ଟୋବର ୪ରେ କୌଶଳ ଦୀକ୍ଷାନ୍ତ ସମାରୋହ-୨୦୨୫ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନୂଆଦିଲ୍ଲୀରେ ଆୟୋଜିତ ଏହି ସମାରୋହରେ ୪୬ ଗୋଟି ଆଇଟିଆଇ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଏହି ତାଲିକାରେ ରହିଥିଲେ ଓଡିଶାର ଦୁଇ ଓଡିଆ ଛାତ୍ର। କନ୍ଧମାଳ ଜିଲ୍ଲାର ଫୁଲବାଣୀର ସରକାରୀ ଆଇ.ଟି.ଆଇର ପୂର୍ବତନ ଛାତ୍ର ପ୍ରମୋଦ ଦଳପତି ଏବଂ ଗଞ୍ଜାମ ହିଞ୍ଜିଳିକାଟୁ ସରକାରୀ ଆଇ.ଟି.ଆଇର ପୂର୍ବତନ ଛାତ୍ର ଜିତେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇ ଓଡିଶାକୁ ଫେରିଛନ୍ତି। ଦୁଇ ଓଡିଆ ଛାତ୍ରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଛୁଟିଛି ଶୁଭେଚ୍ଛାର ସୁଅ । 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ମଞ୍ଚରେ ପୁରସ୍କୃତ ହେବି ତାହାକୁ କେବେ କଳ୍ପନାରେ ସୁଦ୍ଧା ବିଶ୍ୱାସ କରିନଥିଲି ।' ଏକ ସାମ୍ବାଦିକ ସମ୍ମିଳନୀରେ ଆଲୋଚନା ସମୟରେ ଏଭଳି କହିଛନ୍ତି କନ୍ଧମାଳ ଜିଲ୍ଲାର ଛାତ୍ର ପ୍ରମୋଦ ଦଳପତି । ପ୍ରଧାନମନ୍ତ୍ରୀ ପୁରସ୍କାର ପ୍ରଦାନ ସମୟରେ 'ବଧାଇ ହୋ' କହିଥିଲେ। ଭବିଷ୍ୟତରେ ଜଣେ ଭଲ ଇଂଜିନିୟର ହେବାକୁ ଲକ୍ଷ୍ୟ ରଖିଛନ୍ତି ପ୍ରମୋଦ । କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ବ୍ଲକ ଲଙ୍କାଗଡ ଅଞ୍ଚଳରେ ପ୍ରମୋଦ ଦଳପତିଙ୍କ ଘର । ବାପା ରାଜେନ୍ଦ୍ର ଦଳପତି ଏବଂ ମା' ସଙ୍ଗୀତାଙ୍କର ତୃତୀୟ ସନ୍ତାନ ଭାବରେ ଘରର ବଡ ପୁଅ ପ୍ରମୋଦ ଦଳପତି। ଗ୍ରାମରେ ସ୍କୁଲ ଶିକ୍ଷା ଶେଷ ପରେ ପ୍ରମୋଦ ରାଜଧାନୀ ଭୁବନେଶ୍ୱର ଚାଲିଯାଇଥିଲେ ଡିପ୍ଲୋମା କରିବାକୁ। ହେଲେ ବେସରକାରୀ ଶିକ୍ଷାନୁଷ୍ଠାନରେ ଅଧିକ ଅର୍ଥ ଆବଶ୍ୟକ ପଡୁଥିବା ଯୋଗୁଁ ପରିବାର ବର୍ଗ ତାହାକୁ ପ୍ରଦାନ କରିବାକୁ ସକ୍ଷମ ନଥିଲେ । ବର୍ଷେ ପରେ ସେ ବାଧ୍ୟ ହୋଇ ଡିପ୍ଲୋମା ପାଠ ଛାଡିବାକୁ ବାଧ୍ୟ ହୋଇଥିଲେ । ଶେଷରେ ନିଜ ଅଞ୍ଚଳର ତୁମୁଡିବନ୍ଧ ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ନାମ ଲେଖାଇଥିଲେ । ଯୁକ୍ତ ଦୁଇ ଶେଷ ପରେ ସମସ୍ତଙ୍କର ପରାମର୍ଶ କ୍ରମେ ଆଇଟିଆଇରେ ନାମ ଲେଖାଇଥିଲେ। ପିଲାଟି ଦିନରୁ ହିଁ ପ୍ରମୋଦଙ୍କର ଟେକ୍ନିସିଆନ୍ ପାଇଁ ଆଗ୍ରହ ରହିଥିଲା। ଛୋଟ ଥିବା ସମୟରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଦେଖିଲେ ମନରେ ବିଭିନ୍ନ ବିଷୟ ଉଙ୍କି ମାରୁଥିଲା। ଯାହାକୁ ନେଇ ଅନେକ ଭଙ୍ଗା ସାମଗ୍ରୀକୁ ପାଖରେ ରଖୁଥିଲେ। ନିଜର ପରୀକ୍ଷା ନିରୀକ୍ଷା କରୁଥିଲେ ଏହି ବିଦ୍ୟାର୍ଥୀ । ଚଳିତବର୍ଷ ସର୍ବଭାରତୀୟ ଟପ୍ପର ସହିତ ଇଷ୍ଟନ ଜୋନରେ ସର୍ବଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ଚୟନ କରାଯାଇଥିଲା । ଏଥିରେ ପ୍ରମୋଦ ଇଷ୍ଟନ ଜୋନ୍ ସ୍ତରରେ ସିପିଏସରେ ଚୟନ ହୋଇଥିଲେ । ପ୍ରମୋଦ ଏକ ନ୍ୟୁଜ ସରବରାହକୁ କହିଛନ୍ତି, ଆଇଟିଆଇ ବିଦ୍ୟାର୍ଥୀ କେବେ ପାଠପଢା ଶେଷ ହେଲେ ବେକାରୀ ରହିବେ ନାହିଁ କି ନିଯୁକ୍ତି ପଛରେ ଦୌଡିବାକୁ ପଡିବ ନାହିଁ। ବରଂ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ । ତାଙ୍କ ସଫଳତା ପଛରେ ନିଜ ଶିକ୍ଷାନୁଷ୍ଠାନର ଟ୍ରେଡ୍ ସାର ସୁଧାଂଶୁ କୁମାର ରାଜଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଫୁଲବାଣୀ ଆଇଟିଆଇ ଗତ ତିନି ବର୍ଷ ଧରି ଏଭଳି ସଫଳତା ପାଉଥିବା ସେ କହିଛନ୍ତି । ପ୍ରମୋଦଙ୍କ ସଫଳତା ନେଇ ଶିକ୍ଷାନୁଷ୍ଠାନର ଅଧକ୍ଷ ସୁଧାଂଶୁ କୁମାର ରାଜ କୁହନ୍ତି, 'ସେ ଭଲ ପାଠ ପଢିବା ସହିତ ଭଲ ପ୍ରାକ୍ଟିକାଲ କରେ। ଯାହା କୁହାଯାଏ ତାହା କରିବା ସହିତ ଅନ୍ୟ ବିଷୟକୁ ଜାଣିବା ପାଇଁ ଆଗ୍ରହ ରହିଥାଏ। ରାଜ୍ୟରେ ଏକ ମାତ୍ର ଆଇଟିଆଇ ବିଦ୍ୟାର୍ଥୀ ଭାବରେ ସେ ଏଭଳି ସଫଳତା ପାଇଛି ।' ନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଥିବା ଅନ୍ୟ ଜଣେ ଓଡିଆ ବିଦ୍ୟାର୍ଥୀ ହେଲେ ଗଞ୍ଜାମ ଜିଲ୍ଲାର ଜିତେନ୍ଦ୍ର ପ୍ରଧାନ । ସେ କହିଛନ୍ତି, 'ଓଡିଶାରୁ ଯାଇ ସର୍ବଭାରତୀୟ ସ୍ତରରେ ପ୍ରତିନିଧିତ୍ୱ କରୁଥିବାରୁ ବହୁତ ଖୁସି। ଆଗକୁ ଭୁବନେଶ୍ୱରର ଏନ୍.ଏସ୍.ଆଇ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ବେଳେ କିପରି ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବେ ସେ ନେଇ ଲକ୍ଷ୍ୟ ରଖିଛି।' ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ବ୍ଲକ ଫାସିଗୁଡା ଅଞ୍ଚଳର ସୁଦର୍ଶନ ପ୍ରଧାନ ଓ ଜାନକୀଙ୍କ ବଡ ପୁଅ ଜିତେନ୍ଦ୍ର। ସ୍କୁଲ ଶିକ୍ଷା ଶେଷ ପରେ ଖେମୁଣ୍ଡି କଲେଜରେ ଯୁକ୍ତଦୁଇ ଶିକ୍ଷା ପରେ ହିଞ୍ଜିଳି ଅଞ୍ଚଳର ସରକାରୀ ଆଇଟିଆଇରେ ନାମ ଲେଖାଇଥିଲେ । ଏପରିକି ଶିକ୍ଷା ଶେଷ ପରେ ଟାଟା ପାୱାରରେ ଜଣେ ଲାଇନମ୍ୟାନ୍ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ନିଜେ ଅନୁଭୂତି ସମ୍ପର୍ଣ୍ଣ ହେବା ପାଇଁ । ପରେ ରାଜଧାନୀ ଭୁବନେଶ୍ୱରେ ରହିଥିବା ଶିକ୍ଷାନୁଷ୍ଠାନରେ ଗୋଟିଏ ବର୍ଷ ପାଇଁ ତାଲିମ ନେବା ପରେ ଭୁବନେଶ୍ୱରରେ ରହିଥିବା ଘଝଞ୍ଜଓରେ ଆଇଟିଆଇ ପ୍ରଶିକ୍ଷକ ପଦବୀ ପାଇଁ ସ୍ୱତନ୍ତ୍ର ତାଲିମ ନେଇଥିଲେ। ଯାହାକି ଜାତୀୟ ସ୍ତରୀୟ ପରୀକ୍ଷାରେ ରାଙ୍କ ୧ ରେ ସ୍ଥାନିତ ହୋଇଥିଲେ ଜିତେନ୍ଦ୍ର ପ୍ରଧାନ। ଆଗାମୀ ଦିନରେ ଏହି ଟ୍ରେଡ ହିଁ ଆଗକୁ ବଢିବେ ବୋଲି କହିଛନ୍ତି ।' ନିଜ ଉପରେ ଭରସା ରହିଥିଲା । ଯାହାକୁ ନେଇ ପଢାପଢି ଅଧିକ ରହିଥିଲା ଏବଂ ପରିଶ୍ରମ କରିଥିବା କହିଛନ୍ତି ଜିତେନ୍ଦ୍ର । ଏହି ଅବସରରେ ହିଞ୍ଜିଳିକାଟୁ ସରକାରୀ ଆଇଟିଆଇର ଅଧକ୍ଷାଙ୍କ କହିବା କଥା ୨୦୧୮ ରୁ ୨୦୨୦ ପର୍ଯ୍ୟନ୍ତ ଇଲେକ୍ଟ୍ରିସିଆନ୍ ଟ୍ରେଡରେ ଅଧ୍ୟୟନ କରୁଥିଲେ ପରେ ଏଠାରୁ ରାଜଧାନୀ ଭୁବନେଶ୍ୱର ଯାଇଥିଲେ । ଆମର ବିଦ୍ୟାର୍ଥୀ ଏପରି ପୁରସ୍କୃତ ହୋଇଥିବାରୁ ଆମେ ଗୌରବାନ୍ୱିତ ଅନୁଭବ କରୁଛୁ। ଦୁଇ ଆଇଟିଆଇ ଛାତ୍ରଙ୍କ ସଫଳତା ପାଇଁ ବିଭିନ୍ନ ମହଲରୁ ଛୁଟୁଛି ଶୁଭେଚ୍ଛା ସୁଅ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଛାତ୍ରଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ଉଭୟଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ କାମନା କରିଛନ୍ତି । ରାଜ୍ୟ ସଡକ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।



# ଆଇଆଇଟି ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମ୍ପ୍ରତି ଆଇଆଇଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା' ସ୍ଥାପନକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପକୁ ସାଂସଦ ହାତ ପାଣ୍ଠି ଯୋଜନା ଅଧୀନରେ ପାଣ୍ଠି ଯୋଗାଇ ଦିଆଯିବ। ପ୍ରକଳ୍ପ ପାଇଁ ଆନୁମାନିକ ୪.୯୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା ଯୁବପିଢ଼ିଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତାରେ ସଜ୍ଜିତ କରି ଭାରତର ଗଭୀର ପ୍ରତିଭା ପୁଲରେ ଯୋଗଦାନ ଦେବ। ଏହି ପ୍ରୟୋଗଶାଳା ଆଇଆଇଟି ଭୁବନେଶ୍ୱରକୁ ସେମିକଣ୍ଡକ୍ଟର ଗବେଷଣା ଏବଂ ଦକ୍ଷତା ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାନିତ କରିବ। ଏହା ସାରା ଭାରତରେ ଆସୁଥିବା ଚିପ୍ ନିର୍ମାଣ ଏବଂ ପ୍ୟାକେଜିଂ ୟୁନିଟ୍ ପାଇଁ ପ୍ରତିଭା ବିକାଶ କରିବାରେ ସାହାଯ୍ୟ କରିବ। ନୂତନ ପ୍ରୟୋଗଶାଳା 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଡିଜାଇନ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ଆହୁରି ପ୍ରୋତ୍ସାହିତ କରିବ। ଏହା ଭାରତର ଦ୍ରୁତ-ବର୍ଦ୍ଧିଷ୍ଣୁ ସେମିକଣ୍ଡକ୍ଟର ଇକୋସିଷ୍ଟମ ପାଇଁ ଏକ ପ୍ରୋତ୍ସାହନକାରୀ ଭାବରେ କାର୍ଯ୍ୟ କରିବ। ଭାରତରେ ବିଶ୍ୱର ୨୦% ଚିପ୍ ଡିଜାଇନ୍ ପ୍ରତିଭା ଅଛନ୍ତି। ଦେଶର ୨୯୫ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଶିଳ୍ପ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ନୂଆ ଇଡିଏ ଉପକରଣ ବ୍ୟବହାର କରୁଛନ୍ତି। ୨୦ଟି ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ୨୮ଟି ଚିପ୍ସ ଏସସିଏଲ ମୋହାଲିରେ ଟେପ୍ କରାଯାଇଛି। ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ କିଛିଦିନ ପୂର୍ବେ ଅନୁମୋଦନ ମିଳିଛି। ଏଥିମଧ୍ୟରୁ ଗୋଟିଏ ହେଉଛି ସିଲିକନ୍ କାର୍ବାଇଡ୍ (ଏସଆଇସି) ଆଧାରିତ ଯୌଗିକ ସେମିକଣ୍ଡକ୍ଟର ପାଇଁ ଏକ ସମନ୍ୱିତ ସୁବିଧା। ଦ୍ୱିତୀୟଟି ହେଉଛି ଏକ ଉନ୍ନତ ଥ୍ରୀଡି ଗ୍ଲାସ୍ ପ୍ୟାକେଜିଂ ସୁବିଧା। ଆଇଆଇଟି ଭୁବନେଶ୍ୱର ପୂର୍ବରୁ ସିଲିକନ୍ କାର୍ବାଇଡ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର କାର୍ଯ୍ୟକାରୀ କରୁଛି। ନୂତନ ପରୀକ୍ଷାଗାର ପ୍ରତିଷ୍ଠାନର ବିଦ୍ୟମାନ କ୍ଲିନ୍ ରୁମ୍ ସୁବିଧାରେ ଯୋଡିବ। ଏହା ଭାରତରେ ସେମିକଣ୍ଡକ୍ଟର ଶିଳ୍ପକୁ ସମର୍ଥନ କରିବା ପାଇଁ ଗବେଷଣା ଓ ବିକାଶ ସୁବିଧା ପ୍ରଦାନ କରିବ।




# ଲିଙ୍ଗରାଜଙ୍କ ନିରନ୍ତର ନୀତି ଓ ଯାତ୍ରୀଙ୍କ ସେବାରେ ସମର୍ପିତ 'ଆମ ସାହି'

ପୁରୁଣା ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ




ପ୍ରାୟ ୧୫୦ବର୍ଷ ତଳର କଥା। ଶ୍ରୀଲିଙ୍ଗରାଜ ମନ୍ଦିରର ସମର୍ଥା ସେବାରେ ବାଧା ସୃଷ୍ଟି ହେଉଥିଲା। ସମର୍ଥା ପରିବାରରେ କାହାରି ମୃତ୍ୟୁ ହେଲେ, ଲିଙ୍ଗରାଜ ମନ୍ଦିରରେ ସମର୍ଥା ସେବା ବାଧାପ୍ରାପ୍ତ ହେଉଥିଲା। ପୂଜା ନୀତି ବନ୍ଦ ରହୁଥିଲା। ତେଣୁ ପ୍ରଭୁଙ୍କ ନିରନ୍ତର ନୀତି ପାଇଁ ୩ଟି ସମର୍ଥା ପରିବାର ପରକରଣ ସାହିରୁ ଅଲଗା ହୋଇଗଲେ। ଶତ୍ରୁଘ୍ନ ସମର୍ଥା, ଲୋକନାଥ ସମର୍ଥା ଓ ଜଗନ୍ନାଥ ସମର୍ଥାଙ୍କ ପରିବାର ପରକରଣ ସାହିରୁ ଅଲଗା ହୋଇ ଲିଙ୍ଗରାଜ ହାଟ ନିକଟରେ ବସବାସ କଲେ। ହାଟ ନିକଟରେ ନୂଆ ସାହିଟିଏ ଗଢିଉଠିବା ପରେ ଏହାକୁ ଲୋକେ ହାଟସାହି ବୋଲି କହିବା ଆରମ୍ଭ କଲେ। ଏହାର କିଛି ବର୍ଷ ପରେ ମନ୍ଦିରର କାହାଳୀ ସେବା ପାଇଁ ଦୁଇଟି ମହାପାତ୍ର ସେମାନଙ୍କ ସହ ଯୋଡ଼ିହେଲେ। ଦୈତାରୀ ମହାପାତ୍ର ଓ ଅନ୍ୟ ଜଣେ ଆସି ରହିଲେ। ସେହିପରି ମନ୍ଦିରରେ ଚପରାଶି ଚାକିରି କରିବା ପରେ ବାଞ୍ଛାନିଧି ସିଂଙ୍କ ପରିବାର ଏଠାରେ ରହିଲେ। ପରେ ତାଙ୍କ ସମ୍ପର୍କୀୟ ପଦ୍ମନାଭ ସିଂ ମଧ୍ୟ ଆସି ଏହି ହାଟସାହିରେ ରହିଲେ। ଏମିତିରେ ସାତଟି ପରିବାରର ମାଟି କାନ୍ଥ ଓ ଚାଳଛପର ଘରକୁ ନେଇ ହାଟସାହି ମୁଣ୍ଡ ଟେକିଲା। ସେତେବେଳେ କେଦାରଲେନ୍‌ରେ ୧୦/୧୨ଟି ବଙ୍ଗାଳି ପରିବାର ରହୁଥିଲେ। କେଦାର ରାୟ ବୋଲି ଜଣେ ବଙ୍ଗାଳୀଙ୍କ ନାମରେ ଏହାକୁ କେଦାର ଲେନ୍ କୁହାଗଲା। ବହୁ ପୂର୍ବରୁ ଡେଲାଙ୍ଗ ଅଞ୍ଚଳର ଜଣେ ଜମିଦାରଙ୍କର ବହୁ ଜମି ଦେବୀ ଗଳିରେ ଥିଲା। ପରେ ସେ ଖଣ୍ଡଖଣ୍ଡ କରି ବିକ୍ରି କରିଥିଲେ ଏବଂ ଲୋକେ କିଣି ଘର କରି ରହିଲେ। ଜମିଦାର ପରିବାରର ଏକ ବଡ଼ ସମାଧି ଥିଲା। ସାହିବାସିନ୍ଦାମାନେ ସେହି ସମାଧିକୁ ଉଠାଇ ସେଠାରେ ଏକ ଶିବ ମନ୍ଦିର ଓ ବନଦୁର୍ଗା ମନ୍ଦିର ଗଢ଼ାଇଥିଲେ। ଫଳରେ ଏମିତିରେ ହାଟସାହି ବଢ଼ିବଢ଼ି ଲିଙ୍ଗରାଜ ମହାପ୍ରଭୁଙ୍କ ବାପା-ମାଆ ମହାକାଳ ମହାକାଳୀ ମନ୍ଦିରରୁ କେଦାରଲେନ୍ ଛକ ପର୍ଯ୍ୟନ୍ତ ବିସ୍ତାର ଲାଭ କଲା। ହାଟସାହି ସହିତ କେଦାର ଲେନ୍, ଜଗନ୍ନାଥ ମଠ ରୋଡ୍, ହାଉସିଂବୋର୍ଡ କଲୋନି, ଦେବୀ ଗଳି ଆଦି ଯୋଡ଼ିହୋଇଗଲା। ଏବେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପରିବାର ଏଠାରେ ରହୁଛନ୍ତି ଏବଂ ଦଶହରାରେ ଆଖପାଖ ଲୋକଙ୍କୁ ମିଶାଇ ୨୫୦ ପରିବାର ସାମିଲ ହେଉଛନ୍ତି। ଆମର ପୂର୍ବରୁ ବଡ଼ଦାଣ୍ଡସାହିରେ ଘର ଥିଲା। ପରେ ଏହି ସାହିରେ ଜମି କିଣି ରହିଲୁ। ଜେଜେଙ୍କ ଅମଳରୁ ଲିଙ୍ଗରାଜ ମନ୍ଦିର ନିକଟରେ ଜଳଖିଆ ଦୋକାନ ରହିଛି। ସେତେବେଳେ ଗୁଲୁଗୁଲା, ଅଟା କାକରା ଖାଇବାକୁ ଲୋକ ଆସୁଥିଲେ। ମିଠା କହିଲେ ଜଲପି, ମାଲପୁଆ, ଖଜାପୁଆ, ଲବଙ୍ଗଲତା, ଖିରଗଜା, ଫେଣି ବିକ୍ରି ହେଉଥିଲା। ପଦ୍ମପତ୍ରରେ ଲୋକେ ଖାଉଥିଲେ ଏବଂ ମାଟି ପାତ୍ରରେ ଚା' ପିଉଥିଲେ। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ, ହସ୍ପିଟାଲ୍‌କୁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ଏବଂ ହାଟକୁ ଆସୁଥିବା ଲୋକେ ଏଠାରେ ଖାଉଥିଲେ। ଅନ୍ଧାରୁଆର ଜଣେ ବୈଦ୍ୟ ଏଠାରେ ଆୟୁର୍ବେଦ ଔଷଧ ଦୋକାନ କରିଥିଲେ। ଏଠାରେ ସୋମବାର ଓ ଗୁରୁବାର ଦୁଇ ଦିନ ହାଟ ବସୁଥିଲା। କାଳକ୍ରମେ ବାରଙ୍ଗ ଓ ଧଡ଼ାରୁ କିଛି ବଣିଆ ପରିବାର ଆସି ଏଠାରେ ରହିଲେ। ଭୁବନେଶ୍ୱରର ସର୍ବପ୍ରଥମ ଲୁଗା ଦୋକାନ, ତେଜରାତି ଦୋକାନ ଏହି ସାହିରେ ଭଡ଼ାଘରେ ଆରମ୍ଭ ହୋଇଥିଲା। କାଳକ୍ରମେ ବ୍ୟବସାୟୀମାନେ ଜମି କିଣି ରହିବା ସହ ନିଜ ଘରେ ଦୋକାନ କଲେ। ୧୯୭୨ମସିହାରେ ଏଠାରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଥିଲା। ଚାଳଘରଗୁଡ଼ିକ ପାଉଁଶ ହୋଇଗଲା। ବଣିଆମାନଙ୍କର ବହୁତ କ୍ଷତି ହେଲା। ଏହାପରେ ସେମାନେ ଟିଣ ଓ ସିମେଣ୍ଟ ଆଜ୍‌ବେଷ୍ଟସ୍ ଘର ତିଆରି କଲେ ଏବଂ ଧୀରେଧୀରେ ଛାତ ଘର ହେଲା। ଲିଙ୍ଗରାଜ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକଙ୍କୁ ଆମ ଜେଜେ ପରିବହନ ସେବା ଯୋଗାଉଥିଲେ। ରେଲ୍‌ୱେ ଷ୍ଟେସନ୍ ପାଖରୁ ବଳଦ ଟଣା ଶଗଡ଼ରେ ଆଣି ଧର୍ମଶାଳାରେ ରଖୁଥିଲେ। ସାହିବାସିନ୍ଦାଙ୍କ କୌଣସି ଶୁଭ କାମ ହେଲେ ମା' ବନଦୁର୍ଗାଙ୍କ ପାଖରେ ପ୍ରଥମ ପୂଜା କରାଯାଏ। ଦଶହାରାରେ ସାହିଭାଇ ହିସାବରେ ସମସ୍ତେ ଏକାଠି ହେଉଥିଲେ। କୌଣସି ସମସ୍ୟା ହେଲେ ମୁରବିମାନେ ଏକାଠି ହୋଇ ସମାଧାନ କରୁଥିଲେ। ହାଟ ଯୋଗୁ ଦୋକାନ ସଂଖ୍ୟା ବୃଦ୍ଧି ପାଇଲା।

# ଗାଡ଼କଣ କଂସେଇଖାନା: ୮ ବର୍ଷ ହେଲା ଭୂତକୋଠି, ଖତଖାଉଛି ଯନ୍ତ୍ରାଂଶ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



ରାଜଧାନୀର ରାସ୍ତାଘାଟରେ ଆଉ କଟା ହେବନି ଛେଳି। ମୁଖ୍ୟ ରାସ୍ତା ହେଉ କି ସାହି ଗଳିକନ୍ଦି, କେଉଁଠି ବି ଛେଳି କଟା ହେବନି କି ବିକ୍ରି ହେବନି ମାଂସ। ରାସ୍ତାରେ ଛୁଟିବନି ଅପରିଷ୍କାର ପାଣି ସୁଅ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୯ ନମ୍ବର ୱାର୍ଡ ଅନ୍ତର୍ଗତ ଗାଡ଼କଣରେ ଅତ୍ୟାଧୁନିକ କଂସେଇଖାନା ନିର୍ମାଣ ପାଇଁ ନିଷ୍ପତ୍ତି ହେଲା। ସୁପ୍ରିମକୋର୍ଟଙ୍କ ଆଦେଶ ଓ ପ୍ରାଣୀ ନିଷ୍ଠୁରତା ଆଇନ-୨୦୦୧ର ଅନୁପାଳନ ପାଇଁ ଏହି ନିଷ୍ପତ୍ତି ନେଇଥିଲା ବିଏମ୍‌ସି। ଏଥିପାଇଁ ବିଏମ୍‌ସି ପକ୍ଷରୁ ପ୍ରାୟ ସାଢ଼େ ୪ କୋଟି ଟଙ୍କା ବ୍ୟୟରେ ଏହି ଅତ୍ୟାଧୁନିକ କଂସେଇଖାନା ନିର୍ମାଣ ହେଲା। ଏ ଭିତରେ ନିଷ୍ପତ୍ତିକୁ ୧୨ ବର୍ଷ ଓ ନିର୍ମାଣକୁ ୮ ବର୍ଷ ବିତିଗଲାଣି, କିନ୍ତୁ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁନି। ପୂର୍ବବତ୍ ଏବେ ବି ରାସ୍ତାଘାଟରେ ମାଂସ କଟା ଚାଲିଛି। ଏହା ଏକ ନକରାତ୍ମକ ବାତାବରଣ ସୃଷ୍ଟି କରୁଛି ଓ କୋର୍ଟଙ୍କ ଆଦେଶକୁ ଖୋଲା ଉଲ୍ଲଂଘନ କରୁଛି। ଅପରପକ୍ଷେ ରକ୍ଷଣାବେକ୍ଷଣ ଅଭାବରୁ କଂସେଇଖାନାର କୋଟି କୋଟି ଟଙ୍କାର ଯନ୍ତ୍ରାଂଶ, ଘର ସବୁ ଖତଖାଉଛି। ଯେଉଁ କାଁ ଭାଁ ଦୋକାନୀ ଏଠାରେ ମାଂସ କାଟୁଛନ୍ତି, ସେମାନେ ବି ବେପାର ହେଉନଥିବାରୁ ମୁହଁ ମୋଡ଼ିଲେଣି। ୨୦୧୩ ମସିହାରେ ପ୍ରକଳ୍ପକୁ ଅନୁମୋଦନ ଓ ଡିପିଆର ପ୍ରସ୍ତୁତ ପରେ ଗାଡ଼କଣଠାରେ ପ୍ରାୟ ଅଧ ଏକର ଜାଗାରେ ଏହି ଅତ୍ୟାଧୁନିକ କଂସେଇଖାନା ନିର୍ମାଣ ହେଉଥିଲା। ଅନୁମୋଦିତ ବ୍ୟୟ ଅଟକଳରୁ ୫୦ ପ୍ରତିଶତ ରାଜ୍ୟ ସରକାରଙ୍କ ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଓ ୫୦ ପ୍ରତିଶତ ଋଣ ନେଇ ଖର୍ଚ୍ଚ କରାଗଲା। ଭୁବନେଶ୍ୱର ମହାନଗର ନିଗମ ଏହାର ନିର୍ମାଣ ଦାୟିତ୍ୱ ନେଇଥିଲା। ପ୍ରକଳ୍ପର ରୂପରେଖ ଅନୁଯାୟୀ, ଏହି ଅତ୍ୟାଧୁନିକ କଂସେଇଖାନାରେ ଦୈ?ନିକ ୧୦୦ଟି ଛେଳି କଟାଯିବାର ବ୍ୟବସ୍ଥା ହୋଇଥିଲା। ସେପଟେ ସ୍ୱାସ୍ଥ୍ୟକର ପରିବେଶରେ ମାଂସକଟାର ପୂର୍ଣ୍ଣ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଥିଲା। ମାଂସ କାଟିବା ପାଇଁ ଦୋକାନ ଘର ସହ ପ୍ରଶାସନିକ କୋଠା, ବିଶ୍ରାମ ଗୃହ, ଅତିଥି ଗୃହ, ଜଗୁଆଳି ଗୃହ ଆଦିର ନିର୍ମାଣ କରାଯାଇଥିଲା। ସୁବିଧାରେ ମାଂସ କାଟିବା ଓ ବିକ୍ରି କରିବା ପାଇଁ ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା କରାଯାଇଥିଲା। ସବୁ ଦୋକାନକୁ ବିଜୁଳି, ପାଣିର ସୁବିଧା କରାଯାଇଥିଲା। ଏଠାରୁ ନିର୍ଗତ ଆବର୍ଜନାର ପ୍ରକ୍ରିୟାକରଣର ବ୍ୟବସ୍ଥା ହୋଇଥିଲା। କଂସେଇଖାନା ଭିତରେ ରାସ୍ତାଘାଟ ସହ ଅନ୍ୟାନ୍ୟ ବିକାଶମୂଳକ କାମ କରାଯାଇଥିଲା। ଯେଉଁ ଛେଳି କଟାଯିବ, ତାର ସ୍ୱାସ୍ଥ୍ୟ ପରୀକ୍ଷା ଓ ଅନ୍ୟାନ୍ୟ ଯାଞ୍ଚ ପରେ ମାଂସ କାଟିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଡାକ୍ତରଙ୍କ ଚାମ୍ବର, ପରୀକ୍ଷାଗାରର ବ୍ୟବସ୍ଥା ହେଲା। କୋଠା ଓ ଭିତ୍ତିଭୂମି ନିର୍ମାଣରେ ୫୦ ପ୍ରତିଶତ ଓ ଅତ୍ୟାଧୁନିକ ଯନ୍ତ୍ରାଂଶ ସ୍ଥାପନରେ ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯାଇଥିଲା। ସଫଳ ହେଲେ, ରାଜ୍ୟର ଅନ୍ୟ ବଡ଼ ବଡ଼ ସହରରେ ଏଭଳି କଂସେଇଖାନା କରାଯିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହି କଂସେଇଖାନା ନିର୍ମାଣ ପରେ ବିଏମ୍‌ସି ଆଉ ବେପାର ଦିଗରେ ମନଧ୍ୟାନ ଦେଲାନି। ସମୟ ଗଡ଼ିବା ସହ ସୁପ୍ରିମକୋର୍ଟଙ୍କ ଆଦେଶକୁ ବି ଅନୁପାଳନ ଉପରେ କେହି ଚିନ୍ତା କଲେନି। ଫଳସ୍ୱରୂପ ଯେଉଁ ଦାମୀ ଯଂନ୍ତ୍ରାଶ ସବୁ ଲାଗିଥିଲା, ତାହା ବ୍ୟବହାର ନ ହୋଇ ଖତ ଖାଇଗଲାଣି। ଘର ସବୁ ଫାଟି ଆଁ ମେଲିଲାଣି। ୯ ନମ୍ବର ୱାର୍ଡ କର୍ପୋରେଟର୍ ସୁଷମା ସାହୁ କହିଛନ୍ତି, କଂସେଇଖାନା ନ ଚାଲିବାର ପ୍ରମୁଖ କାରଣ ହେଉଛି, କୌଣସି ମାଂସ ଦୋକାନୀଙ୍କୁ ଏଠାକୁ ଆଣିବା ଦିଗରେ ବିଏମ୍‌ସି ଉଦ୍ୟମ କରୁନି। ସାରା ରାଜଧାନୀର ମାଂସ ଦୋକାନୀଙ୍କୁ ଏଠାରେ ଆଣି ଥଇଥାନ କରିବାକୁ ଯୋଜନା ହୋଇଥିଲା। କିନ୍ତୁ ଯୋଜନା ତା ବାଟରେ ଓ ବିଏମ୍‌ସି ତା ବାଟରେ। ଯଦି ମାଂସ ଦୋକାନୀଙ୍କୁ ଏଠାକୁ ଆସିବାକୁ ବାଧ୍ୟତାମୂଳକ କରାଯାଆନ୍ତା, ତେବେ ସମସ୍ତେ ଆସି ଏଠାରେ ବେପାର କରନ୍ତେ। କିନ୍ତୁ ସେଭଳି କିଛି କରାଯାଉନି। ଏ ଦିଗରେ ବିଏମ୍‌ସି ବିଚାର କରିବା ଜରୁରି। ଅପରପକ୍ଷେ ନିକଟରେ ନୂଆ କମିସନର୍ ଏହି କଂସେଇଖାନା ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। କଂସେଇଖାନାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ଦିଗରେ ଦୃଷ୍ଟି ଦେବେ ବୋଲି ଆଶ୍ୱାସନା ଦେଇଛନ୍ତି। କିନ୍ତୁ ଏହି ଆଶ୍ୱାସନା କେତେଦୂର କାର୍ଯ୍ୟକାରୀ ହେଉଛି, ଦେଖିବା ବାକି ରହିଛି।

31 YEARS
ସମ୍ବାଦ କଳିକା

# ଭାରତରେ ଅଛନ୍ତି ୮୭୧,୭୦୦ କୋଟିପତି

ଭାରତରେ କୋଟିପତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମର୍ସିଡିଜ୍-ବେଞ୍ଜ ହୁରୁନ୍ ଇଣ୍ଡିଆ ୱେଲ୍ଥ ରିପୋର୍ଟ ୨୦୨୫ ଅନୁଯାୟୀ ଦେଶରେ କୋଟିପତି ପରିବାର ସଂଖ୍ୟାରେ ପ୍ରାୟ ୨୦୦ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି। ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶା କରାଯାଉଛି। ଭାରତରେ ବର୍ତ୍ତମାନ ୮୭୧,୭୦୦ କୋଟିପତି ପରିବାର ଅଛନ୍ତି, ଯାହାଙ୍କ ମିଳିତ ସମ୍ପତ୍ତି ୮.୫ କୋଟିରୁ ଅଧିକ। ହେଲେ ୨୦୨୧ ମସିହାରେ ଏହି ସଂଖ୍ୟା ୪୫୮,୦୦୦ ଥିଲା। ମାତ୍ର ୪ ବର୍ଷରେ ଏଥିରେ ଦୁଇଗୁଣ ବୃଦ୍ଧି ପାଇଛି। ଦେଶର ବାକି ସମସ୍ତ ପରିବାରର ଏମାନଙ୍କର ଭାଗ ୦.୩୧ ପ୍ରତିଶତ। ରିପୋର୍ଟରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ୨୦୧୭ ରୁ ୨୦୨୫ ପର୍ଯ୍ୟନ୍ତ ମିଲିଅନ ଡଲାର ପରିବାର ସଂଖ୍ୟା ୪୫ ପ୍ରତିଶତ ବୃଦ୍ଧି ପାଇଛି। ତେବେ ଅଲ୍ଟ୍ରା ରିଚ୍ କ୍ୟାଟେଗୋରିରେ ମାତ୍ର କିଛି ଲୋକ ପହଞ୍ଚି ପରିଛନ୍ତି। ଗତ ଚାରିରୁ ପାଞ୍ଚ ବର୍ଷ ମଧ୍ୟରେ ଭାରତରେ କୋଟିପତି ପରିବାର ସଂଖ୍ୟା ପ୍ରାୟ ୯୦ ପ୍ରତିଶତ ବୃଦ୍ଧି ପାଇଛି। ଯଦି ଏହି ଗତି ଜାରି ରହେ, ତେବେ ଭାରତରେ କୋଟିପତି ପରିବାର ସଂଖ୍ୟା ୨୦ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିପାରେ।

ମର୍ସିଡିଜ୍-ବେଞ୍ଜ୍ ହୁରୁନ୍ ଇଣ୍ଡିଆ ୱେଲ୍ଥ ରିପୋର୍ଟ ୨୦୨୫ ଅନୁଯାୟୀ, ମୁମ୍ବାଇ ଦେଶରେ ସବୁଠାରୁ ଅଧିକ ସଂଖ୍ୟକ କୋଟିପତି ବାସ କରନ୍ତି। ମହାରାଷ୍ଟ୍ରରେ ୧୭୮,୬୦୦ କୋଟିପତି ପରିବାର ଅଛନ୍ତି। ଯେଉଁଥିରେ ମୁମ୍ବାଇ ୧୪୨,୦୦୦ କୋଟପିତ ପରିବାର ସହିତ ତାଲିକାର ଆଗରେ ଅଛି। ୨୦୨୧ ମସିହାରୁ, ମହାରାଷ୍ଟ୍ରରେ କୋଟିପତି ପରିବାରରେ ୧୯୪ ପ୍ରତିଶତ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏହାର ଜିଏସ୍‌ଡିପି ମଧ୍ୟ ୫୫ ପ୍ରତିଶତ ବୃଦ୍ଧି ପାଇ ୪୦.୫ ଲକ୍ଷ କୋଟିରେ ପହଞ୍ଚିଛି। ଦିଲ୍ଲୀ ଏବଂ ତାମିଲନାଡୁରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଜିଡିପି ଅଭିବୃଦ୍ଧି ହୋଇଛି। ମୁମ୍ବାଇ ପରେ, ଦିଲ୍ଲୀ ୬୮,୨୦୦ କୋଟିପତି ପରିବାର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏବଂ ବେଙ୍ଗାଲୁରୁ ୩୧,୬୦୦ କୋଟିପତି ପରିବାର ସହିତ ତୃତୀୟ ସ୍ଥାନରେ ଅଛି। ଦେଶର ଦଶଟି ପ୍ରମୁଖ ରାଜ୍ୟ ମୋଟ ଦେଶର ୭୯ ପ୍ରତିଶତ କୋଟିପତି ରହୁଛନ୍ତି। ଜୁନ୍ ମାସରେ ପ୍ରକାଶିତ ବିଶ୍ୱର ସବୁଠାରୁ ଧନୀ ସହର ୨୦୨୫ ରିପୋର୍ଟ ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ କୋଟିପତିଙ୍କ ସଂଖ୍ୟାରେ ୧୨୦ ପ୍ରତିଶତ ବୃଦ୍ଧି ସହିତ ବେଙ୍ଗାଲୁରୁ ତୃତୀୟ ସ୍ଥାନରେ ରହିଛି। ଦିଲ୍ଲୀ ଏବଂ ମୁମ୍ବାଇରେ ମଧ୍ୟ ଯଥାକ୍ରମେ ୮୨ ପ୍ରତିଶତ ଏବଂ ୬୯ ପ୍ରତିଶତ ବୃଦ୍ଧି ଘଟିଛି।

# ଶ୍ରୀକ୍ଷେତ୍ରରେ ଗୋସାଣୀ ଯାତ୍ରା ଓ ନାଗାପୂଜା



ପ୍ରସନ୍ନ କୁମାର ମିଶ୍ର
୩୮, ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨
ମୋ : ୮୦୧୮୮୭୫୩୩୫





ପୁରୁଷୋତ୍ତମ କ୍ଷେତ୍ର ଶାକ୍ତ ଉପାସନାର ଏକ ପ୍ରଧାନ ପୀଠ। ଏହା ତନ୍ତ୍ର ଦର୍ଶନର ଅମୂଲ୍ୟ ଗ୍ରନ୍ଥ ଗୁଡ଼ିକରେ ଲିପିବଦ୍ଧ ରହିଛି। ଏହା ଏତେ ପରିବ୍ୟାପ୍ତ ଥିଲା ଯେ, ଆଦି ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିରର ମା' ବିମଳାଙ୍କୁ କ୍ଷେତ୍ରର 'କ୍ଷେତ୍ରେଶ୍ୱରୀ' ରୂପେ ଘୋଷଣା କରିଥିଲେ। ସେହି ଶାକ୍ତ ଉପାସନାର ମୁଖ୍ୟସ୍ରୋତ ହେଉଛି ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ପାଳିତ ହେଉଥିବା 'ଷୋଳପୂଜା' ବା 'ଶାରଦୀୟ ଦୁର୍ଗୋତ୍ସବ'। ଶ୍ରୀକ୍ଷେତ୍ରରେ ଏହି ଉତ୍ସବକୁ 'ଗୋସାଣୀ ଯାତ' କୁହାଯାଏ। ବାସ୍ତବ କ୍ଷେତ୍ରରେ ଶ୍ରୀକ୍ଷେତ୍ରରେ ସମସ୍ତ ମୃଣ୍ମୟ ମୂର୍ତ୍ତି ପୀଠରୁ ମେଳନ ବା ବିସର୍ଜନ ଉଦ୍ଦେଶ୍ୟରେ ବାହାରିବା ପୂର୍ବରୁ ଦଶହରା ଦିନ 'ବିସର୍ଜନ ପୂଜା' କରାଯାଉଥିବାରୁ ସେମାନଙ୍କୁ ଗୋସାଣୀ କୁହାଯାଏ। ମନ୍ତ୍ରଦ୍ୱାରା ବିଗ୍ରହରେ ଥିବା ଦୈବୀଶକ୍ତିକୁ ଆବାହନ କରି ଶକ୍ତିକୁ ବିସର୍ଜନ କରିଦିଆଯାଉଥିବାରୁ ଏମାନଙ୍କୁ 'ଅଶରୀରୀ' ବା ଗୋସାଣୀ କୁହାଯିବା ଶ୍ରୀକ୍ଷେତ୍ରର ଏକ ଲୋକ ଭାଷା, ଯାହା ଅନ୍ୟତ୍ର ନାହିଁ।

ବର୍ତ୍ତମାନର ଭବ୍ୟ ମନ୍ଦିର ପ୍ରତିଷ୍ଠା ପରେ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରକୁ ଯବନ ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ଓଡ଼ିଶାର ଗଜପତି ମହାରାଜାମାନେ ରାଜ୍ୟରେ ୩୮ଟି ଗଡଜାତର ସୁରକ୍ଷା ବଳୟ ସୃଷ୍ଟି କରିବା ସାଙ୍ଗେ ସାଙ୍ଗେ ପୁରୀର ବାସିନ୍ଦାମାନଙ୍କୁ ସଂଘବଦ୍ଧ କରି ରଖିବା ନିମନ୍ତେ ସାତ ସାହିରେ ଆଖଡ଼ା (ସାହି ପଂଚାୟତ ଯେଉଁଠି ଅତି କମ୍‌ରେ ୧୦୦ ଯୁବକ ସମର କଳା ତାଲିମପ୍ରାପ୍ତ ହୋଇ ଗୁପ୍ତରେ ରହିଥାଆନ୍ତି), କୋଟ (ଯେଉଁଠି ୫୦୦ ଭେଣ୍ଡିଆ ରହନ୍ତି), ଜାଗା (ଯେଉଁଠାରେ ସାହିନାୟକଙ୍କ ନିୟନ୍ତ୍ରଣରେ ଯୁବକ ଠାରୁ ଆରମ୍ଭ କରି ବୃଦ୍ଧ ତାଲିମପ୍ରାପ୍ତ ଯୋଦ୍ଧା ରହନ୍ତି) ଏବଂ ରାଜକର୍ମଚାରୀ ଓ ସାହିନାୟକମାନଙ୍କ କ୍ଷେତ୍ର ସୁରକ୍ଷା ପାଇଁ ଗୁପ୍ତ ମନ୍ତ୍ରଣାର ସ୍ଥାନ 'ଗୁରୁଜ' ପ୍ରତିଷ୍ଠା କରିଥିଲେ। ପୁରୀର ଗୋସାଣୀ ଯାତ ଏ ସମସ୍ତ ଜାଗା ଆଖେଡ଼ାର ସଂଘବଦ୍ଧ ନିଦର୍ଶନ।

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଏହି ସମସ୍ତ ଜାଗା ଓ ଆଖେଡ଼ା ଆଦିର ସୃଷ୍ଟି କେବେଠାରୁ ହୋଇଛି ସଠିକ୍ ନିର୍ଣ୍ଣୟ କରାଯାଇ ପାରି ନଥିଲେ ହେଁ କେତେକଙ୍କ ମତରେ ଖ୍ରୀଷ୍ଟାୟ ୧୦୭୬-୧୧୪୭ ମଧ୍ୟରେ ଗଙ୍ଗ ବଂଶର ସମ୍ରାଟ ଅନନ୍ତ ବର୍ମା ଦେବଙ୍କ ଦ୍ୱାରା ପୁରୀରେ ଏହା ସ୍ଥାପନ କରାଯାଇଥିବା ବିଶ୍ୱାସ କରାଯାଏ। ସେ ସମୟରେ ଏହି ଜାଗା ଓ ଆଖେଡ଼ାଗୁଡ଼ିକ ସାହାଯ୍ୟରେ ପୁରୀବାସୀ ସଂଗଠିତ ଓ ସଂଘବଦ୍ଧ ହୋଇପାରିଥିଲେ ଯାହାକି ପରବର୍ତ୍ତୀ ସମୟରେ ଶ୍ରୀକ୍ଷେତ୍ରର ଏହା ସାମାଜିକ ସୁରକ୍ଷା ଓ ସୁଖ ସମୃଦ୍ଧିର ମୁଖ୍ୟ ସ୍ରୋତ ହୋଇପାରିଥିଲା। ସେହିଦିନ ଠାରୁ ପୁରୀରେ ଥିବା ସମସ୍ତ ଜାଗା ଓ ଆଖେଡ଼ା ଗୁଡ଼ିକରେ 'ଶକ୍ତିର ପ୍ରତୀକ ଦୁର୍ଗାମୂର୍ତ୍ତି'ମାନଙ୍କୁ ସ୍ଥାପନ କରାଯାଇ ସପ୍ତମୀ, ଅଷ୍ଟମୀ ଓ ମହାନବମୀ ଦିନ ଏହି ତିନିଦିନ ତିନିପୂଜା ପରେ ଦଶହରା ଦିନ ଦେବୀ ବିଗ୍ରହଙ୍କୁ ବିସର୍ଜନ କରିଦିଆଯାଉଛି। ପରମ୍ପରା କ୍ରମେ ଦଶହରା ପରଦିନ ଏକାଦଶୀ ତିଥିରେ ସିଂହଦ୍ୱାର ସମ୍ମୁଖରେ ଯେଉଁ ମେଳନ ହୁଏ ତାହାକୁ ଦେବୀ ମିଳନ କୁହାଯାଇ 'ଗୋସାଣୀ ଯାତ' କୁହାଯାଏ।

ସେହି କାରଣରୁ ଗୋସାଣୀ ଯାତରେ କେବଳ ଦେବୀ ନ ରହି ଭିନ୍ନ ଭିନ୍ନ ବିଗ୍ରହ ଭାଗ ନେଇ ଥାଆନ୍ତି। ପୁରୀର ପ୍ରମୁଖ ଗୋସାଣୀମାନଙ୍କ ମଧ୍ୟରେ ବିଭିନ୍ନ ସାହିର ଯଥା; ବାରବାଟୀ, ଜହ୍ନିଖାଇ, ହାଡ଼ବାଇ, ପଣାପ୍ରିୟା, ଗେଲବାଇ, ବନଦୁର୍ଗା, ଶୂନ୍ୟ ଗୋସାଣୀ, ମହତେଶ୍ୱରୀ, ଚାମୁଣ୍ଡାମୁଣ୍ଡି, ଶୀତଳପିଣ୍ଡା, ଚକ୍ରକୋଟ, ଜମକୋଟ, ହରଚଣ୍ଡୀ, ହାଡ଼ିଆ ଭୂତ, ଶିବ ପାର୍ବତୀ, ସମ୍ପାତି ଚଢ଼େଇ, ନାଗା, ରାବଣ, ମାଲ, ଗଣେଶ ଓ ବୁଢ଼ାବୁଢ଼ୀ ଅନ୍ୟତମ। ଏହା ପାରମ୍ପରିକ ଯାତ୍ରା ହୋଇଥିବାରୁ ପ୍ରତିବର୍ଷ ଏମାନଙ୍କର ଆକାର ପ୍ରକାର ସମାନ ରହିଥାଏ। ଏହି ଗୋସାଣୀ ମେଳନ ବା ଯାତ୍ରାରେ ସର୍ବ ପ୍ରଥମେ ହରଚଣ୍ଡୀ ସାହିର ବାରବାଟୀ ଗୋସାଣୀ ସିଂହଦ୍ୱାର ଠାରେ ବିଜେ କରିବା ପରେ ସହରର ଅନ୍ୟ ପ୍ରତିମା ସବୁ ସେଠାରେ ନିଜ ନିଜ ଆସ୍ଥାନରେ ବିଜେ କରନ୍ତି। ବାରବାଟୀ ଗୋସାଣୀ ହେଉଛନ୍ତି ଓଡ଼ିଶାରେ ନିର୍ମିତ ହେଉଥିବା ଦେବୀ ପ୍ରତିମାମାନଙ୍କ ମଧ୍ୟରେ ସବୁଠାରୁ ବଡ଼ମୂର୍ତ୍ତି। ଏହାଙ୍କର ଉଚ୍ଚତା ପ୍ରାୟ ୧୮ ଫୁଟ। ଏହି କାରଣରୁ ବାରବାଟୀ ଗୋସାଣୀଙ୍କୁ ବଡ଼ ଭଉଣୀ ମାନ୍ୟତା ଦିଆଯାଇଛି। ଏହି ବିଶାଳକାୟ ମୂର୍ତ୍ତି ନିର୍ମାଣରେ ସ୍ୱତନ୍ତ୍ର କାରିଗରୀ କୌଶଳ ଅବଲମ୍ବନ କରାଯାଇଥାଏ। ପ୍ରଚଳିତ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ନିର୍ଦ୍ଦିଷ୍ଟ ଭାଗମାପ, ଉଚ୍ଚତା, ଏକପ୍ରକାରର ରଙ୍ଗ, ଢଙ୍ଗ, ଅଙ୍ଗ ଓ ସାଜ-ସଜା କରାଯାଇଥାଏ। ମୂର୍ତ୍ତିରେ କେବଳ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏକାଦଶୀ ତିଥିରେ ସିଂହଦ୍ୱାର ଠାରେ ଗୋସାଣୀ ହେବାବେଳେ ଏହି ମୂର୍ତ୍ତିଗୁଡ଼ିକ ଉପରେ ଅତି ଉଜ୍ଜ୍ୱଳ ଆଲୋକ ପକାଯିବା ଫଳରେ ମୂର୍ତ୍ତି ସମେତ ସାଜସଜା ସବୁ ଝଲସି ଉଠେ। ପୁରୀ ଗୋସାଣୀ ମାନଙ୍କର ଅନ୍ୟତମ ବିଶେଷତ୍ୱ ହୋଉଛି ଏମାନଙ୍କର ମୁଖମଣ୍ଡଳ ମର୍ତ୍ତ୍ୟର ନାରୀମାନଙ୍କର ମୁଖଠାରୁ ସ୍ୱତନ୍ତ୍ର।

ଶ୍ରୀକ୍ଷେତ୍ର ଗୋସାଣୀ ଯାତ୍ରାର ଅନ୍ୟତମ ଆକର୍ଷଣ ହେଉଛି ବିରାଟକାୟ 'ନାଗାମୂର୍ତ୍ତି'। ସେଗୁଡିକ ହେଉଛି ମା' ଦୁର୍ଗାଙ୍କର ବୀରତ୍ୱର ମୂର୍ତ୍ତିମନ୍ତ ପ୍ରତୀକ। ଏହି ନାଗା ସମ୍ପ୍ରଦାୟ ଆଦି ଶଙ୍କରଙ୍କ ଦ୍ୱାରା ସୃଷ୍ଟ 'ଦଶନାମୀ ସମ୍ପ୍ରଦାୟ'ର ଏକ ପ୍ରମୁଖ ଅଙ୍ଗ। ଏହି ସମ୍ପ୍ରଦାୟ ତତ୍କାଳୀନ ଭାରତରେ ହିନ୍ଦୁମଠ, ମନ୍ଦିର ଓ ଏହାର ପୃଷ୍ଠପୋଷକମାନଙ୍କର ରକ୍ଷାପାଇଁ ଉଦ୍ଦିଷ୍ଟ ଥିଲା। ସେଥିପାଇଁ ଶଙ୍କରାଚାର୍ଯ୍ୟ ଭାରତର ମୁଖ୍ୟ ତୀର୍ଥକ୍ଷେତ୍ର ମାନଙ୍କରେ 'ଆଖଡ଼ା' ମାନ ପ୍ରତିଷ୍ଠା କରି ନାଗାବୀରମାନଙ୍କୁ 'ନାଗାସାଧୁ' ଆଖ୍ୟା ଦେଇ ଆକ୍ରମଣକାରୀ ଶତ୍ରୁ ବିଶେଷ ଭାବେ ମୁସଲମାନ ଓ ମୋଗଲମାନଙ୍କୁ ପ୍ରତିହତ କରିବାର ଦାୟିତ୍ୱ ଦେଇଥିଲେ। ଏମାନଙ୍କୁ କୁହାଯାଉଥିଲା 'ନାଗାବାଗା ସାଧୁ'। ମନ୍ତ୍ର ଥିଲା - 'ନା ଆଗକୁ କେହି ନାହିଁ, ନାଁ ପଛକୁ। ମାରିବୁ ନ ହେଲେ ମରିବୁ। ମାତ୍ର ଧର୍ମରକ୍ଷା କରିବୁ।' ସେହି ନାଗା ବୀରତ୍ୱର ପ୍ରତୀକ ସ୍ୱରୂପ ପୁରୀରେ ନାଗା ବିଗ୍ରହ ନିର୍ମାଣ ଏବଂ ଆନୁମାନିକ ୧୬୪୭ ଖ୍ରୀଷ୍ଟାବ୍ଦ ପରେ ନାଗା ଉପାସନା ବା ନାଗାପୂଜାର ପ୍ରଚଳନ ଆରମ୍ଭ ହୋଇଥିଲା।

ଏହି ନାଗା ମାନଙ୍କର ଠାଣି, ନାଗା ଚାହାଁଣି ଓ ନାଗା ନୃତ୍ୟ ପ୍ରାୟ ଶହେ ବର୍ଷ ତଳରୁ ଓଡିଶାର ସଂସ୍କୃତିରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରି ନେଇଛି। ଅଖ୍ୟାତ ପୁରପଲ୍ଲୀରେ ମଧ୍ୟ ଆଜି ନାଗା ମେଢର ପଟୁଆର ମନକୁ ଚହଲେଇ ଦେଇ ପାରୁଛି। ମେଢ ପରମ୍ପରା ଓ ନାଗାମେଢର ସଂସ୍କୃତି ଆଜି ସମଗ୍ର ବିଶ୍ୱ ଦରବାରରେ ଓଡିଶାର ପ୍ରତିନିଧିତ୍ୱ କରୁଅଛି ॥ (ସଂଗୃହିତ ତଥ୍ୟ)

# ଅନ୍ତର୍ଜାତୀୟ ଅହିଂସା ଦିବସ ଅବସରରେ -:ଗାନ୍ଧୀଜୀ ଓ ଅହିଂସା

ପ୍ରମୋଦ କିଶୋର ପରିଡ଼ା
ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ଓ ସମ୍ପାଦକ, ସମର କ୍ରାନ୍ତି ସେନା, ଓଡ଼ିଶା

ବର୍ତ୍ତମାନ ପର୍ଯ୍ୟନ୍ତ ଜାତିସଂଘ ଦ୍ୱାରା ଘୋଷଣା କରାଯାଇଥିବା କୌଣସି ସରକାରୀ ଦସ୍ତାବିଜ ନାହିଁ, ଯଦିଓ କିଛି ସଂଗଠନ ଯଥା -: ଗାନ୍ଧୀ ସ୍ମାରକନିଧି, ରାଷ୍ଟ୍ରୀୟ ଯୁବା ସଂଗଠନ, ସର୍ବୋଦୟ ମଣ୍ଡଳ ଭଳି ଅନେକ ସଂଗଠନ 'ଅହିଂସା ମାଧ୍ୟମରେ ବିଶ୍ୱ ସଂହତିକୁ ପ୍ରୋତ୍ସାହିତ କରିବା' କିମ୍ବା ଅନ୍ତର୍ଜାତୀୟ ଶାନ୍ତି ଦିବସର 'ଶାନ୍ତିପୂର୍ଣ୍ଣ ବିଶ୍ୱ ପାଇଁ ଏବେ କାର୍ଯ୍ୟ କରୁଛନ୍ତି' ଏହି ସମ୍ପର୍କରେ ଆନ୍ଦୋଳନର ପ୍ରସ୍ତାବ ଦେଇଛନ୍ତି। ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନକୁ ମନେ ପକାଇବା ପାଇଁ ଅକ୍ଟୋବର ୨ ତାରିଖରେ ପାଳିତ ଏହି ଦିବସଟି ବିଶ୍ୱବ୍ୟାପୀ ଅହିଂସା ଏବଂ ସଂଘର୍ଷ ସମାଧାନ ଏବଂ ସାମାଜିକ ପରିବର୍ତ୍ତନ ପାଇଁ ଶାନ୍ତିପୂର୍ଣ୍ଣ ପଦ୍ଧତିଗୁଡ଼ିକୁ ସୁଚିତ କରାଏ।

୨୦୨୫ ପାଇଁ ସରକାରୀ ଘୋଷଣା: ସାଧାରଣତଃ ମିଳିତ ଜାତିସଂଘ ଦ୍ୱାରା ୨ ତାରିଖକୁ ସରକାରୀ ଆନ୍ତର୍ଜାତିକ ଅହିଂସା ଦିବସ ଘୋଷଣା କରାଯାଏ।

ଗାନ୍ଧୀଙ୍କ ଦର୍ଶନ ଉପରେ ପର୍ଯ୍ୟାଲୋଚନା: ଏହି ଦିବସ ମହାତ୍ମା ଗାନ୍ଧୀଙ୍କ ଅହିଂସା ଦର୍ଶନକୁ ଉଜ୍ଜ୍ୱଳ କରିବ, ନାଗରିକ ଅମାନ୍ୟତା, ଦମନକାରୀ ବ୍ୟବସ୍ଥାରୁ ସମ୍ମତି ପ୍ରତ୍ୟାହାର କରିବା ଏବଂ ନ୍ୟାୟପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବା ପାଇଁ ନୈତିକ ପଦ୍ଧତି ବ୍ୟବହାର କରିବା ଭଳି ନୀତିଗୁଡ଼ିକୁ ଗୁରୁତ୍ୱ ଦିଏ।

ବିଶ୍ୱ ଆଲୋଚନା: କାର୍ଯ୍ୟକ୍ରମଗୁଡ଼ିକ ସମ୍ଭବତଃ ବିଶ୍ୱ ଆଲୋଚନାକୁ ପ୍ରୋତ୍ସାହିତ କରିବା, ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନକୁ ପ୍ରୋତ୍ସାହିତ କରିବା ଏବଂ ଏକତା ଏବଂ କରୁଣାକୁ ଉତ୍ସାହିତ କରିବା ଉପରେ ଧ୍ୟାନ ଦେବ।

ଦିବସ ପାଳନ ପାଇଁ ଶିକ୍ଷାଗତ କାର୍ଯ୍ୟକ୍ରମ: ବିଶ୍ୱବିଦ୍ୟାଳୟ ପରି ଅନେକ ସଂଗଠନ ଅହିଂସା ଉପରେ ଆଲୋଚନା କରିବା ପାଇଁ ୱେବିନାର ଏବଂ ବକ୍ତୃତା ଆୟୋଜନ କରିଥାନ୍ତି।

ଜନ ସଚେତନତା: ଶାନ୍ତିର ବାର୍ତ୍ତା ପ୍ରସାର କରିବା ପାଇଁ ଖବର ଲେଖା, ଜନ ସଚେତନତା ଅଭିଯାନ ଏବଂ କାର୍ଯ୍ୟକ୍ରମ କରାଯାଏ।

ବ୍ୟକ୍ତିଗତ ପ୍ରତିଫଳନ: ବ୍ୟକ୍ତିମାନେ ଶାନ୍ତିପୂର୍ଣ୍ଣ କାର୍ଯ୍ୟକଳାପରେ ସାମିଲ ହୋଇପାରିବେ, ଗାନ୍ଧୀଙ୍କ ବିଷୟରେ ଅଧିକ ଜାଣିପାରିବେ ଏବଂ ସକାରାତ୍ମକତାକୁ କରିବା ପାଇଁ ଛୋଟ ଛୋଟ ଦୟାପୂର୍ଣ୍ଣ କାର୍ଯ୍ୟ କରିପାରିବେ।

ଭାରତକୁ ସ୍ୱାଧୀନତା ପାଇଁ ନେତୃତ୍ୱ ନେବାରେ ସାହାଯ୍ୟ କରିଥିବା ଗାନ୍ଧୀଜୀ। ସାରା ବିଶ୍ୱରେ ନାଗରିକ ଅଧିକାର ଏବଂ ସାମାଜିକ ପରିବର୍ତ୍ତନ ପାଇଁ ଅହିଂସା ଆନ୍ଦୋଳନର ପ୍ରେରଣା ଦେଇଥିଲା। ତାଙ୍କ ଜୀବନସାରା ଗାନ୍ଧୀ ଦମନକାରୀ ପରିସ୍ଥିତିରେ ଏବଂ ଅପ୍ରତିକୂଳ ଚ୍ୟାଲେଞ୍ଜର ସାମ୍ନା କରିବା ସତ୍ତ୍ୱେ ମଧ୍ୟ ଅହିଂସା ପ୍ରତି ତାଙ୍କର ବିଶ୍ୱାସ ପ୍ରତି ପ୍ରତିବଦ୍ଧ ଥିଲେ।



ତାଙ୍କର କାର୍ଯ୍ୟ ପଛରେ ଥିବା ତତ୍ତ୍ୱ, ଯେଉଁଥିରେ ୧୯୩୦ର ଐତିହାସିକ ଲବଣ ମାର୍ଚ୍ଚ ପରି ବ୍ରିଟିଶ ଆଇନ ପ୍ରତି ବ୍ୟାପକ ନାଗରିକ ଅବାଧତାକୁ ଉତ୍ସାହିତ କରାଯାଇଥିଲା, ତାହା ଥିଲା 'ନ୍ୟସ୍ତ ଅର୍ଥ ନ୍ୟାୟପୂର୍ଣ୍ଣ ଲକ୍ଷ୍ୟ ହାସଲ କରେ'; ଅର୍ଥାତ୍, ଏକ ଶାନ୍ତିପୂର୍ଣ୍ଣ ସମାଜ ହାସଲ କରିବା ପାଇଁ ହିଂସା ବ୍ୟବହାର କରିବାକୁ ଚେଷ୍ଟା କରିବା ଅଯୌକ୍ତିକ। ସେ ବିଶ୍ୱାସ କରୁଥିଲେ ଯେ ଭାରତୀୟମାନେ ଉପନିବେଶବାଦରୁ ମୁକ୍ତି ପାଇଁ ସେମାନଙ୍କର ଲଢ଼େଇରେ ହିଂସା କିମ୍ବା ଘୃଣା ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି ମତପୋଷଣ କରିଥିଲେ।

ଅହିଂସାର ନୀତି - ଯାହାକୁ ଅହିଂସା ପ୍ରତିରୋଧ ମଧ୍ୟ କୁହାଯାଏ - ସାମାଜିକ କିମ୍ବା ରାଜନୈତିକ ପରିବର୍ତ୍ତନ ହାସଲ କରିବା ପାଇଁ ଶାରୀରିକ ହିଂସାର ବ୍ୟବହାରକୁ ପ୍ରତ୍ୟାଖ୍ୟାନ କରେ। ପ୍ରାୟତଃ 'ସାଧାରଣ ଲୋକଙ୍କ ରାଜନୀତି' ଭାବରେ ବର୍ଣ୍ଣିତ, ସାମାଜିକ ନ୍ୟାୟ ପାଇଁ ଅଭିଯାନରେ ସାରା ବିଶ୍ୱରେ ବହୁ ଜନସଂଖ୍ୟା ଦ୍ୱାରା ସାମାଜିକ ସଂଘର୍ଷର ଏହି ରୂପକୁ ଗ୍ରହଣ କରାଯାଇଛି।

ଅହିଂସା କାର୍ଯ୍ୟର ତିନୋଟି ମୁଖ୍ୟ ବର୍ଗ ଅଛି:

(୧ )ବିରୋଧ ଏବଂ ପ୍ରେରଣା, ଯେଉଁଥିରେ ଶୋଭାଯାତ୍ରା ଏବଂ ସଚେତନତା ଅନ୍ତର୍ଭୁକ୍ତ; ( ୨)ଅସହଯୋଗ; ( ୩)ଅହିଂସାତ୍ମକ ହସ୍ତକ୍ଷେପ, ଯେପରିକି ଅବରୋଧ ଏବଂ ବୃତ୍ତି। ଅହିଂସା ଏପରି ପୋଷାକ ନୁହେଁ ଯାହା ଇଚ୍ଛାନୁସାରେ ପିନ୍ଧିବା ଏବଂ ଖୋଲିବା ଉଚିତ। ଏହାର ଆସନ ହୃଦୟରେ ଅଛି ଏବଂ ଏହା ଆମ ଜୀବନର ଅବିଚ୍ଛେଦ୍ୟ ଅଂଶ ହେବା ଉଚିତ। ଶାନ୍ତିର କୌଣସି ରାସ୍ତା ନାହିଁ, ଶାନ୍ତି ହେଉଛି ରାସ୍ତା। ଅହିଂସା ହେଉଛି ଶକ୍ତିଶାଳୀଙ୍କ ଏକ ଅସ୍ତ୍ର। ଅହିଂସା ଏବଂ ସତ୍ୟ ଅବିଚ୍ଛେଦ୍ୟ ଏବଂ ପରସ୍ପରକୁ ପୂର୍ବାନୁମାନ କରନ୍ତି। ଆମେ ଚିନ୍ତା, କଥା ଏବଂ କାର୍ଯ୍ୟରେ ସମ୍ପୂର୍ଣ୍ଣ ଅହିଂସା ହେବା ପାଇଁ କେବେବି ଯଥେଷ୍ଟ ଶକ୍ତିଶାଳୀ ହୋଇ ନ ପାରୁ। କିନ୍ତୁ ଆମକୁ ଅହିଂସାକୁ ଆମର ଲକ୍ଷ୍ୟ ଭାବରେ ରଖିବାକୁ ପଡିବ ଏବଂ ଏହା ଦିଗରେ ଦୃଢ଼ ଅଗ୍ରଗତି କରିବାକୁ ପଡିବ।

ଗାନ୍ଧୀଙ୍କ ଅହିଂସା ଦର୍ଶନ

ଅହିଂସା: ଗାନ୍ଧୀଙ୍କ ଅହିଂସା, କିମ୍ବା ଅହିଂସା, ତାଙ୍କ ଦର୍ଶନର ଏକ ମୂଳ ନୀତି ଥିଲା, ଯାହା ସମସ୍ତ ଜୀବଜନ୍ତୁଙ୍କୁ ଆଘାତ ନ ଦେବାର ଚିନ୍ତାଧାରାକୁ ଗୁରୁତ୍ୱ ଦେଇଥିଲା।

ସତ୍ୟାଗ୍ରହ:ସେ ସତ୍ୟାଗ୍ରହ ଦର୍ଶନକୁ ବିକଶିତ କରିଥିଲେ, ଯାହାର ଅର୍ଥ 'ସତ୍ୟ ଶକ୍ତି' କିମ୍ବା 'ସତ୍ୟ ଏବଂ ଦୃଢ଼ତ', ରାଜନୈତିକ ଏବଂ ସାମାଜିକ ଲକ୍ଷ୍ୟ ହାସଲ ପାଇଁ ଅହିଂସାତ୍ମକ ପ୍ରତିରୋଧ ଏବଂ ନାଗରିକ ଅବାଧତାର ଏକ ପଦ୍ଧତି ଭାବରେ। ଅନ୍ୟମାନଙ୍କ ପାଇଁ ପ୍ରେରଣା: ତାଙ୍କ ପଦ୍ଧତି ଏବଂ ଅହିଂସାର ଦର୍ଶନ ମାର୍ଟିନ୍ ଲୁଥର କିଙ୍ଗ୍ ଜୁନିଅର ଏବଂ ନେଲସନ୍ ମାଣ୍ଡେଲା ସମେତ ଅନ୍ୟ ପ୍ରମୁଖ ନେତାମାନଙ୍କୁ ସେମାନଙ୍କ ନିଜ ସଂଘର୍ଷରେ ଅନୁପ୍ରାଣିତ କରିଥିଲା।

ପ୍ରଭାବ ଏବଂ ଉତ୍ତରାଧିକାର

ଭାରତୀୟ ସ୍ୱାଧୀନତା: ଗାନ୍ଧୀ ବ୍ରିଟିଶ ଶାସନରୁ ସ୍ୱାଧୀନତା ପାଇଁ ଭାରତର ସଂଗ୍ରାମର ନେତୃତ୍ୱ ନେଇଥିଲେ, ସ୍ୱାଧୀନତା ହାସଲ ପାଇଁ ଅହିଂସାତ୍ମକ ପଦ୍ଧତି ବ୍ୟବହାର କରି ସଫଳତାର ସହିତ କାର୍ଯ୍ୟ କରିଥିଲେ। ବିଶ୍ୱ ଆନ୍ଦୋଳନ: ତାଙ୍କ କାର୍ଯ୍ୟ ଏକ ମୋଡ଼ ଥିଲା, ଏକ ବିଶ୍ୱବ୍ୟାପୀ ଆନ୍ଦୋଳନ ସୃଷ୍ଟି କରିଥିଲା ଯାହା ପ୍ରଦର୍ଶନ କରିଥିଲା ଯେ କିପରି ଶାନ୍ତିପୂର୍ଣ୍ଣ ଉପାୟରେ ପରିବର୍ତ୍ତନ ହାସଲ କରାଯାଇପାରିବ। ଜାତିର ପିତା: ଭାରତରେ, ତାଙ୍କୁ 'ଜାତିର ପିତା' (ରାଷ୍ଟ୍ରପିତା) ଏବଂ ଶାନ୍ତି ଏବଂ ମାନବତାର ଏକ କାଳଜୟୀ ପ୍ରତୀକ ଭାବରେ ସମ୍ମାନିତ କରାଯାଏ। ଆନ୍ତର୍ଜାତୀୟ ମାନ୍ୟତା: ସଂଯୁକ୍ତ ରାଷ୍ଟ୍ର ତାଙ୍କ ଦର୍ଶନକୁ ସମ୍ମାନ ଜଣାଇବା ଏବଂ ଶାନ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ ଅହିଂସା ଦିବସ ପ୍ରତିଷ୍ଠା କରିଥିଲା, ଯାହା ବିଶ୍ୱ ଉପରେ ତାଙ୍କର ଗଭୀର ପ୍ରଭାବକୁ ପ୍ରତିଫଳିତ କରିଥିଲା।

# ସନ୍ତାନ ଓ ସଂକୀର୍ଣ୍ଣତା



ସଲିଳା ତ୍ରିପାଠୀ
ବୋଲଗଡ଼
ମୋ-୮୭୬୩୭୮୮୬୧୪

ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ସନ୍ତାନ ପ୍ରତି ଦୁର୍ବଳତା କାହାର ବା ନଥାଇପାରେ। ଜନ୍ମିତ ସନ୍ତାନକୁ ନେଇ ଗର୍ବ ଗୌରବ, ଦୁଃଖ, ହତାଶା ଆଦି ଭିନ୍ନଭିନ୍ନ ପିରିସ୍ଥିତିରେ ସୃଷ୍ଟି ହୋଇଥାଏ। ନିଜର ଆଶା ଓ ଉଚ୍ଚାକାଂକ୍ଷାକୁ ମଣିଷ ସନ୍ତାନ ମାଧ୍ୟମରେ ହିଁ ପୂର୍ଣ୍ଣ କରିବାର ସ୍ୱପ୍ନ ଦେଖିଥାଏ। କିନ୍ତୁ ଏକଥା ବି କୁହାଯାଏ ଜନ୍ମ ଦେଲେ କର୍ମ ଦେଇହୁଏନି। ସେ କ୍ଷେତ୍ରରେ ପିତାମାତା ସନ୍ତାନ ଉପରେ ନିଜର ଭାବନାର ବୋଝ ଲଦି ଦେବାକୁ ଠିକ୍ ମନେ କରନ୍ତି ନାହିଁ। ସନ୍ତାନ ସିଏ, ଯିଏ ବଂଶର ପରମ୍ପରା, ଗୌରବକୁ ଆଗେଇ ନେଇଥାଏ। ସନ୍ତାନ ବିନା ସାଧାରଣ ମନୁଷ୍ୟ ନିଜକୁ ଅପୂର୍ଣ୍ଣ ମନେ କରିଥାଏ। ସନ୍ତାନର ସମସ୍ତ ଭୁଲ୍ ଠିକ୍‌କୁ ବିଚାର ନକରି ରକ୍ତର ମୋହ ଅନେକ ସମୟରେ ମନୁଷ୍ୟକୁ ଚକ୍ଷୁହୀନ କରିଥାଏ। ହେଲେ ଏମିତି ବି ତ ମଣିଷ ଏ ଜଗତରେ ସୃଷ୍ଟି ହୋଇଛନ୍ତି ଯେଉଁମାନେ ସନ୍ତାନକୁ ଶରୀରଗତ ଭାବରେ ଗ୍ରହଣ କରନ୍ତି ନାହିଁ। ବରଂ ମନରୁ ସ୍ୱୀକୃତି ଦେଇଥା'ନ୍ତି।

ପୁରାଣରେ ମାତା ପାର୍ବତୀଙ୍କର ମାନସପୁତ୍ର ଗଣେଶ ମହାପ୍ରଭୁଙ୍କୁ କେବଳ ପାର୍ବତୀ ନୁହେଁ କୈଳାସଧିପତି ମହାଦେବ ମଧ୍ୟ ଗହଣ କରିଥିଲେ। ଏଇ ମାନସ ସନ୍ତାନର ପରମ୍ପରାଟି ଅଦ୍ୟାବଧି ମଧ୍ୟ ବିଭିନ୍ନ ଭାବରେ ସମାଜରେ ପ୍ରଚଳିତ। ସନ୍ତାନହୀନ ବ୍ୟକ୍ତି ବା ଇଚ୍ଛା କରି ପୋଷ୍ୟପୁତ୍ର ବା କନ୍ୟା ଗ୍ରହଣ କରିବା ଆମ ସମାଜ ପାଇଁ ନୂଆ କଥା ନୁହେଁ। ମାତ୍ର ଏ ସମସ୍ତ କ୍ଷେତ୍ରରେ ବିଭିନ୍ନ ଜନଗୁଜବ ନିଜର ଇନ୍ଦ୍ରିୟ ଚରିତାର୍ଥ ପାଇଁ ଆଲୋଚନା କରାଯାଇଥାଏ। ରକ୍ତର ସପର୍କ ହିଁ ସବୁଠାରୁ ବଡ ବୋଲି ବିଭିନ୍ନ ପ୍ରସଙ୍ଗ ଓ ପରିସ୍ଥିତିରେ ପ୍ରମାଣିତ ହୋଇଥାଏ। ତା' ସହିତ ହୃଦୟଗତ ସଂପର୍କକୁ ସ୍ଥଳବିଶେଷରେ ହାରିଯିବାକୁ ପଡିଥାଏ।

ଯଦି ଆମେ ଏସବୁର ନିଗୁଢ଼ ତତ୍ତ୍ୱକୁ ଖୋଜିବା ତେବେ ଜୈବିକ କାରଣ ସହିତ ବ୍ୟକ୍ତିର ଅହଂକାର, ସମ୍ମାନ, ଅଧିକାରପଣିଆ ଆଦି ସାମ୍ନାକୁ ଆସିଯିବ। ଏଇଥିରୁ ହିଁ ନିଜର ଓ ପର ଭାବନାର ପ୍ରାଚୀର ତିଆରି ହୋଇଥାଏ ଏବଂ ମନୁଷ୍ୟ ସଂକୀର୍ଣ୍ଣତା ପଥରେ ପଥିକ ସାଜିଥାଏ। ଗୋଷ୍ଠୀର ଆରମ୍ଭ ବ୍ୟକ୍ତିରୁ ହୋଇଥାଏ ଯାହା ବିଶ୍ୱ ପର୍ଯ୍ୟନ୍ତ ବ୍ୟାପିଥାଏ। ମଣିଷ ଯେତେବେଳେ 'ମୁଁ' ର ମୋହକୁ ତ୍ୟାଗ କରିପାରେନା ବିଶ୍ୱର ବୃହତ୍ତ ପରିସରକୁ ଗ୍ରହଣ କରିବା ତା' ପାଇଁ କଷ୍ଟ ହୋଇପଡେ। ସେତେବେଳେ ମୋ ସାହି, ମୋ ଗାଁ, ମୋ ଜିଲ୍ଲା, ମୋ ରାଜ୍ୟ, ମୋ ଦେଶ ଆଉ ପରିଶେଷରେ ମୋ ବିଶ୍ୱ କଥା ଭାବିବା ଅସମ୍ଭବ। ଆଉ ଯଦି ବି ସେ ଏଥିରୁ ଗୋଟିଏ ଗୋଷ୍ଠୀକୁ ନିଜର ବୋଲି ଭାବେ ତେବେ ଅନ୍ୟ ଗୋଷ୍ଠୀ ପାଇଁ କଠୋର ହୋଇପଡେ ଯାହାକି ବାସ୍ତବିକ ଦୁଃଖଦାୟକ।

ଆଜିପର୍ଯ୍ୟନ୍ତ ସାରା ବିଶ୍ୱରେ ଯେ କେହି ସମାଜ ପାଇଁ କିଛି କରିଛି ତା' ପଛରେ କିଛି ଗୋଟାଏ ଛୋଟ ବଡ଼ ଦୁଃଖର କାହାଣୀ ଥାଏ ତା'ସହିତ ଅନେକ ବିଯୁକ୍ତାତ୍ମକ ମନ୍ତବ୍ୟ ମଧ୍ୟ ଆଲୋଚନାକୁ ଆସିଥାଏ। ପ୍ରତ୍ୟେକ ମନୁଷ୍ୟର ଭଲ ଓ ମନ୍ଦ ଦୁଇଟି ଦିଗ ରହିବା ସ୍ୱାଭାବିକ। ମାତ୍ର ଏମିତି କିଏ ଶୁଣିଛି ଗୋଟି ପ୍ରକୃତ ସମାଜସେବୀ ଯିଏ ତା'ର ପରିବାରକୁ ଅଣଦେଖା ବା ଅବହେଳା କରିନି। ତଥାପି ତା' ପଛରେ ଲୋକକଥା ସରଗରମ ହୋଇଉଠେ। ସମାଲୋଚନା ନଥିଲେ କାର୍ଯ୍ୟର ପରିପୃଷ୍ଟତା ହୁଏତ ଆସେନାହିଁ।

ଯେଉଁ କାମକୁ ସାଧାରଣ ମଣିଷମାନେ କରିପାରନ୍ତିନି ତାକୁ ଆଉ କେହି କଲେ ଅପପ୍ରଚାର କରି ସେମାନେ ଆନନ୍ଦିତ ହୋଇଥାଆନ୍ତି। ତେବେ ସେଇ ମହାନ୍ ଚିନ୍ତାଧାରର ମନୁଷ୍ୟଗଣ ଚିରକାଳ ଲୋକକଥାକୁ ଗୁରୁତ୍ୱ ନଦେଇ ନିଜର ନୁହେଁ ପରର ସେବା କରିଥା'ନ୍ତି। ରକ୍ତର ମୋହକୁ ପଦାଘାତ କରି ପରର ସନ୍ତାନ ମାନଙ୍କ ପାଇଁ ଦରଦୀ ହୋଇ ଉଠନ୍ତି। ଯାହାର ବଳିଷ୍ଠ ଉଦାହରଣ ହେଲେ ଗୋପବନ୍ଧୁ, ମଦର ଟେରେସା, ରମାଦେବୀ ଏମିତି ଅନେକ ବ୍ୟକ୍ତିତ୍ୱ। ଶହଶହ ହଜାର ହଜାର ସନ୍ତାନମାନଙ୍କ ମୁଖରେ ହସ ଫୁଟାଇବା ସେମାନଙ୍କ ଜୀବନର ବ୍ରତ ଥିଲା। ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସେମାନେ ମଣିଷର ବନ୍ଧୁ ଥିଲେ। ସେମାନେ ତ କାଳଜୟୀ ଯେଉଁମାନେ କୋଟିକୋଟି ଜନତାଙ୍କ ହୃଦୟରେ ଚିତ୍ରପଟ ହୋଇ ପୂଜା ପାଇଥା'ନ୍ତି। ଆମ ଦେଶ କାହିଁକି ପ୍ରତ୍ୟେକଟି ଭୂଖଣ୍ଡର ସୈନିକ ମାନଙ୍କ କଥା ଭାବନ୍ତୁ, ଯେଉଁମାନେ ନିଜର ଘର, ପରିବାର, ଆତ୍ମୀୟସ୍ୱଜନଙ୍କୁ ଛାଡି ଅନିଶ୍ଚିତତା ଭିତରେ ଶେଷ ଦେଖା କରି ପ୍ରତ୍ୟେକଟି ଥର ସୀମା ସରହଦ ଓ ଦୂର ଦୂରାନ୍ତରେ ସୁରକ୍ଷା କବଚ ପାଲଟିଥା'ନ୍ତି ସେମାନଙ୍କର ପ୍ରାପ୍ୟ କ'ଣ କେବଳ ଅର୍ଥ ନିର୍ଣ୍ଣୟ କରିପାରେ ? ଯଦି ସେମାନେ କେବଳ ନିଜ ସନ୍ତାନ କଥା ଭାବିବେ ତେବେ ଦେଶ କଥା କିଏ ଭାବିବ?

ବର୍ତ୍ତମାନ କିଛି ଯୁବପିଢ଼ୀ ସନ୍ତାନ ଜନ୍ମ ପାଇଁ ଅନିଚ୍ଛୁକ ହେଉଛନ୍ତି। ତା'ର ଅନେକ ଗୁଡିଏ କାରଣ ଥାଇପାରେ। ମାତ୍ର ସେଥିରୁ କିଛି ଦମ୍ପତ୍ତି ଏବଂ ଅବିବାହିତ ଯୁବକ ଯୁବତୀ ପିତୃମାତୃହୀନ ପିଲାଙ୍କୁ ଆପଣେଇବାକୁ ନିଷ୍ପତ୍ତି ନେଉଛନ୍ତି ଯାହାଦ୍ୱାରା ବାସ୍ତବରେ ଅନେକ ସାମାଜିକ ସମସ୍ୟାର ସମାଧାନ ହୋଇପାରେ। ନିଜେ ଜୈବିକ ଭାବେ ଜନ୍ମ ନକରି ଯଦି ପିତାମାତା ହେବାର ଗୌରବକୁ ସେମାନେ ଅନୁଭବ କରିପାରୁଛନ୍ତି ଏବଂ ନିଜର କର୍ତ୍ତବ୍ୟବୋଧକୁ ଦୃଢ଼ ଭାବେ ପାଳନ କରିବାକୁ ଚାହୁଁଛନ୍ତି ତାହା କ'ଣ ନୂତନ ଯୁଗର ବାର୍ତ୍ତାକୁ ବହନ କରୁନାହିଁ କି ?

ସନ୍ତାନ ହେଉଛି ଗୋଟିଏ ମାଟିର, ସଭ୍ୟତାର ଏବଂ ଭବିଷ୍ୟତର ବଂଶଧର। ଯଦି ଆମେ ସେମାନଙ୍କୁ ସଂକୀର୍ଣ୍ଣତାର ମାପକାଠିରେ ତଉଲି ବିଚାର କରିବା ସେମାନେ କାହାର ବି ହୋଇପାରିବେ ନାହିଁ। ସାମୂହିକ ସ୍ୱାର୍ଥ ନିମନ୍ତେ ବ୍ୟକ୍ତିଗତ ସ୍ୱାର୍ଥକୁ ତ୍ୟାଗ କରିବା ହିଁ ମହାନତା। ନିଜ ଓ ପର ଉର୍ଦ୍ଧରେ ପ୍ରତ୍ୟେକଙ୍କର ଭଲ ଗୁଣକୁ ଉତ୍ସାହିତ କରିବା ଆବଶ୍ୟକ। କାରଣ ଏହି କ୍ଷୁଦ୍ର ଦୂଷିତ ଭାବନାରୁ ହିଁ ଶୀତଳ ଯୁଦ୍ଧର ଆରମ୍ଭ ହୁଏ ଯାହା ଅବଶେଷରେ ବିଭିଷୀକାର ରୂପ ନେଇଥାଏ। ତା'ର ପ୍ରଭାବରେ କାହାର ବି ମଙ୍ଗଳ ହୁଏ ନାହିଁ। ବ୍ୟକ୍ତି ଅହଂକାର ପରିତୃପ୍ତି ପାଇଁ ପର ଆପଣା ଭେଦଭାବର ସୃଷ୍ଟି। ଭେଦଭାବରୁ ହିଂସାର ଆରମ୍ଭ ଓ ଯାହାର ଶେଷ ପରିଣତି ଭୟାନକ। ମାତ୍ର ଏ ସମାଜ ନିଜ ପରିବାର, ପଡୋଶୀ, ବନ୍ଧୁବାନ୍ଧବ, ସାହି ସମସ୍ତଙ୍କ ଭିତରେ 'ମୋର' କୁ ଖୋଜି ବୁଲୁଥାଏ। ନ ପାଇଲେ ବିବ୍ରତ ହୋଇ ହିଂସୁକ ହୋଇପଡେ। କେହି କେବେ ଏ ସମସ୍ତ ଚିନ୍ତାଧାରର ଅପର ପାର୍ଶ୍ୱଟିକୁ ଦେଖିବାକୁ ଇଚ୍ଛା କରେନାହିଁ।

ଅବଶେଷରେ ପ୍ରତ୍ୟେକଟି କାର୍ଯ୍ୟର ପରିମାଣାତ୍ମକ ଅଂଶଟି ବୃଦ୍ଧି ପାଇଲା ବେଳେ ଗୁଣାତ୍ମକ ମାନଟି ହ୍ରାସ ପାଇଥାଏ। ଭାରତ ପରି ଏକ ପବିତ୍ର ଭୂଖଣ୍ଡ ଯାହା ଶହଶହ ବର୍ଷ ଧରି ପରାଧୀନତାର ଶିକୁଳିରେ ବିଦେଶୀମାନଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ ରହିଥିଲା ସେତେବେଳେ ମଧ୍ୟ ବିଶ୍ୱଭ୍ରାତୃତ୍ୱ ବନ୍ଧା ପଡିଯାଇଥିଲା ପୁଣି ସେଇ ଶୃଙ୍ଖଳକୁ ଫିଟେଇବା ପାଇଁ ଏକଜୁଟ ହୋଇ କେତେ ଯେ ପ୍ରାଣବଳି ହୋଇଥିଲା ଯାହାର ଗଣନା କରିବା ଅସମ୍ଭବ। ମାତ୍ର ଏବେ ଲୋକମାନଙ୍କ ଭିତରେ ନା ଅଛି ସ୍ୱାଧୀନତା ପାଇବାର ପରିତୃପ୍ତି ନା ଅଛି ଏକତ୍ର ହୋଇ ବସବାସ କରିବାର ଇଚ୍ଛା ବରଂ ଯୁଗେଯୁଗେ 'ମୋ ପୁଅ ରାଜା ହେଉ' ଭାବନାର ଅଭିସନ୍ଧି ଯାହା ଦିନେ ରାମାୟଣ, ମହାଭାରତ ପରି ବିରାଟ କାହାଣୀ ସୃଷ୍ଟି କରିଥିଲା। ମଣିଷ ଯେବେ ଅତ୍ୟାବଶ୍ୟକୀୟ ଭାବେ ପର ଘରର ଝିଅ ଓ ପୁଅକୁ ଆପଣା କରିପାରେନା ଯାହାକି ସାମାଜିକ ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟି ଯାଏ ସେତେବେଳେ ସୂକ୍ଷ୍ମ ଦୃଷ୍ଟିକୋଣରୁ ସାରା ବିଶ୍ୱକୁ ଏକ ନଜରରେ ବା କେମିତି ଦେଖିବ। ଯେ ପର୍ଯ୍ୟନ୍ତ ଜଣେ ମା' ତା'ର ଜନ୍ମିତ ସନ୍ତାନ ବ୍ୟତିରେକ ଅନ୍ୟ ସନ୍ତାନକୁ କୋଳକୁ ଟାଣିପାରେନା ତା'ର ଭୋକିଲା ମୁହଁରେ ଦୁଃଖକୁ ବୁଝିପାରେନା ଏବଂ ତା'ର ଦୁଃଖରେ ଦୁଃଖୀ ଆଉ ସୁଖରେ ସୁଖୀ ହୋଇପାରେନା ସେ ପର୍ଯ୍ୟନ୍ତ ଧରିତ୍ରୀ ମା' ଛଡା କୌଣସି ମା' ବାସ୍ତବରେ ମା' ହୋଇ ପାରିବେ ନାହିଁ। କେବଳ ଜନ୍ମଦାତ୍ରୀ ହେବା ହିଁ ସାର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ଓଭରବ୍ରିଜ୍‌ରୁ ସ୍ଲାବ୍ ଖସି ନାବାଳିକାର ମୃତ୍ୟୁ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ରବିବାର ଅପରାହ୍ଣରେ ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଧୀନ ବିଷ୍ଣୁପୁର ଛକ ନିକଟରେ ଘଟିଛି ଅଘଟଣ। ୧୬ ନମ୍ବର ଜାତୀୟ ରାଜପଥର ନିର୍ମାଣାଧୀନ ଓଭରବ୍ରିଜ୍‌ରୁ ସ୍ଲାବ୍ ଖସି ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳିକା ହେଉଛନ୍ତି ଭଦ୍ରକ ବ୍ଲକ୍ ବହୁଦରଡ଼ା ପଞ୍ଚାୟତ ବେନ୍ତାଳିଆ ଗ୍ରାମର ଭଜ ମଲ୍ଲିକଙ୍କ ଝିଅ କବିତା ମଲ୍ଲିକ (୧୨)। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଠିକା କମ୍ପାନୀ ଜେସିବିକୁ ପୋଡ଼ିଦେଇଥିବା ବେଳେ କ୍ଷତିପୂରଣ ଦାବିରେ ରାସ୍ତାରୋକ୍ କରିଛନ୍ତି। ସୂଚନା ମୁତାବକ, ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କାମ ଚାଲିଥିବା ବେଳେ ଧାମନଗର ଥାନା ବିଷ୍ଣୁପୁର ଛକ ଠାରେ ଓଭରବ୍ରିଜ୍ ନିର୍ମାଣ ଜାରି ରହିଛି। ତେବେ ଅପରାହ୍ଣ ସାଢ଼େ ୪ଟା ବେଳେ ଓଭରବ୍ରିଜ୍‌ର ପ୍ରୋଟେକ୍ସନ୍ ୱାଲ୍‌ରୁ ଏକ ସ୍ଲାବ୍ ଖସିପଡ଼ିଥିଲା। ଏହି ସମୟରେ ସେହି ରାସ୍ତାରେ ଯାଉଥିବା କବିତାଙ୍କ ଉପରେ ସ୍ଲାବ୍ ପଡ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ସେଠାରେ ଥିବା ଠିକା କମ୍ପାନୀ ଡିବିଏଲ୍‌ର ଏକ ଜେସିବିକୁ ପୋଡ଼ିଦେଇଥିଲେ। ସେହିପରି କ୍ଷତିପୂରଣ ଦାବିରେ ଶବ ରଖି ରାଜପଥ ଅବରୋଧ କରିଥିଲେ। ଖବରପାଇ ଧାମନଗର ଓ ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାସୁଝା କରିଥିଲେ। ହେଲେ ସେମାନେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସହ ପରିବାରର ଜଣଙ୍କୁ ଚାକିରି ଦାବିରେ ଅଡ଼ିବସିଛନ୍ତି। ଘଟଣାସ୍ଥଳକୁ କୌଣସି ଉଚ୍ଚପଦାଧିକାରୀ ଆସିନଥିବା ବେଳେ ରାସ୍ତାରୋକ୍ ଜାରି ରହିଛି। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି।

# ଡାକ୍ତରଖାନାରୁ ଦୁଷ୍କର୍ମ ଅଭିଯୁକ୍ତ ଚମ୍ପଟ

ରାଜକନିକା, ନ୍ୟୁଜ୍ ବ୍ୟୁରୋ

ଦୁଷ୍କର୍ମ ମାମଲାରେ ଗିରଫ ହେବା ପରେ ଡାକ୍ତରୀ ପରୀକ୍ଷା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଡାକ୍ତରଖାନାକୁ ଅଣାଯାଇଥିବା ଜଣେ ଅଭିଯୁକ୍ତ ଫେରାର୍ ହୋଇଯାଇଛି। ପରିସ୍ରା କରିବାକୁ ଯିବା ବାହାନା କରି ଅଭିଯୁକ୍ତ ଚମ୍ପଟ୍ ମାରିଛି। ପ୍ରକାଶ ଯେ, ଗତ ୪ ତାରିଖ ରାତି ପ୍ରାୟ ୭ଟାରେ ରାଜକନିକା ଥାନା ଅନ୍ତର୍ଗତ କାତଣା-ବଣିଆଁ ପଞ୍ଚାୟତ ଅଞ୍ଚଳର ଜଣେ ମହିଳା କାତଣା ବଜାରରୁ ନିଜ ଘରକୁ ଫେରୁଥିଲେ। କାତଣା କଲେଜ ନିକଟରେ ଡାଏଣିଗିରି ଗାଁର ଖଗେଶ୍ୱର ବେହେରା ନାମକ ବ୍ୟକ୍ତି ତାଙ୍କୁ ଏକୁଟିଆ ଦେଖି ଦୁଷ୍କର୍ମ କରିଥିବା ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ରାଜକନିକା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଅପରାହ୍ଣ ପ୍ରାୟ ସାଢ଼େ ୨ଟାରେ ଡାକ୍ତରୀ ପରୀକ୍ଷା ପାଇଁ ଅଭିଯୁକ୍ତକୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପରିସ୍ରା ଯିବା ବାହାନାରେ ପୋଲିସକୁ ଚକ୍‌ମା ଦେଇ ଅଭିଯୁକ୍ତ ଚମ୍ପଟ୍ ମାରିଛି। ଏ ସମ୍ପର୍କରେ ଥାନାଧିକାରୀ ସଞ୍ଜୟ ମଲିକଙ୍କୁ ପଚାରିବାରୁ ଘଟଣାକୁ ସେ ସ୍ୱୀକାର କରିବା ସହିତ ଅଭିଯୁକ୍ତକୁ ଖୁବ୍‌ଶୀଘ୍ର ଧରାଯିବ ବୋଲି କହିଛନ୍ତି।

## 'ସମ୍ବାଦ କଳିକା'ର ପ୍ରଭାବ

# ଅସହାୟ ଶିଶୁଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଲା ପତିତ ପାବନ ସେବା ସଂଗଠନ

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଆମେ କିଛି ଦିନ ତଳେ ଆମ ନ୍ୟୁଜ୍ ପେପର ସମ୍ବାଦ କଳିକାରେ ଏହି ଅସହାୟ ଅନାହାର ଓ ବାସହୀନ ଶିଶୁଙ୍କ ପରିବାରକୁ ଆମ୍ଭେ ଖବର ପ୍ରସାରଣ କରି ସରକାରଙ୍କ ଦୃଷ୍ଟିକୁ ଆଣିଥିଲେ ମଧ୍ୟ ବ୍ୟାସନଗର ପୌରପରିଷଦ ଠାରୁ ଆରମ୍ଭ କରି ଜିଲ୍ଲାପ୍ରଶାସନ ଓ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଏଯାବତ କେହି କର୍ଣ୍ଣପାତ କରିନାହାନ୍ତି । ସବୁ ଜାଣିଶୁଣି ଅଜଣା ପାଲଟି ଯାଇଛନ୍ତି । ଏହି ଏସି ରୁମ୍‌ରେ ବସିଥିବା ରାଜନେତା ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ମାନେ । ସତେ ଯେମିତି ମୁକ ବଧିର ଆଉ କାଲ ପାଲଟି ଯାଇଛନ୍ତି ଆଉ ସତେ ଯେମିତି ମଣିଷ ପଣିଆ ହଜିଯାଇଛି ବ୍ୟବସ୍ଥା ଭିତରେ । କଥାରେ ଅଛି ସମୟ ବଡ଼ ବଳବାନ । ବର୍ଷାରେ ଭିଜି ଭିଜି ଛିଣ୍ଡା ଜରିପାଲ ତଳେ ଚଲୁଥିବା ଆଉ ଓଦା ମାଟି ଉପରେ ଶୋଇ ରାତି କାଟୁଥିବା ଏହି ଅସହାୟ ନିରାଶ୍ରୟ ଶିଶୁ ମାନଙ୍କ ଆଖିର ଲୁହ ଯେ କାଲି ବ୍ୟବସ୍ଥାରେ ଥିବା ଅଧିକାରୀ ଓ ନେତା ମାନଙ୍କ ପାଇଁ ଅଭିଶପ୍ତ ପାଲଟି ନଯିବ କିଏ କହିପାରିବ । ତେବେ ଏହି ନିରାଶ୍ରୟ ଅସହାୟ ଶିଶୁଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ପୁରୀ ଜିଲ୍ଲାର ପତିତ ପାବନ ସେବା ସଂଗଠନ ସହାୟତାର ହାତ ବଢ଼ାଇଛି । ଏହି ଅଗ୍ରଣୀ ସାମାଜିକ ସଂଗଠନ ଆମ୍ଭ ଖବର ଦେଖିବା ପରେ ପୁରୀରୁ ଏକ ବାଇକ୍ ଯୋଗେ ଯାଜପୁର ଜିଲ୍ଲାର ବ୍ୟାସନଗର ସହରରେ ଆସି ପହଞ୍ଚିଥିଲା ଏବଂ ଅସହାୟ ପରିବାରକୁ କିଛି ଦିନପାଇଁ ଖାଦ୍ୟ ବ୍ୟବସ୍ଥା କରିବା ସହିତ ଖଣ୍ଡିଏ ଅସ୍ଥାୟୀ ବାସଗୃହ ନିର୍ମାଣ କରିଦେଇଛି । ଏଥିସହ ଖୁବ୍‌ଶୀଘ୍ର ଏହି ନିରାଶ୍ରୟ ଅନାହାର ଓ ଶିକ୍ଷା ବିହୀନ ୪ ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଚାଇଲଡ ୱେଲ୍‌ଫେୟାର୍ ସେଣ୍ଟରର ସହଯୋଗ ମଧ୍ୟ ନେଇଛି ଏହି ପତିତପାବନ ସେବା ସମିତି ସଭାପତି ଗୋପବନ୍ଧୁ ଆଚାର୍ଯ୍ୟ କହନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ପୁରୀରୁ ଏକ ସାମାଜିକ ସଂଗଠନ ଯାଜପୁରରେ ଆସି ସହାୟତାର ହାତ ବଢ଼େଇ ପାରୁଛି ତେବେ ବ୍ୟାସନଗର ପୌରପରିଷଦ ଓ ଜିଲ୍ଲା ପ୍ରଶାସନ ଏଯାଏଁ କାହିଁକି ପହଞ୍ଚି ପାରିଲାନି ? ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ । ଘଟଣାକୁ ନେଇ ପତିତ ପାବନ ସେବା ସମିତିକୁ ଧନ୍ୟବାଦ ଅର୍ପଣ କରିବା ସହିତ ଅନ୍ୟପଟେ ପୌରପରିଷଦ ଓ ଜିଲ୍ଲା ପ୍ରଶାସନକୁ ତୀବ୍ର ନିନ୍ଦା କରିଛନ୍ତି ଅଞ୍ଚଳବାସୀ । ସୂଚନାଥାଉକି ଦୀର୍ଘ ୧୧ ଦିନ ତଳେ ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୧୭ ନଂ ୱାର୍ଡ ସାପଗଡ଼ିଆ ଅଞ୍ଚଳର ଦିନ ମଜୁରିଆ ରାମ ହାଁସଦାଙ୍କ ସ୍ତ୍ରୀ ପର ପୁରୁଷ ଶହ ଚାଲିଯିବା ପରେ ରାମଙ୍କର ୩ ଶିଶୁ ଝିଅ ଓ ଗୋଟିଏ ଶିଶୁ ପୁଅଙ୍କ ଭୋକିଲା ପେଟରେ ଗଣ୍ଡେ ଖାଇବାକୁ ଦେଇ ପାରୁଛନ୍ତି ନା ପିନ୍ଧିବାକୁ ଦେଇ ପାରୁଛନ୍ତି ନା ପାଠ ପଢ଼େଇ ପାରୁଛନ୍ତି ନା ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ଆଶ୍ରୟସ୍ଥଳୀ ଦେଇ ପାରୁଛନ୍ତି । ହନ୍ତସନ୍ତ ଜୀବନ କାଟୁଥିବା ଏହି ପରିବାର ମୁହଁରେ ଟିକେ ହସ ଫୁଟାଇବାକୁ ପୁରୀର ପତିତପାବନ ସେବା ସମିତି ହାତ ବଢ଼ାଇଛି । ତେବେ ଏହି ସାମାଜିକ ସଂଗଠନକୁ ଅଞ୍ଚଳରେ ଭୂୟସୀ ପ୍ରଶଂସା କରିବା ସହିତ ତାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।



# ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲିକଙ୍କ ପରଲୋକ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁରର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲିକଙ୍କ ପରଲୋକରେ ତାଙ୍କ ପୁନଙ୍ଗ ସ୍ଥିତ ବାସ ଭବନରେ ଇହଲିଳା ସମ୍ବରଣ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ଜଗତସିଂହପୁର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ପରଲୋକ



ଖବରପାଇ ବିଧାୟକ ଅମରେନ୍ଦ୍ର ଦାସ, ସାଂସଦ ବିଭୂପ୍ରସାଦ ତରାଇ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନଟବର ବାରିକ, ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବ ବିଧାୟକ କୈଳାସ ମଲ୍ଲିକ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ସମାଜସେବୀ ସୁଦର୍ଶନ ବେହେରା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ପୂର୍ବତନ ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ଯୁବନେତା ତ୍ରିପୁରେଶ୍ୱର ମଲ୍ଲିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଜୋସ୍ନାରାଣି ମଲ୍ଲିକ, ବଡପୁଅ ସୁବ୍ରତ ମଲ୍ଲିକ, ସାନପୁଅ ସଂଜୀବ ମଲ୍ଲିକ, ଭଣଜା ଦେବେନ୍ଦ୍ର ମଲ୍ଲିକ, ଚାରି ଝିଅ ଜ୍ୱାଇଁ, ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତ ମଲ୍ଲିକ କଂଗ୍ରେସ ଦଳରୁ ୧୮ତମ ବିଧାନସଭାକୁ ୧୯୮୦ ରୁ ୧୯୮୫ ମସିହା ପର୍ଯ୍ୟନ୍ତ ଜଗତସିଂହପୁର ବିଧାନସଭା ଆସନରୁ ନିର୍ବାଚିତ ହୋଇ ବହୁ ଜନହିତକର କାର୍ଯ୍ୟ କରିଥିଲେ। ଜଣେ ଅତ୍ୟନ୍ତ ଆମାୟିକ, ଧର୍ମପରାୟଣ ଓ ଦୃଢ ସଂଗଠକ ଥିଲେ। ତାଙ୍କର ବିୟୋଗ ସମଗ୍ର ଜଗତସିଂହପୁର ଜିଲ୍ଲା ପାଇଁ ଅପୂରଣୀୟ କ୍ଷତି। ସେ ଜଣେ ଅତି ସରଳ, ସ୍ୱଚ୍ଛ ଓ ଗାନ୍ଧିବାଦୀ ସର୍ବୋଦୟ ନେତା ଥିଲେ। ଗରିବ, ଦଳିତ, ଅସହାୟ ଓ ନିଷ୍ପେସିତ ଲୋକଙ୍କ ପାଇଁ ସେ ସାରା ଜୀବନ ନିଜକୁ ଉତ୍ସର୍ଗ କରିଥିଲେ। ମରଶରୀରକୁ ପ୍ରଥମେ ଜିଲ୍ଲାପାଳଙ୍କ ପଡିଆରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସମ୍ପିତ ରାଉତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



# ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବ ମୁଖର ଦିଗପହଣ୍ଡି

ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳ କଲୋନୀ ନୀଳାଦ୍ରି ବିହାର ୨ୟ ଲେନ୍‌ରେ ପ୍ରତିବର୍ଷ ଭଳି ଚଳିତବର୍ଷ ମା' ଗଜଲକ୍ଷ୍ମୀଙ୍କ ପୂଜା ନିମନ୍ତେ ଚଳଚଞ୍ଚଳ ହୋଇଉଠିଛି। ଏହି ପରିପ୍ରେକ୍ଷୀରେ ରବିବାର ଜଳଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସମ୍ଭବ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜଳଯାତ୍ରାରେ ପୂଜା କମିଟି ସଭାପତି ତଥା କର୍ତ୍ତା ଦାମୋଦର ପାତ୍ରୀ, ପରିଚାଳନା କମିଟି ସମ୍ପାଦକ କୈଳାସ ଦାସ, କୋଷାଧ୍ୟକ୍ଷ ପ୍ରଭାକର ପାଣିଗ୍ରାହୀ, ବିଜୟ କୁମାର ପ୍ରଧାନ, ସୁଦାମ ଦାସ, ଲକ୍ଷ୍ମୀନାରାୟଣ ପାତ୍ରୀଙ୍କ ସମେତ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ପୂଜା ମଣ୍ଡପକୁ ସାଜସଜ୍ଜା କରାଯାଇଛି। ପୂଜା ନିମନ୍ତେ ସମଗ୍ର ସାହିରେ ଆଧାତ୍ମିକ ପରିବେଶ ସୃଷ୍ଟି ହେବା ସହ ରଙ୍ଗ ବେରଙ୍ଗ ଆଲୋକ ମାଳାରେ ଝଲସି ଉଠିଛି। ସୋମବାର ଠାରୁ ଅନୁଷ୍ଠିତ ଏହି ପୂଜା ଉତ୍ସବ ନିମନ୍ତେ ଅନୁଷ୍ଠିତ ହୋମଯଜ୍ଞ ମଙ୍ଗଳବାର ମଧ୍ୟାହ୍ନରେ ପୂର୍ଣ୍ଣାହୁତି ହେବା ସହ ସନ୍ଧ୍ୟାରେ ଉଦ୍‌ଯାପିତ ହେବା କାର୍ଯ୍ୟକ୍ରମ ରହିଛି।

## ସ୍ମୃତି ମୋ ମାଟିର ୪୬ ତମ ଅର୍ଘ୍ୟରେ ବିଶିଷ୍ଟ ଅଭିନେତା ମାତୃପ୍ରସାଦ

# "ଅଭିନୟ କଳାର ଉନ୍ନତି ପାଇଁ ନାଟ୍ୟ ଏକାଡ଼େମୀ ଓ ଥିଏଟର ପ୍ରତିଷ୍ଠା ଅତ୍ୟନ୍ତ ଜରୁରୀ"

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ



ଓଡ଼ିଆ ଯାତ୍ରା ସଂସ୍କୃତିର ଅନ୍ତୁଡିଶାଳ ଭାବେ ଖ୍ୟାତ ଜଗତସିଂହପୁର ଜିଲ୍ଲାରେ ଉତ୍ତର ପିଢିଙ୍କ ମଧ୍ୟରେ ଅଭିନୟ ପ୍ରତି କିପରି ଏକ ବିମୁଖ ଭାବ ସ୍ପଷ୍ଟ ଅନୁଭୂତ ହେଉଛି। ଏହି ବିମୁଖତା ପାଇଁ ମଞ୍ଚ ଅଭିନୟ ପ୍ରତି ସୁଯୋଗ ଓ ପ୍ରୋତ୍ସାହନର ଅଭାବ ମୁଖ୍ୟତଃ ଦାୟୀ। ଏଥିପାଇଁ ଜିଲ୍ଲାରେ ରାଜ୍ୟ ସଙ୍ଗୀତ ନାଟକ ଏକାଡ଼େମୀ ପରି ଏକ ଅନୁଷ୍ଠାନ ପ୍ରତିଷ୍ଠା କରିବା ସହିତ ଆଦିକବି ସାରଳା ଦାସ ସଂସ୍କୃତି ଭବନକୁ ଏକ ପୂର୍ଣ୍ଣାଙ୍ଗ ଥିଏଟରରେ ରୂପାନ୍ତରିତ କରିବା ପାଇଁ ଜଗତସିଂହପୁର ମାଟିର ବିଶିଷ୍ଟ ଅଭିନେତା ମାତୃପ୍ରସାଦ ଦାଶ ମାସିକ ଯୁବ ବୁଦ୍ଧିଜୀବୀ ସଂଗୋଷ୍ଠୀ 'ସ୍ମୃତି ମୋ ମାଟିର' କାର୍ଯ୍ୟକ୍ରମର ୪୬ ତମ ଅର୍ଘ୍ୟରେ ଯୋଗଦେଇ ମତ ପ୍ରକାଶ କରିଛନ୍ତି। ଜଗତସିଂହପୁର ଡେଭଲପମେଣ୍ଟ ଫୋରମ୍, ମହାମ୍ନାଗାନ୍ଧୀ ସର୍ବସାଧାରଣ ଜ୍ଞାନକେନ୍ଦ୍ର ଓ ଦିଲ୍ଲୀ ଓଡ଼ିଆ ବୁଦ୍ଧିଜୀବୀ ଫୋରମ୍ ଦି ଇଣ୍ଟେଲେଟସର ମିଳିତ ଆନୁକୂଲ୍ୟରେ ମାଟିର ସଫଳ ବ୍ୟକ୍ତିଙ୍କ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତିରେ ଭାଗିଦାରୀ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବହକତ୍ୱରେ କରୋନା ମହାମାରୀ କାଳରୁ ଆୟୋଜିତ ହୋଇଆସୁଥିବ ଏହି ମାସିକ ସଂଗୋଷ୍ଠୀରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ, ଡଃ ସୁରେନ୍ଦ୍ର ନାଥ ତ୍ରିପାଠୀ, ପ୍ରଶାନ୍ତ ଦାସ, ଭଗବାନ ଦାସ, ସ୍ନେହମୟୀ ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାପତି ଅଭିବ୍ୟକ୍ତିରେ ଶ୍ରୀ ରାଉତ ଜଗତସିଂହପୁରରେ ଅଭିନୟକୁ ଆଗାମୀ ପିଢିଙ୍କ ମଧ୍ୟରେ ପୁନର୍ବାର ଲୋକପ୍ରିୟ କରାଇ ହୃତ ପରମ୍ପରାକୁ ପୁନଃ ପ୍ରତିଷ୍ଠା କରାଇବା ପାଇଁ ସବୁ ଦିଗରୁ ସମର୍ପିତ ପ୍ରୟାସ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ବେଦପାଠ ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା କରିଥିବା ବେଳେ ଅତିଥିଙ୍କୁ ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। କବି ରମେଶ କୁମାର ବହିରାଙ୍କ ସଂଯୋଜନାରେ ମାତୃଭକ୍ତି ଉପରେ ଆଧାରିତ କବିତା ଆସର 'ମାତୃକୃପା'ରେ ଅନେକ ଯୁବ ତଥା ବରିଷ୍ଠ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସେମାନଙ୍କ ମଧ୍ୟରେ ଗୋଲାପରାଣୀ ସାହୁ, ଇନ୍ଦୁପ୍ରଭା ବିଶ୍ୱାଳ, ବେବିଲତା ଶତପଥି, ମହାସ୍ମିତା ଓଝା, ମିଲ୍ଲିପ୍ରଭା ଦାସ, ପ୍ରେମଲତା ବାରିକ, ଦୁର୍ଗାବତୀ ଓଝା, ରାମଚନ୍ଦ୍ର ବେହେରା, ନବୀନ ଦାସ, ଡଃ ସୁରେନ୍ଦ୍ର ନାଥ ତ୍ରିପାଠୀ ପ୍ରମୁଖ ଅଟନ୍ତି । ଶେଷରେ କବୟତ୍ରୀ ମିଲ୍ଲିପ୍ରଭା ଦାସ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।



# ପୌରାଧକ୍ଷା ଓ ଜିଲ୍ଲାପାଳଙ୍କ ସଫେଇ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ପୌରସଂସ୍ଥା ତରଫରୁ ଚାଲିଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍ ଆୟାର୍ ଓ ପୌରାଧକ୍ଷା ସରିତା ସାହୁ ପୁରୁଣା ବସ୍‌ଷ୍ଟାଣ୍ଡ, ମାଛ ମାର୍କେଟ୍ ଏବଂ ଆଖପାଖ ପୌରାଞ୍ଚଳରେ ସଫେଇ କରିଥିଲେ । ଏଥି ସହିତ ପରିବା ଦୋକାନୀ, ଫଳ ଦୋକାନୀ ଓ ଉଠା ଦୋକାନୀ ମାନଙ୍କୁ ପ୍ଲାଷ୍ଟିକ୍ ପ୍ରଦାନ କରି ଅଳିଆ, ଆବର୍ଜନା ଗୁଡିକୁ ପ୍ଲାଷ୍ଟିକ୍ ଭିତରେ ପୁରାଇ ସ୍ୱଚ୍ଛ କର୍ମଚାରୀଙ୍କୁ ପ୍ରଦାନ କରିବା ପାଇଁ ନିବେଦନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଉନ୍‌ସିଲର୍ ନିରାକାର ସ୍ୱାଇଁ, ପ୍ରଦିପ୍ତ ଜେନା, ସୁକୁମାର ଚାନ୍ଦ, ସ୍ୱାଧୀନ ନାୟକଙ୍କ ସହିତ ସୁପର ଭାଇଜର ପ୍ରମୁଖ ଉପସ୍ଥିତ ଥିଲେ ।

# ଆର୍‌ଏସ୍‌ଏସ୍‌ର ଟିକରପଡ଼ା ମଣ୍ଡଳ ଉଦ୍‌ଘାଟିତ

କଟକ, ନ୍ୟୁଜ୍ ବ୍ୟୁରୋ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତୀ ଉପଲକ୍ଷେ ଯାଜପୁର ଜିଲ୍ଲାର ଶ୍ରୀରାମପୁର ଖଣ୍ଡ ଟିକରପଡା ମଣ୍ଡଳର ଉଦ୍‌ଘାଟନ କାର୍ଯ୍ୟକ୍ରମ ସାରଙ୍ଗପୁର ଶିବ ମନ୍ଦିର, ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ରୂପେ ସହ ଜିଲ୍ଲା କାର୍ଯ୍ୟବାହ ଆଦରଣୀୟ ସନ୍ଦୀପ କୁମାର ବିଶ୍ୱାଳ ଯୋଗଦେଇଥିଲେ। ସଂଘର ୧୦୦ କଠିନ ଯାତ୍ରା ଏବଂ ସମାଜ ପାଇଁ କଣ କରିଛି ଏବଂ ଏହାର ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ପଞ୍ଚ ପରିବର୍ତନ (ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ, ପର୍ଯ୍ୟବରଣ, ସ୍ୱବୋଧ, ନାଗରିକ କର୍ତ୍ତବ୍ୟ) ଉପରେ ସ୍ୱୟଂସେବକ କାମ କରିବା ପାଇଁ ଆଗ୍ରହ କରିଥିଲେ। ଏଥିରେ ଟିକରପଡା ମଣ୍ଡଳର ୫ଟି ପଞ୍ଚାୟତ ରୁ ୪୪ ଜଣ ସ୍ୱୟଂସେବକ ଯୋଗଦେଇଥିଲେ। ଶସ୍ତ୍ର ପୂଜନ ହୋଇଥିଲା ଓ କାର୍ଯ୍ୟକ୍ରମ ଶେଷରେ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ କାର୍ଯ୍ୟବାହ ଆଲୋକ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମଣ୍ଡଳର କାର୍ଯ୍ୟକର୍ତ୍ତା ପ୍ରତାପ ଚନ୍ଦ୍ର ନାୟକ, ମନୋଜ ମହାପାତ୍ର ପ୍ରଶାନ୍ତ ସାହୁ, ଉତ୍ତମ ପାଲ, ଅଶ୍ୱିନୀ ସାମଲ, ଦୀପକ ବେହେରା ସଂଗ୍ରାମ ବାରିକ, ନିରଞ୍ଜନ କାଣ୍ଡି, ଜୀବନ ପରିଡା, ସଂଗ୍ରାମ ଜେନା, ଅଜୟ ସ୍ୱାଇଁ, ନଟବର ଦାଶ ପ୍ରମୁଖ ସହଯୋଗ କରିଥିଲେ। ରୋହିତ ଜେନା ମୁଖ୍ୟ ଶିକ୍ଷକ କାର୍ଯ୍ୟ ତୁଲାଇଥିଲେ ।

# ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ଓ ଯାତ୍ରୀ ପ୍ରତୀକ୍ଷାଳୟ ଦାବି ତେଜିଲା

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟସ୍ଥ ବ୍ରାହ୍ମଣୀ ନଦୀ ପଠାରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ ଓ ଜାରକା ଫ୍ଲାଇଓଭର ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ପାଇଁ ଅର୍ଥମଞ୍ଜୁର ହୋଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବାରୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଦୁଇଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଦୁଇପୁତ୍ର ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିକଟରେ ଫେରାଦ ହୋଇଛନ୍ତି । ବାପାଙ୍କ ସ୍ୱପ୍ନର ପ୍ରକଳ୍ପ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ଏବଂ ଯାତ୍ରୀ ପ୍ରତୀକ୍ଷାଳୟର ନିର୍ମାଣକାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ସ୍ୱର୍ଗତ ଲାବଣ୍ୟଙ୍କ ଦୁଇପୁତ୍ର ଶୁକ୍ରବାର ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଅନୁରୋଧ କରିଥିବା ଜଣାପଡିଛି । ସ୍ୱର୍ଗତ ଲାବଣ୍ୟ ୨୦୨୧ରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ପାଇଁ ଯାଜପୁରର ତତ୍‌କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିକଟରେ ଦାବି କରିଥିଲେ । ଧର୍ମଶାଳା ତହସିଲଦାର ଏଥିପାଇ ଅଢେଇ ଏକର ଜମି ଯୋଗାଇ ଦେଇଛନ୍ତି । ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଟଙ୍କା ଓ ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ସେହିପରି ଜାରକା ବସ୍‌ଷ୍ଟପ୍ ଠାରେ



ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀମାନେ ଖରା ବର୍ଷା ଶୀତ କାକରରେ ଠିଆହୋଇ ବସ୍‌କୁ ଅପେକ୍ଷା କରି ରହୁଥିବାରୁ ବସ୍‌ଯାତ୍ରୀମାନଙ୍କ ନିମନ୍ତେ ଓଭର୍ ବ୍ରିଜ୍‌ର ଦୁଇପାର୍ଶ୍ୱରେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ସ୍ୱର୍ଗତ ଲାବଣ୍ୟ ୨୦୨୩ ରେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ । ତଦନୁଯାୟୀ ତତ୍‌କାଳୀନ ଜିଲ୍ଲାପାଳ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି । ମାତ୍ର ଜମି ଅଧିଗ୍ରହଣ ହୋଇପାରିନଥିବାରୁ ଏହି ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ । ଗତ ଅଗଷ୍ଟ ୭ ତାରିଖରେ ଜମି ଯୋଗାଇଦେବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କୁ ପତ୍ର କରିଥିବା ବେଳେ ଜମି ଯୋଗାଇଦେବାକୁ ଦୁଇଭାଇ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ଜିଲ୍ଲାପାଳଙ୍କ ସହିତ ସାକ୍ଷାତ ସମୟରେ ବ୍ରଜକିଶୋର ମହାନ୍ତି, ପ୍ରଭାତ କୁମାର ପଣ୍ଡା ପ୍ରମୁଖ ବନ୍ଦେ ଉତ୍କଳ ଜନନୀର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏଥିପୂର୍ବରୁ ସ୍ୱର୍ଗତ ଲାବଣ୍ୟଙ୍କ ଦୁଇପୁତ୍ର ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ସାକ୍ଷାତ କରି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅନୁରୋଧ କରିଥିବା ଜଣାପଡିଛି ।



# ପୂଜା କମିଟିର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ୩ ତାରିଖରେ ହିନ୍ଦୁ ଏକତା ମଞ୍ଚ ଭାରତ କଟକ ଜିଲ୍ଲା ସଂଗଠନ ଆନୁକୂଲ୍ୟରେ କଟକ ଜିଲ୍ଲାର ସଭାପତି ଡକ୍ଟର ପଦ୍ମଲୋଚନ ନାୟକଙ୍କ ମାର୍ଗଦର୍ଶନରେ କଟକ ମଣିସାହୁ ଛକ ନିକଟରେ ଏକ ସମ୍ବର୍ଦ୍ଧନା ମଞ୍ଚ ତିଆରି କରାଯାଇ ସେହି ରାସ୍ତା ଦେଇ ଭସାଣି ଉପଲକ୍ଷେ ଯାଉଥିବା ମା' ଦୁର୍ଗା ଓ ଶିବ ପାର୍ବତୀଙ୍କ ମୃଣ୍ମୟ ପ୍ରତିମା ଗୁଡିକ ନିକଟରେ ପୁଷ୍ପ ମାଲ୍ୟ ଓ ଭୋଗ ଲାଗି ହେବା ସହିତ ପ୍ରତ୍ୟେକ ପୂଜା କମିଟିର ସମ୍ପାଦକ ଓ ସଭାପତିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରାଯାଇ ଉତ୍ତରୀୟ ପ୍ରଦାନ ପୂର୍ବକ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚରେ ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନା ସମ୍ପାଦକ ସୁରେନ୍ଦ୍ର ମହାନ୍ତି ଉପସଭାପତି ଚନ୍ଦ୍ରକାନ୍ତ ନାୟକ ଯୁଗ୍ମ ସମ୍ପାଦକ ଡକ୍ଟର ପ୍ରଭାତ ସାହୁ କଟକ ଜିଲ୍ଲାର ଉପସଭାପତି ପ୍ରଦୀପ୍ତ ଆଚାର୍ଯ୍ୟ ସଂଗଠନ ସମ୍ପାଦକ ମାନସ କୁମାର ସିଂହ ଉପସଭାପତି ରବିନାରାୟଣ ଦାଶ, ମୁଖ୍ୟ ଉପଦେଷ୍ଟା ବୀରେନ୍ଦ୍ର କୁମାର ସାହୁ, ପ୍ରାଣକୃଷ୍ଣ ଜେନା କୋଷାଧ୍ୟକ, ସନ୍ତୋଷ କୁମାର ସାହୁ ବରିଷ୍ଠ ସଦସ୍ୟ, ସୁଶୀଲ ପାଲ, ବ୍ରଜକିଶୋର ଜେନା, ମନୋରଞ୍ଜନ ମହାନ୍ତି, ଶଶିକାନ୍ତ ତିୱାରୀ, ସୃଷ୍ଟିଧର ନାୟକ, ସଂଯୋଜିକା ରୋଜାଲିନି ବସ୍ତିଆ, ଶରତ ଚନ୍ଦ୍ର ସ୍ୱାଇଁ, ଉପଦେଷ୍ଟା ରବୀନ୍ଦ୍ର ମହାପାତ୍ର, ଶ୍ରବଣ କୁମାର ରାଉଳ, ଅଶୋକ କୁମାର ବାରିକ, ଅଶୋକ କୁମାର ଆଗ୍ରୱାଲ, ନକୁଳ ଚରଣ ଲେଙ୍କା, ଧୀରେନ୍ଦ୍ର ନାୟକ, ନିତିନ ନାୟକ ଧନୁର୍ଜୟ ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ, ମିନତୀ ପାଲ, ଚନ୍ଦ୍ରଶେଖର ପଣ୍ଡା ପ୍ରଭୃତି ମଞ୍ଚରେ ଉପସ୍ଥିତ ରହି ସମ୍ବର୍ଦ୍ଧନା କାର୍ଯ୍ୟରେ ସହଯୋଗ କରିଥିଲେ । ସଂଗଠନ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ରାଜକୁମାର ଖେମେଟା ଓ ମଙ୍ଗଳ ଚରଣ ପାଣ୍ଡେ ସଂଗଠନରେ ଯୋଗ ଦେଇଥିଲେ । କଟକ ଜିଲ୍ଲାର ସଂଗଠନ ସମ୍ପାଦକ ମାନସ କୁମାର ସିଂହ ସେମାନଙ୍କୁ ସ୍ୱାଗତ କରିଥିଲେ । ସଂଗଠନର ସମସ୍ତ ସଦସ୍ୟ ମଣିସାହୁ ଛକ ପୂଜା କମିଟିର ସମ୍ପାଦକ ସଭାପତି ଓ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ ।

# ଗ୍ରାମାଞ୍ଚଳ ଲେଖକ ସଂଘର ବାର୍ଷିକ ଉତ୍ସବ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ପ୍ରେସ୍‌କ୍ଲବ୍ ପରିସରରେ ଶନିବାର ଦିନ ଗ୍ରାମାଞ୍ଚଳ ଲେଖକସଂଘର ବାର୍ଷିକଉତ୍ସବ ଓ ପଲ୍ଲୀବଧୂର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିବେକାନନ୍ଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, କବି ଗୌତମ ଜେନା ଓ ମନୋରଞ୍ଜନ ବେହୁରା ଯୋଗଦେଇ ଗ୍ରାମାଞ୍ଚଳ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସାହିତ୍ୟିକ ଜତିନ୍ଦ୍ର ରାଉତ, ଶିକ୍ଷାବିତ ଭିକାରୀ ସାମଲ, ଉଦ୍ୟୋଗୀ ବ୍ରହ୍ମାନନ୍ଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗଣେଶ୍ୱର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାମ୍ବାଦିକ ଶୁଭେନ୍ଦୁ ସାମଲ ଓ ବିଶ୍ୱପ୍ରକାଶ ଖୁଣ୍ଟିଆ ମାନପତ୍ର ପାଠ କରିଥିଲେ। ଆଦିତ୍ୟ ମାହୁନ୍ତ ବିବରଣୀ ପାଠ କରିଥିଲେ। ଆଶୁତୋଷ ଦେବି ପ୍ରସାଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟାସନଗରରେ ମା' ବିରଜାଙ୍କ ପଞ୍ଚମ ବାର୍ଷିକ ପୂଜା ସମାପିତ



ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଷ୍ଟାଡିୟମ୍ ରୋଡରେ ଥିବା ବିରଜା ନଗରରେ ମା' ବିରଜାଙ୍କର ଷୋଡ଼ଶ ଦିବସୀୟ ପୂଜା ସମାପନ ହୋଇଯାଇଛି । କମିଟି ପକ୍ଷରୁ କୀର୍ତ୍ତନ ମଣ୍ଡଳୀ ସହ ବହୁଭକ୍ତ କଳସ ଶୋଭାଯାତ୍ରା ଧରି ଧବଳଗିରି ଛକ ନିକଟରେ ଥିବା ପଞ୍ଚମୁଖି ହନୁମାନ ମନ୍ଦିର ନିକଟସ୍ଥ ପୁଷ୍କରିଣୀରୁ କଳସ ପୂଜା ଅର୍ଚ୍ଚନା କରି ଜଳଘଟ ଆଣି ମାଆଙ୍କ ମନ୍ଦିରରେ ସ୍ଥାପନ କରିଥିଲେ । ଏହି ପୂଜା୧୬ ଦିନ ଧରି ଅନୁଷ୍ଠିତ ହୋଇଥିଲା । ମହାଅଷ୍ଟମୀ ନବମୀ ମଧ୍ୟରେ ସନ୍ଧି ପୂଜାବିଧି ଅନୁଯାଇ ବିରଜା ପାଞ୍ଜିର ସମୟ ନିର୍ଘଣ୍ଟ ଅନୁସାରେ ପାଳନ କରାଯାଇଥିଲା । ୧ ତାରିଖରେ ମା'ଙ୍କ ମନ୍ଦିରରେ ଦଶହରା ଓ ଅପରାଜିତା ପୂଜାପୂର୍ବକ ସମାପ୍ତ ହୋଇଥିଲା । ମା'ଙ୍କ କଳସକୁ କୁସୁନୁପୁର ଗ୍ରାମ ନିକଟରେ ଥିବା ଗଣ୍ଡାନାଳରେ ବିସର୍ଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନ୍ଦିରର ପୂଜକ କୈଳାସ ଚନ୍ଦ୍ର ଦାଶ, ଗୋରାଙ୍ଗ ଚରଣ ଦାଶ ଶର୍ମା, ମାନସ ଚନ୍ଦ୍ର ଦାଶ, କମିଟିର ସଭାପତି ନିତ୍ୟାନନ୍ଦ ମହାଳିକ ବରିଷ୍ଠ ଉପଦେଷ୍ଟା। ବିଜୟ କୁମାର ବରାଳ, ଚନ୍ଦ୍ରମଣି ସାମଲ, ନିରଞ୍ଜନ ବିଶ୍ୱାଳ, ନୀତି ସଂଜେ। ଯୋକ ବିର କିଶୋର ସାହୁ, ଉପସଭାପତି ଶ୍ରୀକାନ୍ତକୁମାର ପାତ୍ରୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ କାମଦେବ ଦାସ, ସୁରେନ୍ଦ୍ର ନାୟକ, ସଭାପତି ନିତ୍ୟାନନ୍ଦ ମହାଳିକ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର କାଣ୍ଡି, ଭାଗ୍ୟଧର ମହାରଣା, ଶ୍ରୁତୀ ରଞ୍ଜନ ପଣ୍ଡା, ପ୍ରକାଶ କୁମାର ସାହୁ, ଶ୍ରିମନ୍ତ କୁମାର ସାହୁ, ବିମାନ ଆଇଚ, ଦିଲ୍ଲୀପ କୁମାର ମହାନ୍ତି, ଶ୍ରୀକାନ୍ତ ମହାକୁଡ଼, ଦିବ୍ୟାଂଶୁ ମହାନ୍ତି, ବିଷ୍ଣୁଚରଣ ପଟ୍ଟନାୟକ, ରଶ୍ମି ରଞ୍ଜନ ମଲ୍ଲିକ ଇତ୍ୟାଦି ମା'ଙ୍କ ପୂଜାବିଧି ଓ ସାଂସ୍କୃତିକ ଗୁଡିକୁ ସୁପରିଚାଳନା କରିଥିଲେ । ଯାଜପୁର ରୋଡ ପୋଲିସ ଶାନ୍ତି ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।



# ସାରସ୍ୱତ ପତ୍ରିକା 'ସଂଜୀବନ' ଉନ୍ମୋଚିତ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଓ ସମାଜସେବା ଅନୁଷ୍ଠାନ ପବ୍ଲିକ୍ ୱେଲ୍‌ଫେୟାର୍ ସୋସାଇଟିର ବାର୍ଷିକ ସାରସ୍ୱତ ସଂକଳନ 'ସଂଜୀବନ'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସୋସାଇଟିର ସଭାପତି ବିଷ୍ଣୁଚରଣ ସାହୁଙ୍କ ପୌରୋହିତ୍ୟରେ ସ୍ଥାନୀୟ କଳାପ୍ରକାଶିନୀ କ୍ଲବ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଡ. ବିଜୟାନନ୍ଦ ସିଂ, ଗୀତିକାର ଅରୁଣ ମନ୍ତ୍ରୀ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭାଷା ସାହିତ୍ୟର ବିକାଶ ଓ ସମାଜ ସେବା କ୍ଷେତ୍ରରେ ପବ୍ଲିକ୍ ୱେଲ୍‌ଫେୟାର ସୋସାଇଟିର ନିଷ୍ପାପର ନିରନ୍ତର ପ୍ରଚେଷ୍ଟାର ପ୍ରଶଂସା କରି ଏହାର ଯୁବ ସଦସ୍ୟ ସଦସ୍ୟାମାନେ ଏହି ଧାରାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇମ୍ଫାର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ, ଶିକ୍ଷାବିତ୍ ତ୍ରିଦେବ ବେହେରା, ସାମାଜିକ କର୍ମୀ ଅଶୋକ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ 'ସଂଜୀବନ' ପତ୍ରିକାର ଶୁଭ ଉନ୍ମୋଚନ କରିଥିଲେ । ଏଥି ସହିତ ସାହିତ୍ୟ ଓ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ପଞ୍ଚାନନ ବେହେରାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଅଞ୍ଚଳର ବହୁ କବି ଓ କବୟତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ସମ୍ପାଦକ ପ୍ରଦ୍ୟୁମ୍ନ ତରାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପତ୍ରିକା ସହ ସମ୍ପାଦକ ଜ୍ୟୋତିଶଙ୍କର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ଅଜିତ୍ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପସଭାପତି ବିକ୍ରମ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଶିବଶଙ୍କର ସାହୁ, ସୁକାନ୍ତ ତରାଇ, ରାଜକିଶୋର ସାହୁ, ଭଗବାନ ବେହେରା, ତୁଷାର ସାହୁଙ୍କ ସମେତ ପିଡବ୍ଲୁଏସ୍‌ର ସମସ୍ତ କାର୍ମକର୍ତ୍ତା ସହଯୋଗ କରିଥିଲେ ।

## ବ୍ୟକ୍ତିତ୍ୱ ବିକାଶ ଶିବିର 'ଜାଗୃତି-୨୦୨୫'

# ଶ୍ରଦ୍ଧାସୁମନ ଓ ଆୟୁଷ ହେଲେ ସର୍ବଶ୍ରେଷ୍ଠ ଶିବିରାର୍ଥୀ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ବାରିପଦା ଚିନ୍ମୟ ମିଶନ ଦ୍ୱାରା ତିନିଦିନ ଧରି ସ୍କୁଲ ପିଲାଙ୍କ ୧୭ତମ ବ୍ୟକ୍ତିତ୍ୱ ବିକାଶ ଶିବିର 'ଜାଗୃତି ୨୦୨୫' ଉଦ୍‌ଯାପିତ ହୋଇଯାଇଛି । ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରିଣି ଉତ୍ସବରେ ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମହାନ୍ତି ଶିବିରର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ । ରାଉରକେଲା ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରିଣୀ ପ୍ରତିଭା ଚୈତନ୍ୟ ଓ ଉଦଳା ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ ପିଲାମାନଙ୍କୁ ମାତୃପୂଜା କରାଇଥିଲେ । ଏମ୍‌ପିସି କଲେଜର ଆସିଟେଣ୍ଟ ପ୍ରଫେସର ଡ଼ା ସରୋଜ ନାୟକ, ବରିଷ୍ଠ ସାମ୍ବାଦିକ



ସଞ୍ଜୟ ଚୌଧୁରୀ, ମୟୂରଭଞ୍ଜ ଏଥେଲେଟିକ ଏସୋସିଏସନ୍ ସମ୍ପାଦକ ବିଜୟ ଦାସ, ଶିକ୍ଷାବିତ୍ ମାଧୁରୀ ଦ୍ୱିବେଦୀ, ହୃଦାନନ୍ଦ ଆଚାର୍ଯ୍ୟ, ଯୋଗଗୁରୁ ରାକେଶ ମହାନ୍ତ, ନର୍ସିଂ ଡାଇରେକ୍ଟର ଡ଼ା ପ୍ରାଣକୃଷ୍ଣ ବେହେରା, ଆଇନଜୀବୀ ପ୍ରଦୀପ ମହାନ୍ତି, ଆରଡି ସଂସ୍ଥାର ଅଧ୍ୟକ୍ଷ ସାଇ ଓମ୍ ପ୍ରକାଶ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଶିବିରାର୍ଥୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ଚିନ୍ମୟ ମିଶନ ବାରିପଦାର ସମ୍ପାଦକ ଅଜିତ ବେହେରା କେମ୍ପ ପରିଚାଳନା କରିଥିଲେ । ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟରର ଛାତ୍ରୀ ଶ୍ରଦ୍ଧାସୁମନ ମହାନ୍ତ ଓ ସ୍ୱାମୀ ବିବେକାନନ୍ଦ ସ୍କୁଲ ଶିରିଶବଣିର ଆୟୁଷ ଶତପଥୀ ଲାଇନ ସ୍କୁଲ ସର୍ବଶ୍ରେଷ୍ଠ ଶିବିରାର୍ଥୀ, ଏମ୍‌କେସି ଉଚ୍ଚ ବିଦ୍ୟାଳୟର ହୃଷୀକେଶ ମୁର୍ମୁଙ୍କୁ ଶ୍ରେଷ୍ଠ ଶୃଙ୍ଖଳିତ ଶିବିରାର୍ଥୀ ରୂପେ ପୁରସ୍କୃତ ହୋଇଥିଲେ । ସଚ୍ଚିଦାନନ୍ଦ ଗୁରୁକୁଳର ହରପ୍ରିୟା ମାହାର୍ଣା ଓ ଲାଲୁ ଟୁଡୁ ରାଜ୍ୟ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସଚ୍ଚିଦାନନ୍ଦ ଗୁରୁକୁଳକୁ ଶ୍ରେଷ୍ଠ ଅନୁଷ୍ଠାନ ରୂପେ ସମ୍ମାନିତ କରାଯାଇଥିଲା । ହିମାଂଶୁ ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ଦେବୀଦର୍ଶନୀ ବେହେରା, ତନ୍ମୟତା ମହାନ୍ତ, ତୁଳସୀ ସାହୁ, ନନ୍ଦିନୀ ବେହେରା, ସିବାଙ୍ଗୀ ଖଣ୍ଡେୱାଲ, ରୀତିକା ଖଣ୍ଡେଲୱାଲ, ଅଙ୍କିତା ସାହୁ, ଡିମ୍ପଲ୍ ଦାସ, ରିୟା ଗିରି, ଓମ୍ ପ୍ରକାଶ ସାହୁ, ବିଷ୍ଣୁପଦ ବେରା ଓ ସବ୍ୟସାଚି ପଲେଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ବାରିପଦା ବିଭିନ୍ନ ବିଦ୍ୟାଳୟର ଏକ ଶହ ଆଠ ଜଣ ଛାତ୍ରଛାତ୍ରୀ ଭାଗ ନେବାକୁ ସୁଯୋଗ ଦିଆଯାଇଥିଲା ।

# ପଢ଼ିଆରେ ଅଶୋଭନୀୟ ଆଚରଣ ପାଇଁ ଦଣ୍ଡିତ ହେଲେ ପାକିସ୍ତାନ ଖେଳାଳି



**ନୂଆଦିଲ୍ଲୀ**

ଆଇସିସି ଆଚରଣ ସଂହିତା ଉଲ୍ଲଂଘନ କରିବା ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ପାକିସ୍ତାନୀ କ୍ରିକେଟର ସିଦ୍ରା ଅମିନଙ୍କୁ ଦଣ୍ଡିତ କରିଛି । ଗତ ରବିବାର, ଭାରତ ବନାମ ପାକିସ୍ତାନ ମହିଳା ବିଶ୍ୱକପ ମ୍ୟାଚ୍ ସମୟରେ ଭାରତ ୮୮ ରନରେ ବିଜୟୀ ହୋଇଥିଲା । ସିଦ୍ରା ଅମିନ ମ୍ୟାଚ୍‌ରେ ୮୧ ରନ କରିଥିଲେ, କିନ୍ତୁ ଆଉଟ ହେବା ପରେ ସେ ତାଙ୍କ ବ୍ୟାଟ୍‌ରେ ଜୋରରେ ଭୂମିକୁ ଆଘାତ କରିଥିଲେ । ଏହି ଆଚରଣ ପାଇଁ ଆଇସିସି ତାଙ୍କୁ ଦଣ୍ଡିତ କରିଛି । ସିଦ୍ରା ଅମିନଙ୍କୁ ଆଇସିସି ଆଚରଣ ସଂହିତାର ଧାରା ୨.୨ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା, ଯେଉଁଥିରେ କୁହାଯାଇଛି ଯେ ଜଣେ ଖେଳାଳି ଏକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ସମୟରେ କ୍ରିକେଟ ଉପକରଣ କିମ୍ବା ପୋଷାକ କିମ୍ବା ଭୂମିରେ ଥିବା କୌଣସି ସମ୍ପତ୍ତିକୁ କ୍ଷତି ପହଞ୍ଚାଇ ପାରିବେ ନାହିଁ । ଏହି ଘଟଣା ପାକିସ୍ତାନୀ ଇନିଂସର ୪୦ତମ ଓଭରରେ ଘଟିଥିଲା, ଯେତେବେଳେ ହରମନପ୍ରୀତ କୌରଙ୍କ ହାତରେ କ୍ୟାଚ୍ ପରେ ଅମିନ ରାଗି ତାଙ୍କ ବ୍ୟାଟରେ ଭୂମିକୁ ଆଘାତ କରିଥିଲେ । ଏହି ଆଚରଣ ପାଇଁ ସିଦ୍ରା ଅମିନଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମଧ୍ୟ ଦିଆଯାଇଛି, ଏହା ୨୪ ମାସ ମଧ୍ୟରେ ତାଙ୍କର ପ୍ରଥମ ଅପରାଧ । ଲେବଲ ୧ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ୍ ଫି'ର ୫୦ ପ୍ରତିଶତ ଜରିମାନା କିମ୍ବା ଗୋଟିଏ କିମ୍ବା ଦୁଇଟି ଡିମେରିଟ ପଏଣ୍ଟ ପ୍ରଦାନ କରାଯାଇପାରେ । ଉଭୟ ଫିଲ୍ଡ ଅମ୍ପାୟାର, ତୃତୀୟ ଏବଂ ଚତୁର୍ଥ ଅମ୍ପାୟାର ମଧ୍ୟ ଅମିନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ।

## ବିବାଦରେ ଆମେରିକୀୟ ଚେସ୍ ଖେଳାଳି ନାକାମୁରା

# ୱାର୍ଲ୍ଡ ଚାମ୍ପିଅନ୍ ଗୁକେଶଙ୍କୁ ହରାଇବା ପରେ ଫୋପାଡ଼ିଲେ କିଙ୍ଗ୍ ମୋହରା

**ନୂଆଦିଲ୍ଲୀ**

ଆମେରିକୀୟ ଷ୍ଟାର ଚେସ୍ ଖେଳାଳି ହିକାରୁ ନାକାମୁରା ଏବେ ଖୁବ୍ ଚର୍ଚ୍ଚାରେ ଅଛନ୍ତି । ଆମେରିକା ବନାମ ଭାରତ ଚେକମେଟ୍ ଟୁର୍ଣ୍ଣାମେଣ୍ଟ ସମୟରେ ନାକାମୁରାଙ୍କ କାର୍ଯ୍ୟକଳାପକୁ ନେଇ ଆରମ୍ଭ ହୋଇଛି ବିବାଦ । ନାକାମୁରା ବିଶ୍ୱ ଚାମ୍ପିଅନ୍ ତଥା ଭାରତୀୟ ଖେଳାଳି ଡି. ଗୁକେଶଙ୍କୁ ହରାଇବା ପରେ, ଚେସ୍ ବୋର୍ଡରୁ ଗୁକେଶଙ୍କ କିଙ୍ଗ ମୋହରାକୁ ଉଠାଇ ଦର୍ଶକଙ୍କ ଆଡ଼କୁ ଫିଙ୍ଗି ଦେଇଥିଲେ । ନାକାମୁରାଙ୍କ ଏଭଳି ବ୍ୟବହାର ଖେଳ ଭାବନାର ବିରୋଧରେ ଥିବାରୁ, ତାହାକୁ ନେଇ ଆରମ୍ଭ ହୋଇଛି ବିବାଦ । ଏହି ଟୁର୍ଣ୍ଣାମେଣ୍ଟରେ ଆମେରିକା ଭାରତକୁ ୫-୦ ରେ ହରାଇଥିଲା ।



ନାକାମୁରାଙ୍କ କାର୍ଯ୍ୟ ବହୁ ପୂର୍ବତନ ଚେସ୍ ଖେଳାଳିଙ୍କୁ ପସନ୍ଦ ଆସିନି । ପୂର୍ବତନ ଚେସ୍ ୱାର୍ଲ୍ଡ ଚାମ୍ପିଅନ୍ ଭ୍ଲାଦିମିର୍ କ୍ରାମନିକ୍ ନାକାମୁରାଙ୍କ ଆଚରଣକୁ ସମ୍ପୂର୍ଣ୍ଣ ଅସମ୍ମାନଜନକ ବୋଲି କହିଛନ୍ତି । ରୁଷିଆନ୍ ଲିଜେଣ୍ଡ କ୍ରାମନିକ୍ ଏକ୍ସରେ ଲେଖିଛନ୍ତି, 'ମୁଁ ଜାଣି ପାରୁନି କାହିଁକି ଏଭଳି ପିଲାଳିଆମୀ କାମ କରିଛନ୍ତି । ଏହା ଗୁକେଶଙ୍କୁ ଅପମାନିତ କରିବା ପାଇଁ ଉଦ୍ଦେଶ୍ୟ ନଥିଲା, କିନ୍ତୁ ଏହି ସାର୍ବଜନୀନ ସ୍ଥାନରେ ଏଭଳି କାର୍ଯ୍ୟ ବିଶେଷ ଭାବରେ ଅପମାନଜନକ । ଭ୍ଲାଦିମିର କ୍ରାମନିକ କହିଛନ୍ତି, ଏପରି ସେଲିବ୍ରେସନ୍ ଚେସର ମର୍ଯ୍ୟାଦାକୁ ହ୍ରାସ କରୁଛି । ହିକାରୁ ନାକାମୁରା ତାଙ୍କର ଏଭଳି କାର୍ଯ୍ୟ ପାଇଁ କୌଣସି କ୍ଷମା ପ୍ରାର୍ଥନା କରିନାହାନ୍ତି ।

ତଥାପି ପରେ ରିପୋର୍ଟ ସାମନାକୁ ଆସିଛି ଯେ, କିଙ୍ଗ ମୋହରାକୁ ଫିଙ୍ଗିବାର କାର୍ଯ୍ୟ ଆୟୋଜକଙ୍କ ଦ୍ୱାରା ପୂର୍ବରୁ ପ୍ଲାନିଂ କରାଯାଇଥିଲା । ପ୍ରସିଦ୍ଧ ଚେସ୍ ବିଶେଷଜ୍ଞ ଲେଭି ରୋଜମ୍ୟାନ୍ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ କହିଛନ୍ତି, ଏହା ଏକ ଅପ୍ରତ୍ୟାଶିତ ଏବଂ ଅସମ୍ମାନ ଜନକ କାର୍ଯ୍ୟ ପରି ମନେ ହୋଇପାରେ । କିନ୍ତୁ ଆୟୋଜକମାନେ ଆମକୁ ଏହା କରିବାକୁ ଉତ୍ସାହିତ କରିଥିଲେ । ଏହା ସବୁ ମନୋରଞ୍ଜନ ପାଇଁ ଥିଲା । ଅନ୍ୟପକ୍ଷେ ନାକାମୁରା ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ତାଙ୍କର ଅଭିଜ୍ଞତା ମଧ୍ୟ ସେୟାର କରିଥିଲେ । ସେ କହିଥିଲେ, 'ଏହା ମୋର ସର୍ବୋତ୍ତମ ବ୍ୟକ୍ତିଗତ ଅଭିଜ୍ଞତା ମଧ୍ୟରୁ ଗୋଟିଏ ଥିଲା । ଆମେ ଏତେ ଦିନ ଧରି ଚେସ୍ ଖେଳୁଛୁ । ଜିତିବାର ଉତ୍ସବ ଏକାକୀ ପାଳନ ସାଧାରଣ କଥା ହୋଇଗଲାଣି । ଭାରତୀୟ ଖେଳାଳିମାନେ, ଯଦିଓ ହାରିଯାଇଥିଲେ, କିନ୍ତୁ ସେ ଭଲ ଖେଳିଥିଲେ । ଏହି ଇଭେଣ୍ଟ ମୋର ଆଶାଠାରୁ ବହୁତ ଭଲ ଥିଲା ।'

# ଇଣ୍ଡିଆ-ୱେଷ୍ଟ ଇଣ୍ଡିଜ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ୱାର୍ଲ୍ଡ କପ ୱିନର କ୍ରିକେଟରଙ୍କ ପରଲୋକ

**ନୂଆଦିଲ୍ଲୀ**

ପୂର୍ବତନ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ବର୍ଣ୍ଣାର୍ଡ ଜୁଲିଆନ ୭୫ ବର୍ଷ ବୟସରେ ତ୍ରିନିଦାଦର ଉତ୍ତର ସହର ୱାଲସଲରେ ପରଲୋକ ଗମନ କରିଛନ୍ତି । ଜୁଲିଆନ ୱେଷ୍ଟଇଣ୍ଡିଜର ପ୍ରଥମ ଓଡିଆଇ ବିଶ୍ୱକପ ବିଜୟୀ ଦଳର ଅଂଶ ଥିଲେ । ୧୯୭୫ ମସିହାରେ ପ୍ରଥମ ଓଡିଆଇ ବିଶ୍ୱକପରେ, ସେ ଗ୍ରୁପ ପର୍ଯ୍ୟାୟରେ ଶ୍ରୀଲଙ୍କା ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିଲେ, ଚାରିଟି ୱିକେଟ ନେଇଥିଲେ । ତା'ପରେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ଘାତକ ବୋଲିଂ କରିଥିଲେ, ଚାରିଟି ୱିକେଟ ପାଇଁ ୨୭ ରନ ନେଇଥିଲେ । ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ, ସେ ୩୭ବଲରୁ ୨୬ ରନର ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ । ତାଙ୍କ ପରଲୋକ ଏବେ କ୍ରିକେଟ ଜଗତରେ ଆଶ୍ଚର୍ଯ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି । ପ୍ରକୃତରେ କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ଅଧିନାୟକ କ୍ଲାଇଭ ଲଏଡ, ବର୍ଣ୍ଣାର୍ଡ ଜୁଲିଆନଙ୍କୁ ମନେ ପକାଇ କହିଛନ୍ତି, 'ସେ ସର୍ବଦା ତାଙ୍କର ୧୦୦ ପ୍ରତିଶତ ଦେଇଥିଲେ । ସେ ବ୍ୟାଟ ଏବଂ ବଲ ଉଭୟରେ ନିର୍ଭରଯୋଗ୍ୟ ଥିଲେ । ସେ ପ୍ରତ୍ୟେକ ମ୍ୟାଚ୍‌ରେ ନିଜର ଉତ୍ତମ ପ୍ରଦର୍ଶନ କରିଥିଲେ । ସେ ଜଣେ ଚମତ୍କାର କ୍ରିକେଟର ଥିଲେ । ତାଙ୍କ ପ୍ରତି ଆମର ଏକ ବିଶେଷ ସମ୍ମାନ ଅଛି । ସେ ଖେଳିବାକୁ ଉପଭୋଗ କରୁଥିଲେ, ଏବଂ ଦର୍ଶକେ ତାଙ୍କୁ ଦେଖି ସର୍ବଦା ଖୁସି ହେଉଥିଲେ ।' ମୁଁ ମନେ ରଖିଛି ଆମେ ଲର୍ଡସରେ ଆମର ପ୍ରଥମ ଟେଷ୍ଟ ଜିତିଥିଲୁ, ଏବଂ ସେ ସେଠାରେ ବହୁତ ସମୟ ପାଇଁ ଅଟୋଗ୍ରାଫ କରୁଥିଲେ । ସେ ଆମ ପ୍ରତି ଭଲ ବ୍ୟବହାର କରୁଥିଲେ ଏବଂ ସବୁଠି ସମ୍ମାନ ପାଉଥିଲେ ।

ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ, ସେ ୱେଷ୍ଟଇଣ୍ଡିଜ ପାଇଁ ୨୪ ଟେଷ୍ଟ ଏବଂ ୧୨ ଦିନିକିଆ ଖେଳି ମୋଟ ୮୬୬ ଟେଷ୍ଟ ରନ କରିଥିଲେ ଏବଂ ୫୦ ୱିକେଟ ନେଇଥିଲେ । ଦିନିକିଆରେ, ସେ ବ୍ୟାଟରେ ୮୬ ରନ ଏବଂ ବଲ ସହିତ ୧୮ ୱିକେଟ ନେଇଥିଲେ ।

# ସମାଜସେବୀ ଆଶାମଣି ଦେବୀଙ୍କ ପରଲୋକ



**କେନ୍ଦୁଝର, ନ୍ୟୁଜ୍**

ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଞ୍ଚାୟତର କୁନ୍ଦପଶି ଗ୍ରାମର ନିବାସୀ ସମାଜସେବୀ ଆଶାମଣି ମିଶ୍ରଙ୍କର ୯୮ ବର୍ଷ ବୟସରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଗତ ଗୁରୁବାର ଦିନ ପରଲୋକ ହୋଇଯାଇଛି । ସ୍ୱର୍ଗତ ଆଶାମଣି ମିଶ୍ର ଜଣେ ପରଉପକାରି, ସ୍ନେହବତ୍ସଳା ଓ ଶାନ୍ତ ପ୍ରିୟ ମହିଳା ହୋଇଥିବାରୁ ତାଙ୍କ ମୃତ୍ୟୁରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ଚିରଞ୍ଜିବି ମିଶ୍ର, ପୁତୁରା ଦୟାନିଧି ମିଶ୍ର, ପହଲା ମିଶ୍ର, ଜ୍ୱାଇଁ ସୁରଜିତ ତ୍ରିପାଠୀ, ସମରେନ୍ଦ୍ର ଦାସ, କାଶୀନାଥ କର, ଝିଅ ପ୍ରେମଲତା ପଣ୍ଡା, ସରୋଜିନୀ ମିଶ୍ର, ପଙ୍କଜିନି କର, କଜ୍ଜଳତା ଦାସ, ବିରାଜିନୀ ମିଶ୍ର, ନାତି ନାତୁଣୀ ଦାମୋଦର ପଣ୍ଡା, ସୁରେନ୍ଦ୍ର ପଣ୍ଡା, ରଜତ ତ୍ରିପାଠୀ, ଡୁଡୁନ, ନିନି ବାବୁ, ଆୟୁଷ, ପିୟୁଷ, ମାମୁନି, ଅଲିଭା, ପୁପୁନ, ଲିପ୍‌ସା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ତାଙ୍କ ମରଶରୀରକୁ ଶହ ଶହ ଲୋକଙ୍କର ଅଶ୍ରୁଳ ଓ ଶୋକାକୁଳ ପରିବେଶରେ ନିକଟସ୍ଥ ବୈତରଣୀ ନଦୀକୂଳରେ ଦାହ କରାଯାଇ ଯଥାରୀତି କ୍ରିୟା କର୍ମ କରାଯାଇଥିବାର ଜଣାପଡ଼ିଛି ।

# ଏସୀୟ ଟେବୁଲ୍ ଟେନିସ ଟିମ୍ ଚାମ୍ପିୟାନସିପ ପାଇଁ ଟ୍ରଫି ଅନାବରଣ ଓ ଟ୍ରଫି ଟୁର ବସର ଉଦ୍‌ଘାଟିତ

**ଭୁବନେଶ୍ୱର**

ଚଳିତ ମାସ ୧୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ହେବ ୨୮ତମ ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିଅନସିପ୍ । ଏନେଇ କଳିଙ୍ଗ ଷ୍ଟାଡିୟମର ଇଣ୍ଡୋର୍ ଆଥେଲେଟିକ୍ସ ସେଣ୍ଟରଠାରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଟ୍ରଫି ଅନାବରଣ ଓ ଟ୍ରଫି ଟୁର୍ ବସ୍‌ର ଶୁଭ ଉଦ୍‌ଘାଟନ ହୋଇଛି ।

ଆଗାମୀ ଦିନରେ ହେବାକୁ ଥିବା ଏହି ପ୍ରତିଯୋଗିତା ପାଇଁ କଟକ, ଭୁବନେଶ୍ୱର ଏବଂ ପୁରୀରେ ଟ୍ରଫି ପରିଭ୍ରମଣ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଯେଉଁଥିରେ ଟ୍ରଫି ଟୁର ବସ୍ ଏବଂ ମାସ୍କଟ 'ଅଲି' ଶୋଭାଯାତ୍ରାରେ ସାମିଲ୍ ହୋଇ



ଅନୁଷ୍ଠିତ ହେବାକୁ ଥିବା ଆଟିଟିଏଫ୍ – ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍ ସମ୍ପର୍କରେ ଜନସାଧାରଣରେ ଅବଗତ କରାଇବେ ।

ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ, କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ, ଓଡ଼ିଶା ଟେବୁଲ୍ ଟେନିସ ସଂଘର ସଂଗଠନ ସମ୍ପାଦକ ରବିନ୍ଦ୍ର ପରିଡ଼ା ଏବଂ ଯୁଗ୍ମ ସଚିବ ଜୟଦିଥ ଦେବତା ପ୍ରମୁଖ ଯୋଗ ଦେଇଥିଲେ ।

# ଭାରତରେ ଗିଫ୍ଟ କାର୍ ଚଳାଇ ପାରିବେନି ଅଭିଷେକ ଶର୍ମା

**ନୂଆଦିଲ୍ଲୀ**

ଏସିଆ କପ୍-୨୦୨୫ରେ ଭାରତର ଚମତ୍କାର ବିଜୟ ପାଇଁ ଅନେକ ଖେଳାଳିଙ୍କୁ ଶ୍ରେୟ ଦିଆଯାଇଛି । କିନ୍ତୁ ସବୁଠାରୁ ଚର୍ଚ୍ଚିତ ଖେଳାଳି ଥିଲେ ଓପନର ଅଭିଷେକ ଶର୍ମା । ସେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିଲେ, ଯାହା ପରେ ତାଙ୍କୁ ଏକ HAVAL H9 SUV ଉପହାର ଦିଆଯାଇ ଥିଲା । ଏବେ ନୂତନ ଘଟଣା ହେଉଛି ଅଭିଷେକ ଶର୍ମା ଏକ ଗମ୍ଭୀର ଆଇନଗତ କାରଣ ଯୋଗୁ ଏହି କାର୍‌କୁ ଭାରତ ଆଣିପାରିବେ ନାହିଁ । HAVAL H9 SUV ଏକ ବାମହାତ ଡ୍ରାଇଭ ସଂସ୍କରଣ । ଭାରତରେ କେବଳ ଡାହାଣହାତ ଡ୍ରାଇଭ୍ ଯାନଗୁଡ଼ିକୁ ଅନୁମତି ଦିଆଯାଇଛି । ଭାରତର ସଡ଼କ ସୁରକ୍ଷା ଏବଂ ଯାନବାହନ ପଞ୍ଜୀକରଣ ଆଇନ ଅନୁଯାୟୀ, ବାମହାତ ଡ୍ରାଇଭ କାର୍ ଗୁଡ଼ିକୁ ଭାରତରେ ପଞ୍ଜିକରଣ କିମ୍ବା ଚଳାଇ ହେବ ନାହିଁ । ଫଳସ୍ୱରୂପ, ଅଭିଷେକ ଶର୍ମା ଏହି SUVକୁ ଭାରତ ଆଣିପାରିବେ ନାହିଁ ।

# ୧୮ରୁ କେନ୍ଦ୍ରାପଡ଼ା ଜିଲ୍ଲା ଚେସ୍ ଚାମ୍ପିଅନସିପ୍ ପ୍ରତିଯୋଗିତା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଚେସ୍ ଚାମ୍ପିଅନସିପ୍ ତଥା ୫ମ ଡାଃ ବୈଷ୍ଣବ ପରିଡ଼ା ସ୍ମାରକୀ ଚେସ୍ ଚାମ୍ପିଅନସିପ୍-୨୦୨୫, ଚଳିତ ମାସ ୧୮ ଓ ୧୯ ତାରିଖ ୨ଦିନ ବ୍ୟାପୀ ସ୍ଥାନୀୟ ଗରାପୁର୍ ଛକ ଠାରେ ଥିବା ଏକ ମଣ୍ଡପରେ ଆୟୋଜିତ ହେବ । ଏଥିରେ ଜିଲ୍ଲାର ସବୁ ବର୍ଗର ଖେଳାଳି ଭାଗ ନେଇ ପାରିବେ । ଖେଳାଳିମାନେ ୧୭ ତାରିଖ ସକାଳ ୧୦ଟା ମଧ୍ୟରେ ସେମାନଙ୍କର ନାମ ୯୯୩୭୪୬୬୭୫୫ (ନାରାୟଣ ଦାସ), ୯୩୩୭୩୯୫୦୦୪ (ଲଲାଟ କେଶରୀ ସାମଲ) ମାଧ୍ୟମରେ ପଞ୍ଜୀକୃତ କରିପାରିବେ । ଏହି ଟୁର୍ଣ୍ଣାମେଣ୍ଟକୁ ସମ୍ପୂର୍ଣ୍ଣ ନିରପେକ୍ଷ ଏବଂ ପ୍ରଭାବୀ କରିବା ପାଇଁ ଅନୁଷ୍ଠାନର ସଭାପତି କିଶୋର ପଣ୍ଡା ଏବଂ ସମ୍ପାଦକ ଭାବେଶ୍ ମହାନ୍ତି ଆଶାବ୍ୟକ୍ତ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ହାଡ଼ିବନ୍ଧୁ ସିଂହ ପ୍ରମୁଖ ସୂଚନା ଦେଇଛନ୍ତି ।

# ରାତି ଅଧରେ ଗୋଡ଼ାଇ ଗୋଡ଼ାଇ ଦାଦାକୁ ହାଣିଲା ପୁତୁରା

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଦାଦାକୁ ଖଣ୍ଡାରେ ହାଣି ହତ୍ୟା କଲା ପୁତୁରା । ରବିବାର ବିଳମ୍ବିତ ରାତିରେ ଏଭଳି ଏକ ହତ୍ୟାକାଣ୍ଡକୁ ନେଇ ପୂରା ଅଞ୍ଚଳ ସ୍ତବ୍ଧ । ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅଧୀନ ବଣିତ ପଞ୍ଚାୟତ ସରିଖୀ ଗ୍ରାମରେ । ଗାଁ ମୁଣ୍ଡର ସେଇ ଅଶୁଭ ପିଣ୍ଡି, ଯେଉଁଠି ପଡ଼ି ରହିଥିଲା ସରିଖୀ ଗ୍ରାମର ମନୋଜ ସ୍ୱାଇଁଙ୍କ ରକ୍ତଭିଜା ମୃତ ଶରୀର । ପେଟ ଓ ଗଳାକୁ ଅତି ନୃଶଂସ ଭାବେ ବାରମ୍ବାର ହାଣି ଚାଲିଥିଲା ସେହି ଗ୍ରାମର ଘର ପାଖ ପୁତୁରା ପରେଶ ସ୍ୱାଇଁ । ଘଟଣା ସ୍ଥଳରେ ଉଡ଼ିଯାଇଥିଲା ଦାଦା ମନୋଜ ସ୍ୱାଇଁର ପ୍ରାଣବାୟୁ ।

ସୂଚନା ଅନୁଯାୟୀ, ରାତି ହେଲେ ଗାଁ ମୁଣ୍ଡ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପିଣ୍ଡିରେ ଦୈନିକ ଚାଲେ ମଦ୍ୟପ ଯୁବକମାନଙ୍କର ଆସର । ଗତ ରାତିରେ ମଧ୍ୟ ଗ୍ରାମର ପାଞ୍ଚଜଣ ବ୍ୟକ୍ତି ସେହି ବସ୍‌ଷ୍ଟାଣ୍ଡ ପାଖ ପିଣ୍ଡିରେ ବସି ଖଟି କରୁଥିଲେ । ବିଳମ୍ବିତ ରାତିରେ ସେଇ ରାସ୍ତା ଦେଇ ସରିଖୀ ଗ୍ରାମର ପରେଶ ସ୍ୱାଇଁ ଯିବା ସମୟରେ କମେଣ୍ଟମରାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା । ଦାଦା ମନୋଜ ସ୍ୱାଇଁ ପୁତୁରା ପରେଶକୁ ବୁଝାଇ ଘରକୁ ବିଦା କରିଥିବା ବେଳେ ରାଗରେ ଦୁର୍ବୃତ୍ତ ପୁତୁରା ଘରୁ ଏକ ଧାରୁଆ ଖଣ୍ଡା ଆଣି ପାଞ୍ଚ ଜଣକୁ ଅତର୍କିତ ଆକ୍ରମଣ କରିଥିଲା । ଖଣ୍ଡା ଚୋଟରେ ଆହତ ହୋଇ କାର୍ତ୍ତିକ ସାମଲ, ପ୍ରତାପ ସାମଲ, ନିହାର ମନ୍ତ୍ରୀ ଓ ତ୍ରିଲୋଚନ ସାହୁ ଦୌଡ଼ି ପଳାଇଥିଲେ । ହାବୁଡ଼ରେ ପଡ଼ିଯାଇଥିଲା ଦାଦା ମନୋଜ ସ୍ୱାଇଁ । ଖବର ପାଇ ତିର୍ତ୍ତୋଲ ପୋଲିସ ଘେରାବନ୍ଦୀ କରି ତିନି କିଲୋମିଟର ଦୂରରୁ ଆସାମୀକୁ କାବୁ କରିଥିଲା । ଘଟଣାକୁ ନେଇ ପୂର୍ବ ରାଜନୈତିକ ଶତ୍ରୁତା କଥା ସାମ୍ନାକୁ ଆସୁଥିବା ବେଳେ ଆସାମୀକୁ କାବୁ କରି ପୋଲିସ କେଶ୍ ନମ୍ବର ୫୧୬/୨୫ ମାମଲା ରୁଜୁ ଅଧିକ ତଦନ୍ତ ଜାରି ରଖିଛି । ଏଭଳି ଏକ ନୃଶଂସ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି ।

# ବସ୍ ଦୁର୍ଘଟଣା : ଜଣେ ମୃତ, ୩ ଆହତ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ଜଗା କାଳିଆ ନାମକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ତିନିଜଣ ଆହତ ହୋଇଥିବା ଜଣାପଡ଼ିଛି । କୋରାପୁଟ-ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥର ପଞ୍ଚଡ଼ା ନିକଟ ଦସମନ୍ତପୁର୍ ଛକ ନିକଟରେ ବସ୍ ସହ ବାଇକ୍ ଆରୋହୀ ମୁହାମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ବାଇକ୍‌ରେ ବସିଥିବା ଜଣେ ଝିଅର ମୃତ୍ୟୁ ହୋଇଥିବା ବେଳେ ବାପା ମାଆ ଏବଂ ଅନ୍ୟ ଗୋଟିଏ ଝିଅ ଗୁରୁତର ହୋଇଥିଲେ । ଗୁରୁତରଙ୍କୁ କୋରାପୁଟ ବଡ଼ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି । ଜଗା କାଳିଆ ନାମକ ଘରୋଇ ବସ୍‌ଟି ଗୁଣୁପୁରରୁ ରାଇଘର ପରଚିପାରା ଆସୁଥିଲା । ଘଟଣା ସ୍ଥଳରୁ ବସ୍ ଡ୍ରାଇଭର ଫେରାର ହୋଇଥିବା ଜଣାପଡ଼ିଛି । ଖବର ପାଇ ଘଟଣା ସ୍ଥଳରେ କାକରିଗୁମା ପୁଲିସ ସହ ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲା ।

# ରାସ୍ତାରୁ ୧୦୦ ଫୁଟ ତଳକୁ ଖସିଲା ଟ୍ରକ୍

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଅମ୍ବାଭୋନା ସମରଧାରା ବୁଲାଣି ନିକଟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା ଉପରୁ ପ୍ରାୟ ୧୦୦ ଫୁଟ ତଳକୁ ଖସିଯାଇଛି । ତେବେ ଟ୍ରକ୍ ଡ୍ରାଇଭର ସୁରକ୍ଷିତ ଥିବା ବେଳେ ଟ୍ରକ୍ ବର୍ତ୍ତମାନ ମଧ୍ୟ ତଳେ ପଡ଼ି ରହିଛି । ଏହି ବୁଲାଣି ରାସ୍ତା ଉପରେ ବିଭିନ୍ନ ସମୟରେ ପୂର୍ବରୁ ମଧ୍ୟ ଦୁର୍ଘଟଣାମାନ ଘଟିଥିବା ଖବର ରହିଥିବା ବେଳେ ସୋମବାର ପୁନର୍ବାର ଏଭଳି ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି ।

# ସ୍ଥାୟୀ ପର୍ଯ୍ୟଟନ ସହଭାଗୀ ସମୃଦ୍ଧି



**ଗଜେନ୍ଦ୍ର ସିଂହ ଶେଖାୱତ**
ଭାରତ ସରକାରଙ୍କ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ

ପର୍ଯ୍ୟଟନ କହିଲେ କେବଳ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଭ୍ରମଣ କରିବାକୁ ବୁଝାଏନାହିଁ; ଏହା ଏଭଳି ଏକ ସେତୁ ଯାହା ଲୋକମାନଙ୍କୁ ପରସ୍ପର ସହିତ ସଂଯୋଗ କରିଥାଏ । ଏହା ନିଯୁକ୍ତିର ଉତ୍ସ ଏବଂ ବିଶ୍ୱ ନିକଟରେ ଆମର ସଂସ୍କୃତି ଓ ଐତିହ୍ୟକୁ ପ୍ରଦର୍ଶନ କରିବାର ଏକ ବଳିଷ୍ଠ ମାଧ୍ୟମ ବୋଲି କୁହାଯାଇପାରେ । ପର୍ଯ୍ୟଟନ ଏବଂ ସ୍ଥାୟୀ ପରିବର୍ତ୍ତନ ପାଇଁ ଉତ୍ସର୍ଗୀକୃତ ଏହି ବିଶ୍ୱ ପର୍ଯ୍ୟଟନ ଦିବସରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ପର୍ଯ୍ୟଟନ ଯାତ୍ରାକୁ କିପରି ପୁନଃଆକୃତି ଦିଆଯାଇଛି ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ । ଯାହା ଏକଦା ଏକ ଋତୁକାଳୀନ ଏବଂ ଖଣ୍ଡିତ କ୍ଷେତ୍ର ଭାବରେ ପରିଚିତ ଥିଲା ତାହା ବର୍ତ୍ତମାନ ଯୋଜନା-ବଦ୍ଧ ଭାବରେ, ସମାବେଶୀ ଓ ନିରନ୍ତର ଜାତୀୟ ବିକାଶର ଏକ ପ୍ରମୁଖ ସାଧନରେ ପରିଣତ ହୋଇଛି ।

ଏହି ପରିବର୍ତ୍ତନକୁ ଆମେ କେବଳ କାଳ୍ପନିକ ବୋଲି ଭାବିବା ଉଚିତ ନୁହେଁ ବରଂ ଲୋକମାନଙ୍କ ଜୀବନରେ ଏହାର ପ୍ରଭାବ କେତେ ମାତ୍ରାରେ ପ୍ରତିଫଳିତ ହୋଇଛି ତାହା ଦୃଶ୍ୟମାନ । ଚଳିତ ବର୍ଷ ଜୁନ ମାସ ଶେଷ ସୁଦ୍ଧା ଭାରତକୁ ଆଗମନ କରିଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୧୬ ଲକ୍ଷ ୫୦ ହଜାର ଛୁଇଁଛି । ସେହିଭଳି ବିଦେଶକୁ ଯାତ୍ରା କରୁଥିବା ଭାରତୀୟଙ୍କ ସଂଖ୍ୟା ୮୪ ଲକ୍ଷ ୪୦ ହଜାର ଛୁଇଁ, ପର୍ଯ୍ୟଟନ କ୍ଷେତ୍ରରୁ ବିଦେଶୀ ମୁଦ୍ରା ଉପାର୍ଜନ ୫୧,୫୩୨ କୋଟିରେ ପହଞ୍ଚିଛି । କେବଳ ୨୦୨୩-୨୪ ମସିହାରେ ଏହି କ୍ଷେତ୍ର ଦେଶର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.)କୁ ୧୫.୭୩ ଲକ୍ଷ କୋଟି ଟଙ୍କାର ଯୋଗଦାନ କରିବ, ଯାହାକି ଅର୍ଥନୀତିର ପାଞ୍ଚ ପ୍ରତିଶତରୁ ଅଧିକ ବୋଲି ବିବେଚନା କରାଯାଇପାରେ ଏବଂ ଏହା ୮୪ ନିୟୁତରୁ ଅଧିକ ଲୋକଙ୍କ ନିଯୁକ୍ତିକୁ ସମର୍ଥନ ଯୋଗାଇବ । ଏଭଳି ବିପୁଳ ମାତ୍ରାର ପର୍ଯ୍ୟଟକଙ୍କ ଆଗମନ ଯୋଗୁଁ ଦେଶର କାରିଗରମାନଙ୍କ ନିମନ୍ତେ ନୂଆ ନୂଆ ବଜାରମାନ ଖୋଲିବ, ସେମାନଙ୍କ ପରିବାରର ସଦସ୍ୟମାନେ ଆର୍ଥିକ ସ୍ୱଚ୍ଛଳତା ଯୋଗୁଁ ନିଜ ଘରେ ଅବସ୍ଥାନ କରିବା ଏବଂ ଗାଇଡ୍, ଡ୍ରାଇଭର ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କ ନିମନ୍ତେ ଏକ ସ୍ଥିର କାର୍ଯ୍ୟ ଓ ଚାହିଦା ମଧ୍ୟ ସୃଷ୍ଟି ହୋଇପାରିବ ।

ଏଭଳି ପ୍ରଗତିର କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ବିଶ୍ୱାସ ଯେ, ପର୍ଯ୍ୟଟନକୁ ଜାତୀୟ ପ୍ରାଥମିକତା ପ୍ରଦାନ କରାଯିବା ଉଚିତ, ଏହାକୁ ଏକ ପାର୍ଶ୍ୱବର୍ତ୍ତୀ କାର୍ଯ୍ୟ ଭାବରେ ବିବେଚନା କରାଯାଇ ପାରିବନାହିଁ । ଦେଶରେ ସ୍ଥାପନ କରାଯାଉଥିବା ନୂଆ ନୂଆ ବିମାନ ବନ୍ଦର, ଏକ ଅତ୍ୟାଧୁନିକ ରେଳ ନେଟୱାର୍କ, ନବନିର୍ମିତ ରାଜପଥ ଏବଂ ଆଭ୍ୟନ୍ତରୀଣ ଜଳପଥ ମାଧ୍ୟମରେ ଭିତ୍ତିଭୂମି କ୍ଷେତ୍ର ଏବଂ ସଂଯୋଗୀକରଣକୁ ପର୍ଯ୍ୟାପ୍ତ ମାତ୍ରାରେ ବିକାଶ କରାଯାଇଛି । 'ଉଡ଼ାନ ଯୋଜନା' ମାଧ୍ୟମରେ ବିମାନ ଯାତ୍ରାକୁ ଦେଶର ଛୋଟ ଛୋଟ ସହରମାନଙ୍କ ନିକଟରେ ମଧ୍ୟ ପହଞ୍ଚାଯାଇଛି । ଐତିହ୍ୟସ୍ଥଳୀ ଏବଂ ତୀର୍ଥସ୍ଥାନ ସହିତ ଉନ୍ନତ ସଂଯୋଗୀକରଣ ଦୂରତା ଅଥବା ଅର୍ଥ ଯୋଗୁଁ ପୂର୍ବରୁ ପର୍ଯ୍ୟଟନରୁ ବଞ୍ଚିତ ହୋଇଥିବା ଲକ୍ଷ ଲକ୍ଷ ଲୋକଙ୍କ ନିମନ୍ତେ ବର୍ତ୍ତମାନ ଏପରି ଯାତ୍ରାକୁ ସମ୍ଭବ କରିଛି । ପର୍ଯ୍ୟଟନ କେବଳ ସହରାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ଏକ ବିଳାସର କାର୍ଯ୍ୟ ନୁହେଁ, ଏହା ସନ୍ତୁଳିତ କ୍ଷେତ୍ରୀୟ ବିକାଶ ନିମନ୍ତେ ମଧ୍ୟ ଏକ ବାହକର ଭୂମିକା ନିର୍ବାହ କରୁଛି ।

ଏହି ଦୃଷ୍ଟିକୋଣ ଦ୍ୱାରା ଗନ୍ତବ୍ୟସ୍ଥଳ ବିକାଶ ମଧ୍ୟ ପରିଚାଳିତ ହୋଇଛି । ସ୍ୱଦେଶ ଦର୍ଶନ ୨.୦ ଏବଂ ପ୍ରସାଦ ଭଳି କାର୍ଯ୍ୟକ୍ରମ ସ୍ଥାୟୀତ୍ୱ ଏବଂ ସାଂସ୍କୃତିକ ଅଖଣ୍ଡତାକୁ ସେମାନଙ୍କର ମୂଳରେ ସ୍ଥାନିତ କରେ । ଗନ୍ତବ୍ୟସ୍ଥଳ ପରିଚାଳନା ସଂଗଠନର ପ୍ରଚଳନ ସରକାର, ଘରୋଇ କ୍ଷେତ୍ର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ଏକତ୍ର କରିଛି ଯାହା ଦ୍ୱାରା ସମ୍ବଳର ଦକ୍ଷ ବ୍ୟବହାର ଏବଂ ଲାଭ ପାଇଁ ସମାନ ପ୍ରବେଶ ସୁନିଶ୍ଚିତ ହୋଇପାରିବ ।

ପ୍ରଧାନମନ୍ତ୍ରୀ, ବିଶ୍ୱ ସମ୍ମୁଖରେ ଭାରତ ନିଜକୁ କିପରି ଉପସ୍ଥାପନ କରେ ସେହି ପ୍ରସଙ୍ଗରେ ଏକ ନୂତନ ଆଭିମୁଖ୍ୟ ପ୍ରଦାନ କରିଛନ୍ତି । ପୁନଃନିର୍ମିତ ଇନକ୍ରେଡିବଲ ଇଣ୍ଡିଆ ପୋର୍ଟାଲ, ବିଶ୍ୱସ୍ତରୀୟ ଯାତ୍ରା ପ୍ଲାଟଫର୍ମ ସହିତ ସହଭାଗୀତା ଏବଂ ଡିଜିଟାଲ କାହାଣୀ କହିବା ନିମନ୍ତେ ନୂଆ ନୂଆ ପଦ୍ଧତିମାନ କ୍ଷୁଦ୍ରତମ ଅପରେଟରମାନଙ୍କୁ ଯଥା, ଗ୍ରାମୀଣ ଆୟୋଜକ, ପରିବାରରେ ରହଣି ଏବଂ ସାଂସ୍କୃତିକ ଉଦ୍ୟୋଗୀମାନଙ୍କୁ ବିଶ୍ୱସ୍ତରୀୟ ଦର୍ଶକମାନଙ୍କ ନିକଟରେ ପହଞ୍ଚାଇବାର ସୁଯୋଗ ପ୍ରଦାନ କରିଛନ୍ତି । ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନ କେବଳ ଏକ ପ୍ରଚାର ସର୍ବସ୍ୱ ସାଧନ ହୋଇ ରହିନାହିଁ ବରଂ ତାହା ତଥ୍ୟ- ପରିଚାଳିତ ବ୍ୟବସ୍ଥା ମାଧ୍ୟମରେ ସମ୍ବେଦନଶୀଳ ସ୍ଥାନମାନଙ୍କୁ ସୁରକ୍ଷିତ ରଖିବାର ଏକ ମାଧ୍ୟମରେ ପରିଣତ ହୋଇଛି ।

ଏହା ସତ୍ତ୍ୱେ, ଏହିସବୁ ପରିବର୍ତ୍ତନର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ସ୍ଥିରତା ରକ୍ଷା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିଜର ବ୍ୟାପକ ଲାଇଫ୍ ଆନ୍ଦୋଳନ (ପରିବେଶ ପାଇଁ ଜୀବନଶୈଳୀ)କୁ ଆଗକୁ ବଢ଼ାଇଥିଲେ ଯାହା ପର୍ଯ୍ୟଟକମାନଙ୍କୁ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ସହିତ ସଂଯୋଗ କରିଛି । କମ୍ ପ୍ରଭାବଶାଳୀ ଗ୍ରାମୀଣ ଅନୁଭୂତି ଠାରୁ ଆରମ୍ଭ କରି ପରିବେଶଜନିତ ସମ୍ବେଦନଶୀଳ ଭିତ୍ତିଭୂମି ଏବଂ ଦାୟିତ୍ୱପୂର୍ଣ୍ଣ ତୀର୍ଥଯାତ୍ରା ପରିଚାଳନା ପର୍ଯ୍ୟନ୍ତ, ଏଭଳି ଯାତ୍ରା ଦ୍ୱାରା ଯେପରି ପ୍ରକୃତି ଓ ପରିବେଶର କିଛି କ୍ଷତି ନଘଟେ ତାହା ସୁନିଶ୍ଚିତ ହୋଇପାରିଛି । ଏହା ପର୍ଯ୍ୟଟନକୁ ବୃଦ୍ଧି କରି ଏକଥା ସୁନିଶ୍ଚିତ କରିବା ଉପରେ ମଧ୍ୟ ଧ୍ୟାନ କେନ୍ଦ୍ରିତ କରିଛି ଯେ, ପ୍ରକୃତି ଓ ପର୍ଯ୍ୟଟକ ପରସ୍ପରର ପରିପୂରକ ଏବଂ ସହାୟକ ହୋଇ ରହିପାରିବେ । ଭାରତର ଜି-୨୦ ଅଧ୍ୟକ୍ଷତା ଅବସରରେ ବିଶ୍ୱ ପର୍ଯ୍ୟଟନକୁ ସ୍ଥାୟୀ ବିକାଶ ଲକ୍ଷ୍ୟ ସହିତ ଯୋଡ଼ିବା ନିମନ୍ତେ 'ଗୋଆ ରୋଡ୍‌ମ୍ୟାପ୍'କୁ ଆଗକୁ ଆଗେଇ ନିଆଯାଇଥିଲା, ଯାହା ସବୁଜ ଅଭିବୃଦ୍ଧି, ଦକ୍ଷତା ବିକାଶ, ଡିଜିଟାଇଜେସନ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଗୁଡ଼ିକୁ ସମର୍ଥନ ପ୍ରଦାନ ନିମନ୍ତେ ବୈଷୟିକ ଆଲୋଚନାର କେନ୍ଦ୍ରରେ ଉପସ୍ଥାପନ କରିଥିଲା ।

ଅଧିକ ସଂଖ୍ୟକ ଯାତ୍ରୀଙ୍କ ଆଗମନ ଅର୍ଥ ହେଉଛି ହୋଟେଲମାନଙ୍କରେ ଅଧିକ ଅବସ୍ଥାନ ସୁବିଧା ପ୍ରାପ୍ତି, ସ୍ଥାନୀୟ ସେବା ଓ ଆତିଥ୍ୟର ଚାହିଦା ବୃଦ୍ଧି ଏବଂ କାରିଗର ଓ ଉଦ୍ୟୋଗୀମାନଙ୍କ ପାଇଁ ନୂଆ ନୂଆ ସୁଯୋଗ ସୃଷ୍ଟି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହା ଉପରେ ପ୍ରାଧାନ୍ୟ ଦେଇଛନ୍ତି ଯେ, ସୁଲଭତା କେବଳ ଏକ ଆର୍ଥିକ ସାଧନ ନୁହେଁ, ବରଂ ତାହା ଏକ ଗଣତାନ୍ତ୍ରିକ ସିଦ୍ଧାନ୍ତ ମଧ୍ୟ ।

ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ଏହି ସଂରଚନାତ୍ମକ ପରିବର୍ତ୍ତନମାନଙ୍କୁ ଆହୁରି ସୁଦୃଢ଼ କରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ୧,୦୦୦ ଟଙ୍କାରୁ ୭,୫୦୦ ଟଙ୍କାର ହୋଟେଲ ରୁମ୍ ଉପରେ ବସ୍ତୁ ଓ ସେବା କର ହାରକୁ ହ୍ରାସ କରି ୫ ପ୍ରତିଶତ କରିବା । ଏହା ଦେଶର ମଧ୍ୟବିତ୍ତ ବର୍ଗର ପର୍ଯ୍ୟଟକ ଓ ଯାତ୍ରୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ଏକ ସୁଚିନ୍ତିତ ପଦକ୍ଷେପ ବୋଲି ବିବେଚନା କରାଯାଇପାରେ । ଏହିସବୁ ତୀର୍ଥଯାତ୍ରୀ, ପର୍ଯ୍ୟଟକମାନେ ସପ୍ତାହାନ୍ତ ଯାତ୍ରା ଏବଂ ଗ୍ରାମାଞ୍ଚଳରେ ଅବସ୍ଥାନ ପାଇଁ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ସମର୍ଥନ ଯୋଗାଏ । ଏହା ସତ୍ୟ ଯେ, ଇନପୁଟ୍ ଟିକସ କ୍ରେଡିଟ୍ ପ୍ରତ୍ୟାହାର ଉପରେ ବର୍ତ୍ତମାନ ବିତର୍କ ଜାରି ରହିଛି ଏବଂ ଏହାର ବ୍ୟାପକ ପ୍ରଭାବ ସ୍ପଷ୍ଟ । ସୁଲଭତା ଅଧିକ ସଂଖ୍ୟକ ଲୋକଙ୍କ ନିମନ୍ତେ ପର୍ଯ୍ୟଟନର ଦ୍ୱାର ଉନ୍ମୋଚନ କରିଛି । ଅଧିକ ସଂଖ୍ୟକ ଯାତ୍ରୀଙ୍କ ଆଗମନ ଅର୍ଥ ହୋଟେଲରେ ଅଧିକ ସଂଖ୍ୟକ ଅତିଥିଙ୍କ ଅବସ୍ଥାନ, ସ୍ଥାନୀୟ ସେବାର ଚାହିଦା ବୃଦ୍ଧି ଏବଂ କାରିଗର ଓ ଉଦ୍ୟୋଗୀମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ଉପରେ ଜୋର ଦେଇ କହିଛନ୍ତି ଯେ ସୁଲଭତା କେବଳ ଆର୍ଥିକ ସାଧନ ନୁହେଁ, ବରଂ ଏକ ଗଣତାନ୍ତ୍ରିକ ସିଦ୍ଧାନ୍ତ ଯାହା ଯାତ୍ରାକୁ କିଛି ଲୋକଙ୍କ ପାଇଁ ସୁବିଧା ବଦଳରେ ସମସ୍ତଙ୍କ ପାଇଁ ଅଧିକାରରେ ପରିଣତ କରିଛି ।

ତଥାପି ପ୍ରଧାନମନ୍ତ୍ରୀ ନିୟମିତ ଭାବେ ଆମମାନଙ୍କୁ ସ୍ମରଣ କରାଇ ଆସୁଛନ୍ତି ଯେ, କେବଳ ନୀତି ପ୍ରଣୟନ ହୋଇଗଲେ ତାହା ପର୍ଯ୍ୟାପ୍ତ ହେବନାହିଁ । ବାସ୍ତବ ପରିବର୍ତ୍ତନ ପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ । ତେଣୁ, ଏହିସବୁ କାର୍ଯ୍ୟକ୍ରମମାନଙ୍କରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ଗାଇଡ୍ ଭାବରେ ପ୍ରଶିକ୍ଷିତ କରାଯିବା ଆବଶ୍ୟକ । ପରିବେଶ ଅନୁକୂଳ ଆତିଥ୍ୟକୁ ମଧ୍ୟ ପ୍ରୋତ୍ସାହିତ କରାଯିବା ଜରୁରୀ । ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବ୍ୟାପକ ବଜାର ପର୍ଯ୍ୟନ୍ତ ପର୍ଯ୍ୟଟକମାନେ କିପରି ପହଞ୍ଚିପାରିବେ, ସେଥିପାଇଁ ସହାୟତା ଯୋଗାଇ ଦିଆଯିବା ବାଞ୍ଛନୀୟ । ଅପର ପକ୍ଷରେ ତୀର୍ଥଯାତ୍ରୀ ମାର୍ଗଗୁଡ଼ିକର ପବିତ୍ରତା ରକ୍ଷା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ଏଭଳି ଦୃଷ୍ଟିରୁ ବିଚାର କଲେ ପର୍ଯ୍ୟଟନ ମୁଣ୍ଡ ଉପରେ ଲଦି ଦିଆଯାଇଥିବା ଏକ ପ୍ରସଙ୍ଗ ନୁହେଁ, ବରଂ ସ୍ଥାନୀୟ ଲୋକମାନଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କଲେ ହିଁ ତାହା ଆଗକୁ ବଢ଼ାଯାଇ ପାରିବ । ଏହା ଫଳରେ ସେମାନଙ୍କ ଜୀବନ ଉପରେ ଏହା ସବୁଠାରୁ ଗଭୀର ପ୍ରଭାବ ପକାଇ ପାରିବ ।

ଏବେ ସୁଦ୍ଧା ଏହି ଦିଗରେ ଅନେକ ଆହ୍ୱାନ ରହିଛି । ଭିତ୍ତିଭୂମିର ଅଭାବ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଏବଂ ଆଧୁନିକ ପିଢ଼ିର ଯାତ୍ରୀମାନଙ୍କ ବର୍ଦ୍ଧିତ ଆଶା ଆକାଂକ୍ଷା ଏଥିରେ ସାମିଲ । କିନ୍ତୁ ଆଜି ଭାରତ ନିକଟରେ ସେସବୁ ସମସ୍ୟାର ସମାଧାନ ନିମନ୍ତେ ଅନେକ ସାଧନ ରହିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ, ଆମେ ଏହିସବୁ ଆହ୍ୱାନଗୁଡ଼ିକର ସମାଧାନ କରିବା ନିମନ୍ତେ ବିଭିନ୍ନ ସଂସ୍ଥା, ଆର୍ଥିକ ମଡେଲ ଓ ପ୍ରଶାସନିକ ବ୍ୟବସ୍ଥାମାନ ପ୍ରସ୍ତୁତ କରିଛୁ ।

ଆଗକୁ ବଢ଼ିବା ପାଇଁ, ତିନୋଟି ପ୍ରାଥମିକତା ଆମକୁ ମାର୍ଗଦର୍ଶନ କରିବ । ଆମକୁ ସ୍ଥାୟୀତ୍ୱକୁ ଆହୁରି ଗଭୀର କରିବାକୁ ପଡ଼ିବ, ଏହା ନିଶ୍ଚିତ କରିବାକୁ ପଡ଼ିବ ଯେ ବିକାଶ ସର୍ବଦା ପରିବେଶଗତ ଲାଭ ପ୍ରଦାନ କରେ । ଆମକୁ ସେସବୁ ସୁଫଳଗୁଡ଼ିକୁ ଅଧିକ ଗଣତାନ୍ତ୍ରିକ କରିବାକୁ ହେବ, ଅର୍ଥାତ୍ ସ୍ଥାନୀୟ କର୍ମନିଯୁକ୍ତି ସୃଷ୍ଟି କରିବା ଭଳି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଏବଂ ମଧ୍ୟମ ପର୍ଯ୍ୟାୟର ଉଦ୍ୟୋଗଗୁଡ଼ିକରେ ଅଧିକ ପୁଞ୍ଜୀନିବେଶ କରିବାକୁ ପଡ଼ିବ । ଏଥି ସହିତ ଆମକୁ ପ୍ରଶାସନ ଓ ଡାଟାକୁ ମଜଭୁତ କରିବାକୁ ହେବ ଯାହା ଫଳରେ ସମ୍ବଳଗୁଡ଼ିକୁ ଅତି ସତର୍କତାର ସହିତ ପରିଚାଳନା କରିବାକୁ ହେବ । ଫଳରେ ସ୍ଥାନୀୟ ସଂପତ୍ତିର ଉପଯୁକ୍ତ ସୁରକ୍ଷା କରାଯାଇପାରିବ ।

ଭାରତର ଅଭିଜ୍ଞତା ପ୍ରମାଣ କରେ ଯେ, ଯେତେବେଳେ ସୁସଂଗତ ନୀତି, ଆର୍ଥିକ ବିବେକ ଏବଂ ସ୍ଥାନୀୟ ଗୋଷ୍ଠୀଙ୍କ ସମ୍ପୃକ୍ତି ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଅଧୀନରେ ଏକତ୍ରିତ ହେବେ, ସେତେବେଳେ ବାସ୍ତବ ପରିବର୍ତ୍ତନ ସମ୍ଭବ । ଚଳିତ ବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆସନ୍ତୁ, ଆମେ ଅତି ଦାୟିତ୍ୱବାନ ଭାବରେ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଯାତ୍ରା କରିବା, ସ୍ଥାନୀୟ ନିଯୁକ୍ତିକୁ ସମର୍ଥନ ଯୋଗାଇବା ଏବଂ ପ୍ରତ୍ୟେକ ଯାତ୍ରା କାର୍ଯ୍ୟକ୍ରମରେ ଏକ ବିକଶିତ ଭାରତର ପ୍ରତିଶ୍ରୁତି ପୂରଣକୁ ଆହୁରି ଜୀବନ୍ତ କରିବା । ଉପଯୁକ୍ତ ଭାବରେ ଏକ ପୋଷଣୀୟ ପର୍ଯ୍ୟଟନ କେବଳ ଆମର ଅର୍ଥ ବ୍ୟବସ୍ଥାର ଏକ ସ୍ତମ୍ଭ ହେବ ନାହିଁ ବରଂ ଭାରତର ସଭ୍ୟତାଗତ ଲୋକ ଆଚରଣ, ଅର୍ଥାତ୍ ମୁକ୍ତ, ସହନଶୀଳତା ଓ ଆତିଥ୍ୟର ଜୀବନ୍ତ ପ୍ରମାଣ ହେବ । ତେଣୁ ଆମକୁ ସତର୍କତା, ସାହସ ଏବଂ ସହଭାଗୀ ଭାବନାର ସହିତ ଆଗକୁ ଅଗ୍ରସର ହୋଇ ଏହାକୁ ଆଗେଇ ନେବାକୁ ପଡ଼ିବ ।









ଭୁବନେଶ୍ୱର : ରାଜଧାନୀରେ ଗଜଲକ୍ଷ୍ମୀ ପୂଜା ନିମନ୍ତେ ନିର୍ମିତ ଆକର୍ଷଣୀୟ ତୋରଣ। (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଇଏମ୍‌ଡିର ଚେତାବନୀ...

ସମାନ ପାଗ ହେବ। ୯ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ, ଏବଂ ପରବର୍ତ୍ତୀ ୬ ଦିନ ପାଇଁ ଉପକୂଳ ଓଡ଼ିଶା ସହ କାଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ବର୍ଷା ହେବ। ୧୦ରୁ ୧୬ ଅକ୍ଟୋବର ମଧ୍ୟରେ ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜରେ ଶୁଷ୍କ ପାଗ ରହିବ। ତେବେ, ୯ ଅକ୍ଟୋବର ପାଖାପାଖି ଉତ୍ତର ବଙ୍ଗୋପସାଗରରେ ଏକ ନୂଆ ଘୂର୍ଣ୍ଣିବଳୟ ବା ଲଘୁଚାପ ସୃଷ୍ଟି ହେବାର ପୂର୍ବାନୁମାନ ରହିଛି, ଯାହା ପୁନର୍ବାର ରାଜ୍ୟରେ ପ୍ରବଳ ବର୍ଷା ଆଣିପାରେ।

## ମେଡିସିନ୍‌ରେ ୩...

ରୋଗପ୍ରତିରୋଧକ ବ୍ୟବସ୍ଥାର ସହନଶୀଳତା) ସମ୍ପର୍କରେ ଗବେଷଣା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଗବେଷଣା ଶରୀରର ରୋଗପ୍ରତିରୋଧ ବ୍ୟବସ୍ଥାକୁ ବୁଝିବାରେ କ୍ରାନ୍ତି ଆଣିଛି। ଏହାଦ୍ୱାରା ରୁମାଟଏଡ ଆର୍ଥ୍ରାଇଟିସ, ଟାଇପ-୧ ଡାଇବେଟିସ ଭଳି ରୋଗର ଚିକିତ୍ସା ପାଇଁ ପଥ ପରିଷ୍କାର କରିବ। ଆମ ଶରୀର ଇମ୍ୟୁନ ସିଷ୍ଟମ(ରୋଗପ୍ରତିରୋଧକ ବ୍ୟବସ୍ଥା) ଜରିଆରେ ରୋଗ ସହିତ ଲଢ଼ିଥାଏ। ବିଶେଷ କରି ଭୂତାଣୁ ଏବଂ ଜୀବାଣୁମାନଙ୍କ ସହିତ ଯୁଦ୍ଧ କରିଥାଏ। କିନ୍ତୁ ବେଳେବେଳେ ଏହି ବ୍ୟବସ୍ଥା ଭୁଲବଶତଃ ନିଜ ଅଙ୍ଗପ୍ରତ୍ୟଙ୍ଗ ଉପରେ ବି ଆକ୍ରମଣ କରିଦେଇଥାଏ, ଯାହାକୁ ଅଟୋଇମ୍ୟୁନ ରୋଗ କୁହାଯାଇଥାଏ। ପୂର୍ବରୁ ବୈଜ୍ଞାନିକମାନେ ଭାବୁଥିଲେ ଯେ, ଇମ୍ୟୁନ ସେଲ୍ସ(ରୋଗାଣୁ ସହିତ ଲଢୁଥିବା କୋଷିକା) ଶରୀର ଭିତରେ ହିଁ ସହିଷ୍ଣୁ (ଟଲରାନ୍ସ) ବନିଯାଇଥାଏ, ଯାହାକୁ ସେଣ୍ଟ୍ରାଲ ଇମ୍ୟୁନ ଟଲରାନ୍ସ କୁହାଯାଇଥାଏ। କିନ୍ତୁ ଉପରୋକ୍ତ ୩ ବୈଜ୍ଞାନିକ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ଶରୀରର ବାହାର ଅଂଶ(ପେରିଫେରାଲ)ରେ ବି ସ୍ୱତନ୍ତ୍ର ତନ୍ତ୍ର କାମ କରିଥାଏ, ଯାହା ରୋଗପ୍ରତିରୋଧ ବ୍ୟବସ୍ଥାକୁ ନିୟନ୍ତ୍ରିତ କରି ରଖିଥାଏ। ଏହାଦ୍ୱାରା ଶରୀରର ଅଙ୍ଗ ସୁରକ୍ଷିତ ରହିଥାଏ।

## ସିଆରପିଏଫ୍ ସବ୍ ...

ପରିବାରବର୍ଗ, ବନ୍ଧୁ ଏବଂ ସହକର୍ମୀମାନଙ୍କୁ ମୋର ଗଭୀର ସମବେଦନା ଜଣାଉଛି। ରାଜ୍ୟ ସରକାର ଶୋକସନ୍ତପ୍ତ ପରିବାର ସହିତ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କ ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।

## ପ୍ରଧାନ ବିଚାରପତିଙ୍କ ...

ଦେଇଥିଲେ । ମଧ୍ୟପ୍ରଦେଶର ଖଜୁରାହୋରେ ଭଗବାନ ବିଷ୍ଣୁଙ୍କ ୭ଫୁଟ୍ ଉଚ୍ଚ ମୁଣ୍ଡ କଟା ମୂର୍ତ୍ତିର ପୁନରୁଦ୍ଧାର ଉପରେ ସିଜେଆଇ ଗଭାଇଙ୍କ ମନ୍ତବ୍ୟରେ ଆଇନଜୀବୀ ରାକେଶ ବହୁତ ଆଘାତ ପାଇଥିଲେ ।

## ଆତ୍ମସମର୍ପଣ କଲେ...

ଲଗାତାର ଅପରେସନ ଯୋଗୁଁ ଏମାନେ ସଂଗଠନ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହୋଇଥିବା କହିଥିଲେ। ସଂଗଠନରେ ନେତା ବିହୀନ ହୋଇଥିବା ଏମାନେ କହିଛନ୍ତି। ଦୁଇ ଗୋଷ୍ଠୀ ହୋଇ ଏବେ ସଂଗଠନ ଭୁଶୁଡ଼ିବା ସ୍ଥିତିରେ ପହଞ୍ଚିଥିବା ସ୍ୱୀକାର କରିଥିଲେ। ପୁଲିସ ତରଫରୁ ତିନି ଜଣ ନକ୍ସଲଙ୍କୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି।

## କଟକ ସହରରେ...

ପାଇଁ କଟକର ୧୩ଟି ଥାନା ଅଞ୍ଚଳର କିଛି ସ୍ଥାନରେ କର୍ଫ୍ୟୁ ଜାରି କରାଯାଇଛି। କର୍ଫ୍ୟୁ ଜାରି କରାଯାଇଥିବା ଅଞ୍ଚଳଗୁଡ଼ିକ ହେଲା ଦରଘାବଜାର, ମଙ୍ଗଳବାଗ, କ୍ୟାଣ୍ଟନମେଣ୍ଟ, ଲାଲବାଗ, ସିଡିଏ-୨, ପୁରୀଘାଟ, ଜଗତପୁର, ମର୍କତନଗର, ବାଦାମବାଡ଼ି, ବୟାଳିଶମୌଜା, ସଦର, ବିଡ଼ାନାସୀ, ମାଲଗୋଦାମ ଥାନା ଅଧୀନରେ ଥିବା କିଛି ଅଞ୍ଚଳ। ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂହ ରବିବାର ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ପୁଲିସ କମିଶନର କହିଛନ୍ତି, ଦୁର୍ବୃତ୍ତମାନଙ୍କ ଆକ୍ରମଣରେ ୨୫ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮ ଜଣ ଗୁରୁତର ଅଛନ୍ତି। ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ପ୍ରଥମେ ବିକଳ୍ପ ଉପାୟ ନେଇଥିଲା। ମାତ୍ର ଉପଦ୍ରବକାରୀମାନେ ଅମାନିଆ ହେବାରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଉଦଦ୍ରବକାରୀମାନଙ୍କୁ ଧରିବା ପାଇଁ ପୁଲିସ ଛାନଭିନ୍ ଜାରି ରଖିଛି। କଟକ ସହରରେ ଦେଖାଯାଇଥିବା ଉତ୍ତେଜନା ପରିସ୍ଥିତି ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ଏହି ଅଞ୍ଚଳରେ ଦୁଇଟି ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା, ଯାହା କି ହିଂସାତ୍ମକ ଘଟଣାରେ ପରିଣତ ହୋଇଥିଲା।ଇଣ୍ଟରନେଟର ଅପବ୍ୟବହାର ଦ୍ୱାରା ସାମ୍ପ୍ରଦାୟିକ ହିଂସା ପ୍ରସାରଣ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ମିଥ୍ୟା, ଉତ୍ତେଜନାପୂର୍ଣ୍ଣ ଏବଂ ଉତ୍ତେଜନାପୂର୍ଣ୍ଣ ବାର୍ତ୍ତା ପ୍ରସାରଣ ନେଇ ଚିନ୍ତା ପ୍ରକାଶ କରିଛନ୍ତି।

## ଶାନ୍ତି ବଜାୟ...

କଟକର ସମ୍ମାନରେ ଆଞ୍ଚ ଆସିବ । ସମସ୍ତେ ଶାନ୍ତି ଶୃଙ୍ଖଳା ବଜାୟ ରଖନ୍ତୁ। ଯେଉଁ ମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ସରକାର ସଜାଗ ଅଛନ୍ତି । କଠୋର ଶାସ୍ତି ବିଧାନ ହେବ । ସମସ୍ତେ ନିଜର ଭାବାବେଗ ଚେତନାକୁ ସକାରାତ୍ମକ ଭାବରେ ନେବେ ବୋଲି ଆଶା । କଟକରେ ଭାଇଚାରା ବଜାୟ ରହୁ ବୋଲି ଆଇନ ମନ୍ତ୍ରୀ ଅପିଲ କରିଛନ୍ତି ।

## କଟକ ସହର ପରିସ୍ଥିତିକୁ ...

ଠାରେ ଏକ ସଭା କରି ଆହ୍ୱାନ ଜଣାଇଛନ୍ତି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପସ୍ଥିତ ଜନସାଧାରଣ କଟକରେ ସ୍ଥାୟୀ ଶାନ୍ତି ସ୍ଥାପନ ଲକ୍ଷରେ 'କଟକ ଶାନ୍ତି ସଦଭାବନା ସମିତି' ଗଠନ କରିଛନ୍ତି। ଏହି ସଭାରେ କଟକ ସହରର ସାହି ମୁରବୀ, ପୂଜା କମିଟିର ମୁଖ୍ୟ, ମୋହଲ୍ଲା କମିଟି ତଥା ଶାନ୍ତି କମିଟିମାନଙ୍କୁ ଶାନ୍ତି ସ୍ଥାପନ ନିମନ୍ତେ କାର୍ଯ୍ୟ କରିବା ତଥା ବିଭିନ୍ନ ଗୁଜବର ସତ୍ୟାସତ୍ୟ ଲୋକଙ୍କୁ ଜଣାଇବାକୁ ନିବେଦନ କରାଯାଇଛି।

## ନୂଆପଡାରେ...

ଭାବେ ୮୦୨ କୋଟି ୯ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ। ଅନ୍ନଦାତା ମାନଙ୍କ ଜମିକୁ ଜଳ ଯୋଗାଇବା ପାଇଁ ସରକାର ନିଷ୍ଠାର ସହ ଉଦ୍ୟମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପୂର୍ବରୁ ଖରିଆର୍ ରୋଡ୍‌କୁ ଏନ୍.ଏ.ସି ରୁ ମୁନିସପାଲିଟି କରିବା ପାଇଁ ଦାବି ହୋଇଆସୁଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ମ୍ୟୁନିସପାଲିଟି ରୂପେ ଘୋଷଣା କରିଛନ୍ତି । ସେହିପରି କୋମନା ବ୍ଲକକୁ ଏନ୍.ଏ.ସି ମାନ୍ୟତା ପ୍ରଦାନ କରାଯାଇଛି ଏବଂ ସିନାପାଲି ଗ୍ରାମପଞ୍ଚାୟତ ଓ ଗୋଡାଲ ଗ୍ରାମପଞ୍ଚାୟତକୁ ମିଶାଇ ଏହାକୁ ସିନାପାଲି ଏନ୍.ଏ.ସି ରୂପେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହା ଭିତରେ ମୁଖ୍ୟମନ୍ତ୍ରୀ ତିନି ଥର ନୂଆପଡା ଆସିସାରିଲେଣି। ଏପ୍ରିଲ ମାସରେ ମାରାଗୁଡା ମହୋତ୍ସବକୁ ଆସି ମୁଖ୍ୟମନ୍ତ୍ରୀ ୩୨୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏହା ସହିତ ନୂଆପଡା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମଧ୍ୟ ଯୋଗଦେଇଥିଲେ। ଆଜିକୁ ମିଶାଇ ନୂଆପଡା ପାଇଁ ମୁଖ୍ୟମନ୍ତ୍ରୀ ୧୪୨୦ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର କେନ୍ଦୁପତ୍ର ତୋଳାଳୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛନ୍ତି । ଚଳିତ ବର୍ଷ ଜିଏସଟି କାଉନସିଲ ବୈଠକରେ ସେ ନିଜେ ଉପସ୍ଥିତ ହୋଇ କେନ୍ଦୁପତ୍ର ଉପରେ ଜିଏସଟି ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲେ । ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଜିଏସଟି ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ କମ୍ କରିଛନ୍ତି । ଏହାଦ୍ୱାରା ସାରାଦେଶର ତଥା ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରି କହିଥିଲେ ଯେ ରାଜ୍ୟର ସବୁ ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ ଖୋଲାଯିବ । ବର୍ତ୍ତମାନ ରାଜ୍ୟର ୩୧୭ଟି ତହସିଲରୁ ୨୧୦ଟି ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ ରହିଛି। ଖୁବଶୀଘ୍ର ବାକି ୧୦୭ଟି ତହସିଲରେ ସବ୍ ରେଜିଷ୍ଟ୍ରେସନ୍ ଅଫିସ ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜି ପ୍ରଥମ ପର୍ଯ୍ୟାୟରେ ନୂଆପଡାର ୩ଟି - ସିନାପାଲି, କୋମନା ଓ ବୋଡେନ୍ ଏବଂ ମାଲକାନଗିରିର ୪ଟି- ମାଥିଲି, କାଲିମେଳା, ଖଇରପୁଟ ଓ କୁଡୁମୁଲୁଗୁମା- ଏହିପରି ୭ଟି ତହସିଲରେ ସବ୍ ରେଜିଷ୍ଟେସନ୍ ଅଫିସ ଖୋଲାଗଲା ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟରେ ଦୀର୍ଘଦିନ ଧରି ବିଭିନ୍ନ ପଛୁଆ ଅଞ୍ଚଳ ଆଞ୍ଚଳିକ ବୈଷମ୍ୟତାର ଅଭିଯୋଗ କରିଆସୁଛନ୍ତି । ବିଶେଷକରି ଦୂରାନ୍ତ ଅଞ୍ଚଳରେ ରହୁଥିବା ଜିଲ୍ଲା ଗୁଡିକ ଅପେକ୍ଷାକୃତ ଭାବେ ଅବହେଳିତ ହେଉଥିଲା । କିନ୍ତୁ, ଆମ ସରକାର ସବୁ ଅଞ୍ଚଳକୁ ସମାନ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଅଧିକ ଅନୁଦାନ ସହିତ ସୁଦୃଢ କରାଯାଇଛି ଏବଂ ତା ସହିତ ଉତ୍ତର ଓ ଦକ୍ଷିଣ ଓଡିଶାର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ବିକାଶ ପରିଷଦ ଗଠନ କରିବାକୁ ପଦକ୍ଷେପ ନିଆଯାଇଛି । ରାଜ୍ୟର ଶିଳ୍ପ ବିକାଶରେ ମଧ୍ୟ ସବୁ ଅଞ୍ଚଳକୁ ଗୁରୁତ୍ୱ ଦିଆଯାଇ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ଉଦ୍ୟମ ଅବ୍ୟାହତ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ପୁଣି କହିଥିଲେ ଯେ, ପୂର୍ବରୁ ପ୍ରିମାଟ୍ରିକ ସ୍କଲାରସିପର୍ ଛାତ୍ର ମାନଙ୍କୁ ୧୦,୫୦୦ ଟଙ୍କା ମିଳୁଥିବା ବେଳେ ଏବେ ୧୬,୦୦୦ ଟଙ୍କା ପ୍ରଦାନ କରାଯିବ । ସେହିପରି ଅନ୍ୱେଷା ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ପୂର୍ବରୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ଏଥିରେ ୧୭ ହଜାର ଟଙ୍କା ମିଳିବ । ସେହିପରି ପୋଷ୍ଟ ମାଟ୍ରିକ ସ୍କଲାରସିପ୍‌ରେ ପୂର୍ବରୁ ଛାତ୍ର ମାନଙ୍କୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୧୬ ହଜାର ଟଙ୍କା ମିଳିବ ଏବଂ ଛାତ୍ରୀ ମାନଙ୍କୁ ୧୭ ହଜାର ଟଙ୍କା ମିଳିବ । ମୋଦୀଙ୍କ ନେତୃତ୍ୱରେ ଦେଶରେ ଏବେ ବିକାଶର ଏକ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ବିକାଶ ତ୍ୱରାନ୍ୱିତ ହୋଇଛି । ଓଡିଶାରେ ନୂଆ ସରକାର ଆସିବା ପରଠାରୁ କେନ୍ଦ୍ର ସରକାର ଓଡିଶା ପାଇଁ ୩୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି ଏବଂ ଏଥିରେ ନୂଆପଡା ପାଇଁ ମଧ୍ୟ ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ନୂଆପଡା ଜିଲ୍ଲାର ବିପୁଳ ସଫଳତାକୁ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସୁଭଦ୍ରା ଯୋଜନାରେ ନୂଆପଡାର ୧ ଲକ୍ଷ ୫୫ ହଜାର ମହିଳା ଉପକୃତ ହୋଇଛନ୍ତି, ଅନ୍ତୋଦ୍ୟ ଗୃହ ଯୋଜନାରେ ନୂଆପଡାର ୨୫୪୮ ପରିବାରକୁ ଘର ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ । ଏହା ସହିତ ନୂଆପଡା ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ଜିଲ୍ଲାଭାବେ ଘୋଷିତ ହେବା ସହ କନ୍ୟାଶିଶୁକୁ ପ୍ରାଧାନ୍ୟ ଦେଇ 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି ଏବଂ ନବଜାତ ଶିଶୁକନ୍ୟା ଓ ସେମାନଙ୍କ ପିତା ମାତାଙ୍କୁ ମଧ୍ୟ ସମ୍ମାନିତ କରାଯାଉଛି । ନୂଆପଡା ଜିଲ୍ଲା ମନରେଗା ଯୋଜନାରେ ଦୈନିକ ୬୦ ହଜାରରୁ ଅଧିକ ଶ୍ରମିକ ନିୟୋଜିତ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜନଶୁଣାଣି କାର୍ଯ୍ୟକ୍ରମକୁ ସଂପ୍ରସାରଣ କରାଯାଇ ଏହାକୁ ପଞ୍ଚାୟତ ସ୍ତରରେ ମଧ୍ୟ ଆୟୋଜିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଜିଲ୍ଲାର ସଫଳତା ପାଇଁ ଜିଲ୍ଲା ପ୍ରଶାସନ ଓ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ମୋହନ ମାଝୀଙ୍କ ସରକାର ହେଉଛି ଲୋକଙ୍କ ସରକାର । ରାଜ୍ୟର ସମସ୍ତ ବର୍ଗର ବିକାଶ କିପରି ହେବ ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ନୂଆପଡା ଜିଲ୍ଲାକୁ ଏକ ନୂଆ ଦିଗନ୍ତରେ ନେବା ହେଉଛି ଆମ ସଂକଳ୍ପ। ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ରାଜ୍ୟରେ ଆମ ସରକାର ଆସିବା ପରେ ନୂଆପଡା ଜିଲ୍ଲାର ୧୦ଟି ହାଇସ୍କୁଲକୁ ଆମେ ଅପଗ୍ରେଡ୍ କରି ହାୟର ସେକେଣ୍ଡାରୀ ସ୍କୁଲରେ ପରିଣତ କରିଛୁ । ସହର ଏବଂ ଗ୍ରାମପଞ୍ଚାୟତର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଆମ ସରକାର ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏ ସରକାରରେ ପ୍ରତିଟି କ୍ଷେତ୍ରରେ ବିକାଶ ହେବ ଆଜି ସମସ୍ତଙ୍କ ମଧ୍ୟରେ ଏପରି ଆଶାର ସଂଚାର ହୋଇଛି । ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ, ନୂଆପଡା ଜିଲ୍ଲା କିପରି ଆଦର୍ଶ ଜିଲ୍ଲା ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ଯୋଜନା କରୁଛନ୍ତି । ନୂଆପଡା ପଲିଥିନ ମୁକ୍ତ ଜିଲ୍ଲା ହୋଇଛି ଏହା ଆମ ପାଇଁ ଗର୍ବର ବିଷୟ। କେବିକେ ଅଞ୍ଚଳରେ କିପରି ରୋଜଗାର ବୃଦ୍ଧିହେବ ସେଥିପାଇଁ ଆମ ସରକାର ଯୋଜନା କରୁଛନ୍ତି । କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର ପ୍ରମୁଖ ତାଙ୍କର ଉଦ୍‌ବୋଧନ ରଖିଥିଲେ। ନୂଆପଡା ଜିଲ୍ଲାପାଳ ମଧୁସୁଦନ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଖରିଆର୍ ରୋଡ୍ ଏନ୍.ଏ.ସି. ଚେୟାରମ୍ୟାନ ଡ. ସୋନିଆ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଦାଲତରେ ପଡ଼ି ରହିଥିବା ମାମଲାଗୁଡ଼ିକର ଫଇସଲା ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ମଧ୍ୟସ୍ଥତା 'ରାଷ୍ଟ୍ର ପାଇଁ' ଅଭିଯାନ

**କଟକ, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟ ଏବଂ ଜିଲ୍ଲା ଓ ତାଲୁକ ସ୍ତରୀୟ ଅଦାଲତ ଗୁଡ଼ିକରେ ପଡ଼ି ରହିଥିବା ମାମଲାଗୁଡ଼ିକର ଫଇସଲା ପାଇଁ ଏକ ସ୍ୱତନ୍ତ୍ର ୯୦ ଦିନିଆ ମଧ୍ୟସ୍ଥତା ପଦକ୍ଷେପ ସ୍ୱରୂପ ମଧ୍ୟସ୍ଥତା 'ରାଷ୍ଟ୍ର ପାଇଁ' ଅଭିଯାନ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ମାନ୍ୟବର ସୁପ୍ରିମକୋର୍ଟଙ୍କ ମଧ୍ୟସ୍ଥତା ଏବଂ ସମାଧାନ ପ୍ରକଳ୍ପ କମିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ୧ ଜୁଲାଇ, ୨୦୨୫ ରୁ ୩୦ ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନ କାଳରେ ମାନ୍ୟବର ଓଡ଼ିଶା ଉଚ୍ଚ



ନ୍ୟାୟାଳୟ, ଜିଲ୍ଲା ଏବଂ ତାଲୁକ କୋର୍ଟ ଦ୍ୱାରା ପନ୍ଦରଟି ବିଭିନ୍ନ ବର୍ଗରେ ମୋଟ ୧୩, ୫୨୭ଟି ବୈବାହିକ, ଦୁର୍ଘଟଣା ଜନିତ ଦାବି, ଘରୋଇ ହିଂସା, ଚେକ୍ ବାଉନ୍ସ,, ବାଣିଜ୍ୟିକ ବିବାଦ, ଚାକିରି ସମ୍ବନ୍ଧୀୟ ମାମଲା, ଫୌଜଦାରୀ ମାମଲା, ଉପଭୋକ୍ତା ବିବାଦ, ଋଣ ଆଦାୟ, ବିଭାଜନ, ଉଚ୍ଛେଦ, ଜମି ଅଧିଗ୍ରହଣ, ଅନ୍ୟାନ୍ୟ ଉପଯୁକ୍ତ ଦେୱାନୀ ମାମଲା, ମଧ୍ୟସ୍ଥତା ମାଧ୍ୟମରେ ସାଲିସ, ବିଦ୍ୟୁତ୍ ଏବଂ ଶ୍ରମ ଆଦି ବିଚାରଧୀନ ମାମଲାଗୁଡିକୁ ଯଥାକ୍ରମେ ଓଡ଼ିଶା ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ର ଏବଂ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରକୁ ମଧ୍ୟସ୍ଥତା ନିମନ୍ତେ ପଠାଯାଇଥିଲା। ଉପରୋକ୍ତ ମାମଲାଗୁଡିକ ମଧ୍ୟରୁ, ୩୦.୦୯.୨୦୨୫ ସୁଦ୍ଧା ୮୯୦ ମାମଲାର ସଫଳ ଭାବରେ ଫଇସଲା କରାଯାଇଛି। ଏହି ସମୟ ମଧ୍ୟରେ ୭୯୪୨ଟି ମାମଲା ଅସଫଳ/ଭକ୍ଟଭ-ଣ୍ଡଣ୍ଡବକ୍ଣ୍ଡରକ୍ସ ରହିଥିବାବେଳେ ୪୬୯୫ଟି ମାମଲା ମଧ୍ୟସ୍ଥତା ପାଇଁ ବିଚାରାଧୀନ ରହିଛି।

# ପବିତ୍ର ଗଜଲକ୍ଷ୍ମୀ ପୂଜାର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା





**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପବିତ୍ର ଗଜଲକ୍ଷ୍ମୀ ପୂଜାର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପବିତ୍ର ଗଜଲକ୍ଷ୍ମୀ ପୂଜାର ଅଭିନନ୍ଦନ। ମା'ଙ୍କ କୃପାରୁ ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରାପ୍ତ ହେଉ। ସେହିପରି ପବିତ୍ର 'କୁମାର ପୂର୍ଣ୍ଣିମା'ର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପବିତ୍ର 'କୁମାର ପୂର୍ଣ୍ଣିମା'ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା । ଏହି ପରିପ୍ରେକ୍ଷୀରେ କୁମାର ପୂର୍ଣ୍ଣିମା ଏବଂ ଗଜଲକ୍ଷ୍ମୀ ପୂଜାର ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, କୁମାର ପୂର୍ଣ୍ଣିମା ଏବଂ ଗଜଲକ୍ଷ୍ମୀ ପୂଜାର ହାର୍ଦ୍ଦିକ ଶୁଭେଚ୍ଛା। ମା' ଲକ୍ଷ୍ମୀଙ୍କ ଆଶୀର୍ବାଦରୁ ସଭିଙ୍କ ଜୀବନ ମଙ୍ଗଳମୟ ହେଉ ।

# କଟକ ଦୁର୍ଗାପୂଜା ଭସାଣିରେ ଅଘଟଣ ଦୁର୍ଭାଗ୍ୟଜନକ: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



କଟକ ଦୁର୍ଗାପୂଜା ଭସାଣିରେ ଘଟିଥିବା ଅଘଟଣ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଏକ୍ସରେ ଶ୍ରୀମତୀ ପରିଡା ଲେଖିଛନ୍ତି କଟକ ଦୁର୍ଗାପୂଜା ଭସାଣିରେ ଘଟିଥିବା ଅଘଟଣ ଦୁର୍ଭାଗ୍ୟଜନକ ଏବଂ ଅତ୍ୟନ୍ତ ଦୁଃଖର ବିଷୟ । ଭାଇଚାରାର ସହର ଭାବେ କଟକର ପରିଚୟ ରହିଆସିଛି। ଏହି ସମ୍ବେଦନଶୀଳ ସମୟରେ ଆମେ ସମସ୍ତେ ଶାନ୍ତିପୂର୍ଣ୍ଣ ବାତାବରଣ ଫେରାଇଆଣିବା ଦିଗରେ ଏବଂ କଟକର ଗୌରବମୟ ପରିଚୟକୁ ଅକ୍ଷୁର୍ଣ୍ଣ ରଖିବା ଦିଗରେ ପ୍ରୟାସ କରିବା ଜରୁରୀ । ଆମ ସରକାର ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସଂକଳ୍ପବଦ୍ଧ ।

# ୨୪ ନମ୍ବର ୱାର୍ଡ ପରିଦର୍ଶନ କଲେ ବିଏମ୍‌ସି କମିଶନର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ( ବିଏମ୍ ସି)କମିଶନର ଚଂଚଳ ରାଣା ସୋମବାର ସକାଳୁ ୨୪ ନମ୍ବର ୱାର୍ଡ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି । ୱାର୍ଡରେ ଚାଲିଥିବା ପରିମଳ ବ୍ୟବସ୍ଥା ବୁଲି ଦେଖିବା ସହ ବିଭିନ୍ନ ଡ୍ରେନ, ରାସ୍ତା ଏବଂ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରିଥିଲେ । ପରିମଳ ସେବା, ବର୍ଜ୍ୟ ସଂଗ୍ରହ ବ୍ୟାଗ୍ ର ବ୍ୟବହାର, ସଫେଇ ଗାଡିର ନିୟମିତତା ସାଙ୍ଗକୁ ଜବରଦଖଲ ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ଓ ଆବଶ୍ୟକତା ବାବଦରେ ମଧ୍ୟ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି । କମିଶନରଙ୍କ ଏହି କ୍ଷେତ୍ର ପରିଦର୍ଶନରେ ସ୍ଥାନୀୟ ଲୋକେ ବେଶ ଖୁସି ପ୍ରକଟ କରିବା ସହ ବିଏମ୍ ସିର କାର୍ଯ୍ୟକୁ ପ୍ରଶଂଶା କରିଛନ୍ତି । ୱାର୍ଡରେ ଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସଂପୃକ୍ତ ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର । ଏହି ପରିଦର୍ଶନ ସମୟରେ ସ୍ଥାନୀୟ କର୍ପୋରେଟର ଦୀପକ ମିଶ୍ର, ଡେପୁଟି କମିଶନର ପରିମଳ, ଜୋନାଲ କମିଶନର, ବିଏମ୍ ସିର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଦୁର୍ବୃତ୍ତଙ୍କ ଗୁଳିମାଡରେ ଆଇନଜୀବୀଙ୍କ ମୃତ୍ୟୁ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ବ୍ରହ୍ମପୁରରେ ଚାଞ୍ଚଲ୍ୟ। ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କୁ ଗୁଳିମାଡ଼। । ବାଇକରେ ଆସି ଗୁଳିମାଡ଼ କଲେ ଦୁର୍ବୃତ୍ତ। ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଗୁଳିମାଡ଼ର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ବାଲେଶ୍ୱରରେ ଜିଲ୍ଲା ପ୍ରଶାସନର ନାଇଟ୍ କର୍ଫ୍ୟୁ

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ସହରରେ ଜିଲ୍ଲା ପ୍ରଶାସନର କଡ଼ାକଡ଼ି ନିୟମ ଜାରି କରାଯାଇଛି। ସୋମବାର ରାତି ୧୦ରୁ ସକାଳ ୬ଟା ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟୀକ ପ୍ରତିଷ୍ଠାନ ଓ ଦୋକାନବଜାର ବନ୍ଦ ରହିବ। ଏହି ନିୟମ ଆସନ୍ତା ୨୧ ତାରିଖ ଦୀପାବଳି ପର୍ଯ୍ୟନ୍ତ ବଳବତ୍ତର ରହିବା ନେଇ ପୁଲିସ ପ୍ରଶାସନ ପକ୍ଷରୁ ମାଇକ ଦ୍ୱାରା ପ୍ରଚାର କରାଯାଇଛି। ନିୟମ ଉଲଙ୍ଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ତେବେ ସହରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି। ସମସ୍ତ ଦୋକାନୀ ଓ ବ୍ୟବସାୟୀଙ୍କୁ ଏହି ନିୟମ ଅନୁପାଳନ କରିବାକୁ ପୁଲିସ ପକ୍ଷରୁ ନିବେଦନ କରାଯାଇଛି।

# କଫ ସିରପ୍ ଚୋରା ଚାଲାଣ : ୧୫ ଗିରଫ



**ବରଗଡ଼, ନ୍ୟୁଜ ବ୍ୟୁରୋ**

ଅପରାଧ ନିୟନ୍ତ୍ରଣ ପାଇଁ ବରଗଡ଼ ପୋଲିସ ପକ୍ଷରୁ ଚାଲିଛି ଚଢ଼ାଉ। ଖାସ କରି ବେଆଇନ କଫ୍ ସିରପ ଚୋରା ଚାଲାଣ ନେଇ ବରଗଡ଼ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ଏହି କ୍ରମରେ ସୋମବାର ବିଭିନ୍ନ ସ୍ଥାନରେ ହୋଇଥିବା ଚଢ଼ଉରୁ ୧୫୦୦ କଫ ସିରଫ ଜବତ କରିବା ସହ ୫ ଦେଶୀ ବନ୍ଧୁକ, ୨୦ଟି ଜୀବନ୍ତ ଗୁଳି, ୩ ଟି ଅଫୁଟା ଗୁଳି,୧୬ଟି ମୋବାଇଲ, ୫ ଚାରିଚକିଆ ଯାନ ସହ ନଗଦ ୫୭ ହଜାର ୨୦୦ ଟଙ୍କା ଜବତ କରିଛି ପୋଲିସ। ଏହା ସହ ୧୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ପଡୋଶୀ ଛତିଶଗଡ଼ ରାଜ୍ୟର ହୋଇଥିବାବେଳେ ବରଗଡ଼ ଜିଲ୍ଲାର ୮ ଜଣ, କଟକର, ବଲାଙ୍ଗିର, ଭଦ୍ରକ ଏବଂ ଜଗତସିଂହପୁରର ଜଣେ ଲେଖାଏଁ ଅଭିଯୁକ୍ତ ରହିଛନ୍ତି। ଏହି ଅଭିଯୁକ୍ତମାନେ ଓଡ଼ିଶାର ବିଭିନ୍ନ ଜିଲ୍ଲା ସହ ପଡ଼ୋଶୀ ଛତିଶଗଡ଼କୁ ମଧ୍ୟ କଫ ସିରଫ ଚୋରା ଚାଲାଣ କରି ଆସୁଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରଖିଥିବାବେଳେ ଆଗକୁ ମଧ୍ୟ ଏପରି ଚଢ଼ାଉ ଜାରି ରହିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବରଗଡ଼ ଏସପି ପ୍ରହଲ୍ଲାଦ ସହାଇ ମୀନା।

Government of Odisha
Office of the Executive Engineer
Rural Works Division-II, Nabarangpur, Umerkote.
e-mail: eerwukt@gmall.com & eerwukt@ymail.com
O-893

Letter No. 3447 Date : 24.09.2025

e-Procurement Notice

1. Name of the work : Road Works
2. Total No of works : 45 (Fourty Five) Nos.
3. Approx. Estimated Cost : Varies from 5.98 Lakhs to 44.85 Lakhs.
4. Class of Contractor : "B",C"& D" Class of Contractor
5. Period of Completion : As per TCN

| Procurement officer | Bid Identification No. | Availability of tender online for bidding | | Last Date & Time Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Nabarangpur, Umerkote. | Online Tender/09/ RWD-UKT /2025-26 | 10.10.2025 at 11.00 AM | 22.10.2025 up to 5.00 PM | 20.10.2025 at 01.00 PM | 23.10.2025 at 11:00 AM |

Further details can be seen from the Government website www.tendersodisha.gov.in

Sd/- Executive Engineer
Rural Works Division-II
Nabarangpur, Umerkote

OIPR-25103/11/0026/2526

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BANSPAL
E-mail: eerwbansapal@gmail.com
O-902

"e" Procurement Notice for Road Works
Identification No Online NCB – 03/2025-26.

1. Name of the Work : Road Work in the District of Keonjhar For the Year 2025-26
2. Total Number of Work : 1 No.
3. Estimated Cost : Rs. 41.29 lakhs
4. Class of Contractor : "B"
5. Period of Completion : As per annexure of e-Procurement Notice No.03 of 2025-26.
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Banspal. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division,Banspal | Road Online NCB No. 03 | Dt.08.10.2025 at 11.00 A.M. | Dt.17.10.2025 up to 5.00 P.M. | Dt.16.10.2025 up to 5.00 P.M. | Dt.18.10.2025 at 11.00 A.M. |

Further details can be seen from the Website www.tenderorissa.gov.in

Sd/- Superintending Engineer
R.W. Division, Banspal

OIPR-25198/11/0003/2526

ଭୁବନେଶ୍ୱର
୭ ଅକ୍ଟୋବର,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27


ସହଦନଗର ଦୁର୍ଗା ପୂଜା ସମିତି


ବାଣୀବିହାର ଟ୍ରାଫିକ୍ ଛକ ଦୁର୍ଗାପୂଜା ସମିତି


ସହିଦନଗର ଆଖଣ୍ଡଳମଣୀ ଲକ୍ଷ୍ମୀପୂଜା ସମିତି

କୁମାର ପୂର୍ଣ୍ଣିମା ଅବସରରେ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଛନ୍ତି ଧନଦାତ୍ରୀ ମା' ମହାଲକ୍ଷ୍ମୀ। (ଫଟୋ : ସମ୍ବାଦ କଳିକା)

# ଶ୍ରୀକ୍ଷେତ୍ରକୁ ଛୁଟିଲା ହବିଷ୍ୟାଳିଙ୍କ ସୁଅ : ଆଜିଠୁ କାର୍ତ୍ତିକ ବ୍ରତ

## ସୁରକ୍ଷା ଦାୟିତ୍ୱରେ ୨୨ ପ୍ଲାଟୁନ ପୋଲିସ ଫୋର୍ସ



**ପୁରୀ,୦୬/୧୦ ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ଠାରୁ ଆରମ୍ଭ ହେବ କାର୍ତ୍ତିକ ବ୍ରତ। ଓଡ଼ିଶାର କୋଣ ଅନୁକୋଣରୁ ହବିଷ୍ୟାଳୀମାନେ କାର୍ତ୍ତିକ ବ୍ରତ ପାଳନ ପାଇଁ ପୁରୀ ଆସିଛନ୍ତି । ହବିଷ୍ୟାଳୀମାନଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପୋଲିସ ପକ୍ଷରୁ ଗ୍ରହଣ କରାଯାଇଛି । ହବିଷ୍ୟାଳୀଙ୍କ ଶ୍ରୀମନ୍ଦିର ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ସ୍ୱତନ୍ତ୍ର ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଛି। ସମସ୍ତ ତୀର୍ଥ ପୁଷ୍କରିଣୀରେ ମଧ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୨୨ପ୍ଲାଟୁନ ପୋଲିସ ଫୋର୍ସ, ୪ଜଣ ଅତିରିକ୍ତ ଏସପି, ୧୫ଡିଏସପି, ୧୫ଇନ୍ସପେକ୍ଟର, ୬୫ ସବଇନ୍ସପେକ୍ଟର, ୧୦୦ କନଷ୍ଟେବଳ ମୁତୟନ ରହିବେ। ପଞ୍ଚୁକ ସମୟରେ ପ୍ରବଳ ଭକ୍ତଙ୍କ ଭିଡ଼ ହେବା ଆଶଙ୍କା ଥିବାରୁ ସେହି ସମୟରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବା ନେଇ ସୂଚନା ଦେଲେ ପୁରୀ ଏସ୍‌ପି ପ୍ରତୀକ ସିଂ। ସେପଟେ ଆରମ୍ଭ ହୋଇଛି ହବିଷ୍ୟାଳିମାନଙ୍କର ରେଜିଷ୍ଟ୍ରେସନ। ପୁରୀ ସହରର ୫ଟି ସ୍ଥାନରେ ହବିଷ୍ୟାଳି ମା'ମାନଙ୍କ ପାଇଁ ରହିବା ବ୍ୟବସ୍ଥା କରାଯାଇଛି । ସେଥିପାଇଁ ସୋମବାର ବୃନ୍ଦାବତୀ ନିବାସ, ନରେନ୍ଦ୍ର କୋଣ, ରେଲୱେ ପର୍ଯ୍ୟଟକ କମ୍ପ୍ଲେକ୍ସ, ରେଲୱେ କଲ୍ୟାଣ ମଣ୍ଡପ, ବଗଲା ଧର୍ମଶାଳା ଓ ମୋଚିସାହି ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ରେଜିଷ୍ଟ୍ରେସନ ଆରମ୍ଭ ହୋଇଛି। ଅନଲାଇନରେ ରେଜିଷ୍ଟ୍ରେସନ କରାଯାଇଥିବା ମହିଳାମାନେ ତାଙ୍କର କାଗଜ ଦେଖାଇ ସେଠାରେ ରହିପାରିବେ। ହବିଷ୍ୟାଳିମାନଙ୍କର ରହିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ସୁବିଧାରେ ଶ୍ରୀମନ୍ଦିରରେ ଦର୍ଶନ, ମହାପ୍ରସାଦ ସେବନ, ପୂଜା ବିଧି ସହ ଆକାଶଦୀପ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। କେବଳ ଅନଲାଇନରେ ବୁକିଂ କରାଯାଇଥିବା ୨ହଜାର ୫ଶହ ମହିଳାଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ଠାରୁ କାର୍ତ୍ତିକ ହବିଷ୍ୟାଳିମାନେ ବ୍ରତ ସଂକଳ୍ପ କରିବେ।

## କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କଲେ ସୁପ୍ରିମକୋର୍ଟ

# 'ଗିରଫଦାରୀର କାରଣ ପତ୍ନୀଙ୍କୁ କୁହାଯାଉନି କାହିଁକି ?'

**ନୂଆଦିଲ୍ଲୀ, ୬/୧୦**



ଲଦାଖ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ଗିରଫଦାରୀର ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ତାଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ। ଏହି ଆବେଦନର ଶୁଣାଣି କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଜଷ୍ଟିସ୍ ଅରବିନ୍ଦ କୁମାରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଯେ ସୋନମ ୱାଙ୍ଗଚୁକଙ୍କ ପତ୍ନୀଙ୍କୁ କାହିଁକି ଡିଟେନସନ୍ ନୋଟିସ୍ ଜାରି କରାଯାଉନାହିଁ। ଲେହରେ ହିଂସା ସୃଷ୍ଟି କରିବା ଅଭିଯୋଗରେ ୱାଙ୍ଗଚୁକଙ୍କୁ ସେପ୍ଟେମ୍ବର ୨୬ ତାରିଖରେ ଜାତୀୟ ସୁରକ୍ଷା ଆଇନ ଅଧୀନରେ ଗିରଫ କରାଯାଇଥିଲା। ସୁପ୍ରିମକୋର୍ଟ ଏହି ମାମଲାରେ କେନ୍ଦ୍ର ସରକାର, ଲଦାଖ ପ୍ରଶାସନ ଏବଂ ଯୋଧପୁର ଜେଲ ପ୍ରଶାସନକୁ ନୋଟିସ୍ ଜାରି କରିଥିଲେ। କୋର୍ଟ କହିଛନ୍ତି ଯେ ଏହି ମାମଲାର ଶୁଣାଣି ଆସନ୍ତା ଅକ୍ଟୋବର ୧୪ ତାରିଖରେ ହେବ। ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋଙ୍କ ଦ୍ୱାରା ଦାୟର ଆବେଦନରେ ଅଭିଯୋଗ କରାଯାଇଛି ଯେ ଏନଏସଏ ଅନୁଯାୟୀ ତାଙ୍କ ଅଟକ ଅବୈଧ । ଏନେଇ ଯୋଧପୁର ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସେମାନଙ୍କର ଜବାବ ଦାଖଲ କରିବାକୁ କହିଛନ୍ତି ସୁପ୍ରିମକୋର୍ଟ। ଗୀତାଞ୍ଜଳି ଆଙ୍ଗମୋଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଛନ୍ତି ଯେ ତାଙ୍କୁ ଅଟକ ଆଦେଶର ଏକ କପି ପ୍ରଦାନ କରାଯାଇନାହିଁ। ଜବାବରେ ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି ଯେ ୱାଙ୍ଗଚୁକଙ୍କୁ ସମସ୍ତ ସୂଚନା ପ୍ରଦାନ କରାଯାଇଛି ଏବଂ ଯୋଧପୁର ଜେଲରେ ତାଙ୍କ ଭାଇଙ୍କୁ ଭେଟିବାକୁ ଅନୁମତି ଦିଆଯାଇଛି । ସିବଲ ଜବାବ ଦେଇଛନ୍ତି ଯେ ୱାଙ୍ଗଚୁକ କେବଳ ଇଣ୍ଟରକମରେ ତାଙ୍କ ଭାଇ ଏବଂ ଓକିଲଙ୍କ ସହ କଥା ହୋଇଥିଲେ। ସିବଲ କହିଛନ୍ତି ଯେ ଆଇନ ଅନୁଯାୟୀ, ଜଣେ ବନ୍ଦୀଙ୍କ ପରିବାରକୁ ଅଟକର କାରଣ ବିଷୟରେ ଲିଖିତ ଭାବରେ ଜଣାଇବାକୁ ପଡିବ, ଯାହା ଦ୍ୱାରା ସେମାନେ ଆଇନଗତ ଭାବରେ ଅଟକକୁ ଚ୍ୟାଲେଞ୍ଜ କରିପାରିବେ। ଏହି ମାମଲାରେ ଏହା ହୋଇନାହିଁ। ସିବଲ ଅନୁରୋଧ କରିଥିଲେ ଯେ ୱାଙ୍ଗଚୁକଙ୍କ ପତ୍ନୀଙ୍କୁ ମଧ୍ୟ ଅଟକ ସମ୍ପର୍କିତ କାଗଜପତ୍ର ଯୋଗାଇ ଦିଆଯାଉ। କୋର୍ଟ କହିଛନ୍ତି ଯେ ସରକାର ଆବେଦନକାରୀଙ୍କୁ ଅଟକ ଆଦେଶର ଏକ କପି ପ୍ରଦାନ କରିବା ବିଷୟରେ ବିଚାର କରିବା ଉଚିତ। ସଲିସିଟର ଜେନେରାଲ କୋର୍ଟଙ୍କୁ ଏହା ମଧ୍ୟ ଜଣାଇଥିଲେ ଯେ ଆବେଦନକାରୀ (ୱାଙ୍ଗଚୁକଙ୍କ ପତ୍ନୀ) ତାଙ୍କୁ ଜେଲରେ ଭେଟିବା ପାଇଁ ଆବେଦନ କରିଛନ୍ତି। ତାଙ୍କ ଅନୁରୋଧ ଉପରେ ବିଚାର କରାଯାଉଛି। ଜଷ୍ଟିସ କୁମାର କହିଛନ୍ତି ଯେ ଯୋଧପୁର ଜେଲ ପ୍ରଶାସନ ଜେଲ ନିୟମ ଅନୁଯାୟୀ ଏହା ଉପରେ ନିଷ୍ପତ୍ତି ନେବା ଉଚିତ। ମ୍ୟାଗାସେସେ ପୁରସ୍କାର ବିଜେତା ପରିବେଶ ବିଜ୍ଞାନୀ ସୋନମ ୱାଙ୍ଗଚୁକ୍ ଦୀର୍ଘ ଦିନ ଧରି ଲଦାଖ ଆନ୍ଦୋଳନରେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ରହିଆସିଛନ୍ତି। ଏହି ଆନ୍ଦୋଳନ ଲଦାଖକୁ ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନୁଯାୟୀ ସ୍ୱତନ୍ତ୍ର ମାନ୍ୟତା ଦାବି ସହିତ ଜଡିତ। ଏହି ଆନ୍ଦୋଳନ ସମ୍ପ୍ରତି ଏକ ହିଂସାତ୍ମକ ମୋଡ଼ ନେଇଛି। ଲଦାଖ ପ୍ରଶାସନ ସୋନମଙ୍କୁ ବିଦେଶୀ ଶକ୍ତି ପାଇଁ କାମ କରୁଥିବା ଅଭିଯୋଗ କରିଥିଲା। ସେପ୍ଟେମ୍ବର ୨୬ ତାରିଖରେ ତାଙ୍କୁ ଅଟକ ରଖାଯାଇ ରାଜସ୍ଥାନର ଯୋଧପୁର ଜେଲକୁ ପଠାଯାଇଥିଲା। ତାଙ୍କ ବିରୁଦ୍ଧରେ ପାକିସ୍ତାନର ଗୁପ୍ତଚର ସଂସ୍ଥା ସହିତ ସମ୍ପର୍କ ରଖିବା ଏବଂ ବିଦେଶରୁ ଅବୈଧ ଚାନ୍ଦା ଗ୍ରହଣ କରିବା ସମେତ ଅନେକ ଅଭିଯୋଗ ରହିଛି।

# ପବିତ୍ର କୁମାର ପୂର୍ଣ୍ଣିମା: ମା' ବୃନ୍ଦାବତୀଙ୍କ ନିକଟରେ ପୂଜା କଲେ କୁମାରୀ

**ଭୁବନେଶ୍ୱର,୦୬/୧୦ ନ୍ୟୁଜ ବ୍ୟୁରୋ**



ସୋମବାର କୁମାର ପୂର୍ଣ୍ଣିମା ଏବଂ ଏକ ମାସ ଧରି ଚାଲିଥିବା ଜହ୍ନି ଓଷାର ଶେଷ ଦିନ। କୁମାରୀ କନ୍ୟାମାନେ ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ କରି ନୂଆ ପୋଷାକ ପରିଧାନ କରି ମା' ବୃନ୍ଦାବତୀଙ୍କ ନିକଟରେ ଗୁଆ, ଲିଆ, କଷି ଜହ୍ନି ଦେଇ ଆଞ୍ଜୁଳି ଟେକିଥିଲେ। କୁମାର ପୂର୍ଣ୍ଣିମା ଓଡ଼ିଶାର ଏକ ବିଶେଷ ପର୍ବ ହୋଇଥିବାରୁ ଏହା କୁମାରୋତ୍ସବ ବା କୋଜାଗର ପୂର୍ଣ୍ଣିମା ନାମରେ ମଧ ଜଣାଶୁଣା। ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବଟି ପାଳିତ ହୁଏ । ଏହି ପୂର୍ଣ୍ଣିମା ଶରତ ଋତୁରେ ପଡୁଥିବାରୁ କେତେକ ସ୍ଥାନରେ ଏହାକୁ ଶରତ ପୂର୍ଣ୍ଣିମା ମଧ କୁହାଯାଏ। ଏହିଦିନ ମା' ଲକ୍ଷ୍ମୀ ଦେବୀଙ୍କର ଆରାଧନା କରାଯାଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା ବା କୋଜାଗାର ଲକ୍ଷ୍ମୀ ପୂଜା ମଧ କୁହାଯାଏ । ଏହି ଦିନ ଓଡ଼ିଶାବାସୀ ତୁଳସୀ ଚଉରା, ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରିଥାନ୍ତି। ଓଡ଼ିଶାରେ ଏହି ପର୍ବ ସାଧାରଣତଃ କୁମାରୀ କନ୍ୟାମାନେ କାର୍ତ୍ତିକେୟଙ୍କ ଭଳି ସୁନ୍ଦର ଜୀବନସାଥୀ ପାଇବା ପାଇଁ କରିଥାନ୍ତି । କୁମାରୀମାନେ ସୋମବାର ସନ୍ଧ୍ୟାରେ ହୋଇଥିଲା ଚାନ୍ଦ ପୂଜା । ସେଥିଲାଗି ବିଭିନ୍ନ ଫଳମୂଳ ଓ ଆଞ୍ଜୁଳି ଟେକା ଲିଆରେ ଚାନ୍ଦ ତିଆରି ହୋଇ ଚନ୍ଦ୍ର ଉଦୟ ହେବା ବେଳକୁ କୁମାରୀମାନେ ଚାନ୍ଦ ପୂଜା କରିଥିଲେ ଏବଂ ଭୋଗ ଚାନ୍ଦକୁ ଦେଇ ବ୍ରତ ଶେଷ କରିଥିଲେ ।

# ଏସଆଇ ନିଯୁକ୍ତି କେଳେଙ୍କାରୀ : ଗାନ୍ଧିମାର୍ଗରେ ବିଜେଡିର ଗର୍ଜନ

## ବଡ଼ ମୁଣ୍ଡକୁ ଧରିବାକୁ ସିବିଆଇ ତଦନ୍ତ ଦାବି

**ଭୁବନେଶ୍ୱର, ୬/୧୦ ନ୍ୟୁଜ ବ୍ୟୁରୋ**




ଏସଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ବିଜେଡିର ପ୍ରତିବାଦ। ଆଶାୟୀଙ୍କ ସ୍ୱାର୍ଥକୁ ନଜରରେ ରଖି ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ଶତାଧିକ ଯୁବ ଛାତ୍ର ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବଡ଼ ମୁଣ୍ଡକୁ ଧରିବାକୁ କ୍ରାଇମବ୍ରାଞ୍ଚ ନୁହେଁ ସିବିଆଇ ତଦନ୍ତ ଦାବିରେ ଗର୍ଜିଲା ବିଜେଡି। ରଣକ୍ଷେତ୍ର ପାଲଟିଲା ଲୋୟର ପିଏମଜି। ଧସ୍ତାଧସ୍ତି ପରେ ବିଜେଡି ନେତା ପ୍ରୀତିରଞ୍ଜନ ଘଡ଼େଇଙ୍କ ସହ ଅନ୍ୟ ଛାତ୍ରନେତାଙ୍କୁ ଉଠାଇନେଲା ପୁଲିସ। ଓଡ଼ିଶା ପୁଲିସର ସବ୍‌ଇନ୍ସପେକ୍ଟର ନିଯୁକ୍ତି ମହାଘୋଟାଲାର ତଦନ୍ତ ବେଳେ ଝୁଣ୍ଟିଛି କ୍ରାଇମବ୍ରାଞ୍ଚ । କେଳେଙ୍କାରୀ ପଛର କାର୍ପଟଦାରମାନେ ବିଳମ୍ବିତ ତଦନ୍ତ ପ୍ରକ୍ରିୟାର ଫାଇଦା ଉଠାଇଛନ୍ତି। ଭୁବନେଶ୍ୱର ରଘୁନାଥପୁରରେ ଥିବା ଏକ ନିଯୁକ୍ତି କାର୍ଯ୍ୟାଳୟରେ ପୁଲିସ ପହଞ୍ଚିବା ପୂର୍ବରୁ ସେଠାରୁ ସମସ୍ତ ପ୍ରମାଣପତ୍ର ଗାଏବ ହୋଇଯାଇଛି । ରଘୁନାଥପୁରସ୍ଥିତ 'ଶ୍ରୀଲିଙ୍ଗରାଜ ଇନଫୋସେଲ ଅନଲାଇନ୍ ପରୀକ୍ଷା ସେଣ୍ଟର'ରେ ରବିବାର ପୂର୍ବାହ୍ଣରେ କ୍ରାଇମବ୍ରାଞ୍ଚ ତନାଘନା କରିଛି। ଏଠି ଘୋଟାଲାର ଅନ୍ୟତମ ମାଷ୍ଟରମାଇଣ୍ଡ ତଥା ଫ୍ରଣ୍ଟଟେକ୍‌ର ଅନ୍ୟତମ ନିର୍ଦ୍ଦେଶକ ଶଙ୍କର ପୃଷ୍ଠିର ଆଉ ଏକ କାର୍ଯ୍ୟାଳୟ ଚାଲୁଥିଲା । ଶହ ଶହ ଆଶାୟୀ ଏଠାରେ ବିଭିନ୍ନ ପ୍ରବେଶିକା ଓ ନିଯୁକ୍ତି ପରୀକ୍ଷା ପାଇଁ କୋଚିଂ ନେଉଥିଲେ । ସପ୍ତାହେ ତଳେ ସେଠାରେ କୋଚିଂ ପାଇଁ ଛାତ୍ରଛାତ୍ରୀ ନିୟମିତ ଆସୁଥିବା ସ୍ଥାନୀୟ ବାସିନ୍ଦା ଦେଖିଛନ୍ତି। ଶଙ୍କର ଫେରାର ଥିବାରୁ ତା' ସଂସ୍ଥା ଉପରେ କ୍ରାଇମବ୍ରାଞ୍ଚ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। କିନ୍ତୁ ପୁଲିସ୍ ପହଞ୍ଚିବା ପୂର୍ବରୁ ପୂରା ପରୀକ୍ଷା ସେଣ୍ଟରରୁ ସମସ୍ତ ପ୍ରମାଣ ହଟାଇ ଦିଆଯାଇଛି। ଶ୍ରୀଲିଙ୍ଗରାଜ ଇନଫୋସେଲର ପରୀକ୍ଷା ଲ୍ୟାବରେ କୌଣସି ପରୀକ୍ଷା ଉପକରଣ ନଥିଲା । ଉକ୍ତ ଲାବ୍‌ରେ ଗୋଟିଏ ବି କମ୍ପ୍ୟୁଟର ମିଳିନଥିଲା। ଉକ୍ତ ଅଫିସରୁ ସିସି କ୍ୟାମେରା ଓ ଏସି ୟୁନିଟ୍‌କୁ କେହି କାଢ଼ି ନେଇଥିଲେ। ପ୍ରାୟ ୩ ଘଣ୍ଟା ତନାଘନା ପରେ ଉକ୍ତ ଅଫିସକୁ ସିଲ୍ କରାଯାଇଛି। ଏହି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଆଉ ଜଣେ ଦଲାଲ୍‌କୁ ଗିରଫ କରିଛି। ସେ ହେଲା, ବାଲେଶ୍ୱର ଜିଲ୍ଲା ସିଂହଳା ଥାନା ନବରା ଗାଁର ଗୋପାଳ ଓରଫ ଅରବିନ୍ଦ ଦାସ (୪୩) । କ୍ରାଇମବ୍ରାଞ୍ଚ ଟିମ୍ ଅରବିନ୍ଦକୁ ତା' ପୈତୃକ ଗାଁରୁ ଗିରଫ କରିଛି । ରବିବାର ବିଳମ୍ବିତ ସନ୍ଧ୍ୟାରେ ତାକୁ ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) କୋର୍ଟରେ ହାଜର କରିବା ପରେ ଜେଲ୍ ପଠାଇ ଦିଆଯାଇଛି। ମାମଲାରେ ଗିରଫଦାରି ସଂଖ୍ୟା ଏବେ ୧୧୯ରେ ପହଞ୍ଚିଛି। ସିଣ୍ଡିକେଟ୍‌ର ଅନ୍ୟତମ ମାଷ୍ଟରମାଇଣ୍ଡ କୁହାଯାଉଥିବା ମୁନା ମହାନ୍ତି ଲିଙ୍କ୍‌ରେ ଉଭୟ ବିଶ୍ୱରଞ୍ଜନ ଓ ଅରବିନ୍ଦ ଥିଲେ। ସେମାନେ ଆଶାୟୀ ପ୍ରାର୍ଥୀଙ୍କଠାରୁ ଟଙ୍କା, ବ୍ୟାଙ୍କ ଚେକ୍ ଓ ଶିକ୍ଷାଗତ ପ୍ରମାଣପତ୍ର ଯୋଗାଡ଼ କରୁଥିଲେ। ତଦନ୍ତରୁ ଜଣାପଡ଼ିଛି, ଅରବିନ୍ଦ ସ୍ଥାନୀୟ ଅଞ୍ଚଳରେ ଏକ ପ୍ଲେସ୍‌ମେଣ୍ଟ ସଂସ୍ଥା ଖୋଲିଥିଲା । ସେଠାରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କଲେଜରେ ନିଯୁକ୍ତିର ଗଳାବାଟ ବତାଉଥିଲା। ଅନେକ ଆଶାୟୀମାନଙ୍କଠାରୁ ମୋଟା ଅଙ୍କର ପଇସା ନେଇ ଛୋଟମୋଟ ଚାକିରି କରାଇ ଦେଉଥିଲା। ଶଙ୍କରର ଇତିହାସ ଉଣ୍ଡାଳୁଥିବା କ୍ରାଇମ୍‌ବ୍ରାଞ୍ଚ ହାତରେ କିଛି ରୋଚକ ତଥ୍ୟ ଲାଗିଛି। ୨୦୧୨ ମସିହାରୁ ସେ ଏକ କୋଚିଂ ସେଣ୍ଟରରେ ଆର୍ମି ନିଯୁକ୍ତି ତାଲିମ ଦେଉଥିଲା। ୨୦୨୨ରେ ପଞ୍ଚସଫ୍ଟ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଅଫିସ ଖୋଲିଥିଲା। ବ୍ରହ୍ମପୁର ଓ ଭୁବନେଶ୍ୱରରେ ଥିବା ବିଭିନ୍ନ ନିଯୁକ୍ତି କୋଚିଂ ଏକାଡେମୀଗୁଡ଼ିକ ସହ ଯୋଗାଯୋଗରେ ରହି ଚାକିରି ଆଶାୟୀଙ୍କୁ ଫସାଉଥିଲା । ଗିରଫ ୧୧୪ ଆଶାୟୀଙ୍କ ମଧ୍ୟରେ ବିଭିନ୍ନ ଏକାଡେମୀର ଛାତ୍ର ଥିବା ଏହା ପ୍ରମାଣିତ କରୁଛି । କାହିଁକି ନା, ବ୍ରହ୍ମପୁରର ଦୁଇଟି ପ୍ରମୁଖ ନିଯୁକ୍ତି କୋଚିଂ ସେଣ୍ଟରରେ ଆଶାୟୀମାନେ କୋଚିଂ ନେଉଥିବା ରିପୋର୍ଟରେ ଦର୍ଶାଇଛି ପୁଲିସ । ବର୍ତ୍ତମାନ ଏସବୁ ସେଣ୍ଟରର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି । ଏକାଡେମୀରେ ଭଲ ରେଜଲ୍ଟ କରିବା ପାଇଁ ମାଲିକମାନେ ଶଙ୍କର ପୃଷ୍ଟିର ର୍ୟାକେଟ୍‌ରେ ସମ୍ପୃକ୍ତ ରହୁଥିବା ଚର୍ଚ୍ଚା ହେଉଛି। କେବଳ ପୁଲିସ ନୁହେଁ, ଅନ୍ୟାନ୍ୟ ସରକାରୀ ଚାକିରି ପାଇଁ ମଧ ଟଙ୍କା କାରବାର ହେଉଥିବା ସୂଚନା ମିଳିଛି। ୨୦୧୩ରେ ଗଜପତିରେ ହୋଇଥିବା ସିପାହୀ ନିଯୁକ୍ତି ରାକେଟ୍‌ଠାରୁ ଆରମ୍ଭ କରି ୨୦୨୩ରେ ବ୍ରହ୍ମପୁରରେ ଧରାପଡ଼ିଥିବା ଜାଲ୍ ସାର୍ଟିଫିକେଟ୍ ର୍ୟାକେଟ୍, ବାଲେଶ୍ୱରରେ ଧରାପଡ଼ିଥିବା ନିଯୁକ୍ତି ର୍ୟାକେଟ୍‌ରେ ଶଙ୍କରଙ୍କ ସମ୍ପୃକ୍ତି ଥିବା ସୁରାକ ମିଳିଛି। ସେପଟେ ସ୍ଥାନୀୟ ଅଦାଲତରେ ପୂର୍ବରୁ ପ୍ରାୟ ୮୦ ଜଣ ଜାମିନ୍ ଆବେଦନ କରିଥିଲେ। କୋର୍ଟ ଖୋଲିବା ପରେ ଜାମିନ୍ ଆବେଦନକାରୀଙ୍କ ସଂଖ୍ୟା ବଢ଼ିପାରେ।

# ନାବାଳିକାକୁ ଗଣଦୁଷ୍କର୍ମ ଅଭିଯୋଗ, ୨ ଗିରଫ

**କୋଣାର୍କ,୦୬/୧୦ ନ୍ୟୁଜ ବ୍ୟୁରୋ**

ବଳଙ୍ଗା ଥାନା ଅଞ୍ଚଳରେ ଲଜ୍ଜା । ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରି ଗର୍ଭବତୀ କରିଥିବା ଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି । ଯାହାପରେ ପୁଲିସ ତଦନ୍ତ କରି ଘଟଣାରେ ସଂପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଜଣେ ୧୬ବର୍ଷୀୟା ନାବାଳିକାକୁ ମିଥ୍ୟା ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଆସୁଥିଲେ । କିଛି ଦିନ ତଳେ ନାବାଳିକା ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ମେଡିକାଲକୁ ନେଇ ପରୀକ୍ଷା କରିଥିଲେ । ଯାହାପରେ ସତ ପଦାକୁ ଆସିଥିଲା। ଏହି ଘଟଣା ସମ୍ପର୍କରେ ନାବାଳିକାଙ୍କ ବାପା ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ବଳଙ୍ଗା ଥାନାରେ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ବଳଙ୍ଗା ଥାନା ଅଧିକାରୀ ଶନିବାର ରାତିରେ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ରବିବାର ପୂର୍ବାହ୍ନରେ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବା ସହ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି ।

# ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଚଳଚଞ୍ଚଳ ରାଜଧାନୀ, ତୋରଣ ସହ ଚିକମିକ୍ ଆଲୋକରେ ଝଲସୁଛି ସହର

**ଭୁବନେଶ୍ୱର,୦୬/୧୦ ନ୍ୟୁଜ ବ୍ୟୁରୋ**

ପାର୍ବଣର ବଡ଼ପର୍ବ ଦୁର୍ଗାପୂଜା ଶେଷ ହୋଇଛି । ଜଗତ୍‌ଜନନୀଙ୍କ ମେଲାଣି ପରେ ଧରାପୃଷ୍ଠକୁ ଆସିଛନ୍ତି ଧନଦାତ୍ରୀ ମା' ଗଜଲକ୍ଷ୍ମୀ । ଏଥିପାଇଁ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଅନୁଷ୍ଠାନ, କ୍ଲବ, ବାଣିଜ୍ୟିକ ପ୍ରତିଷ୍ଠାନ ତରଫରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ସୋମବାରଠୁ ଗଜଲକ୍ଷ୍ମୀ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି । ସେଥିପାଇଁ ରଙ୍ଗିନ ଆଲୋକମାଳା ଓ ତୋରଣରେ ପୂଜା ମଣ୍ଡପ ଝଲସୁଛି । ୟୁନିଟ-୬ ଗଙ୍ଗନଗରର ସମ୍ରାଟ କ୍ଲବ ଏଥର ୩୫ତମ ଗଜଲକ୍ଷ୍ମୀ ପୂଜା ଆୟୋଜନ କରିଛି । ଏହା ରାଜଧାନୀର ଅନ୍ୟତମ ପୁରୁଣା ପୂଜା ବୋଲି କୁହାଯାଏ । ସୋମବାର ସକାଳେ ଅଧିବାସ, କଳସଯାତ୍ରା ସହ ମା'ଙ୍କ ଆବାହନ କରାଯାଇଛି । ୧୧ ତାରିଖ ପର୍ଯ୍ୟନ୍ତ ମା'ଙ୍କ ପାଖରେ ସୂର୍ଯ୍ୟପୂଜା, ଚଣ୍ଡୀପାଠ, ସୁକ୍ତପାଠ ସହ ହୋମଯଜ୍ଞ ଆୟୋଜିତ ହେଉଛି। ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯିବା ସହ କମିଟି ପକ୍ଷରୁ ଦୀପ ଦିଆଯିବ । ସେହିପରି କଳସଯାତ୍ରାରୁ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ପୂଜାରେ ଆଖପାଖ ଅଞ୍ଚଳର ସମସ୍ତ ମହିଳା ଯୋଗଦେଇଛନ୍ତି । ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ରାତିରେ ଭଜନ ସଂଧ୍ୟା, ନୃତ୍ୟ, ମେଲୋଡି ନାଇଟ୍ ଅନୁଷ୍ଠିତ ହେବ। ୧୨ ତାରିଖରେ ବିସର୍ଜନ ପୂଜା ସହ ସହିଦନଗରରେ ଏକାଠି ହୋଇ ଭସାଣି ଉତ୍ସବ କରାଯିବ ବୋଲି କ୍ଲବର ମାନସ ରଞ୍ଜନ ରାୟମହାପାତ୍ର ସୂଚନା ଦେଇଛନ୍ତି । ୟୁନିଟ୍-୯ ବାୟାବାବା ଗଜଲକ୍ଷ୍ମୀ ପୂଜା ସମିତି ଏଥରକ ୧୬ ବର୍ଷରେ ପାଦ ଥାପିଛି। ସୋମବାର ସନ୍ଧ୍ୟାରେ ପୂଜା ବିଧି ଆରମ୍ଭ ହୋଇଯାଇଛି। କଳସଯାତ୍ରା ସହ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କୁ ଆବାହନ କରାଯିବା ସହ ପୂଜା କମିଟି ପକ୍ଷରୁ ପ୍ଲାଷ୍ଟିକ ବ୍ୟବହାରକୁ ବାରଣ କରାଯାଇଛି। ଭସାଣିରେ ଡିଜେ ବ୍ୟାନ୍ ଥିବାରୁ ପାରମ୍ପରିକ ବାଦ୍ୟ ସହ ସହିଦନଗରରେ ଏକାଠି ହୋଇ ମା'ଙ୍କୁ ମେଲାଣି ଦିଆଯିବ ବୋଲି ସଭାପତି ବିରଞ୍ଚିନାରାୟଣ ମହାପାତ୍ର ସୂଚନା ଦେଇଛନ୍ତି। ୟୁନିଟ-୯ ଆନନ୍ଦବଜାର ସ୍ଥିତ 'ଗଜଲକ୍ଷ୍ମୀ କଲଚରାଲ ଆସୋସିଏସନ୍' ଏଥରକ ୪୧ ବର୍ଷରେ ପାଦ ଥାପିଛି । ସୋମବାର ସନ୍ଧ୍ୟା ୬ଟାରେ ପୂଜା ସହ ରାତି ୧୦ଟା ଭିତରେ ପୁଷ୍ପାଞ୍ଜଳି ଦିଆଯାଇଛି ବୋଲି ଆସୋସିଏସନ ସଭାପତି ଚିନ୍ମୟ ମହାପାତ୍ର ସୂଚନା ଦେଇଛନ୍ତି । ଅପରପକ୍ଷେ, ସହିଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ଧୁମ୍‌ଧାମରେ ଚଳିତ ବର୍ଷ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ରବିବାର ସନ୍ଧ୍ୟାରେ ପୂଜା କମିଟି ପକ୍ଷରୁ ଶେଷ ପ୍ରସ୍ତୁତି ବୈଠକ ବସିଥିଲା। ଏଥରକ କମିଟି ୧୫ତମ ପୂଜା ଆୟୋଜନ କରୁଛି । ଗତବର୍ଷ ଭଳି ଏବର୍ଷ ମଧ୍ୟ ଚାନ୍ଦି ମେଢ଼ରେ ମା' ବିରାଜମାନ କରିଛନ୍ତି। ୧୧ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏଥରକ ୫ଦିନ ଧରି ମଣ୍ଡପରେ ପ୍ରବଚନ ଆୟୋଜନ ହେବ। ପ୍ରଫେସର ସନ୍ତୋଷ କୁମାର ସାହୁ ପ୍ରବଚନ ଦେବେ । ଭିଏସ୍‌ଏସ୍ ନଗରରେ ଏଥରକ ୪୮ତମ ଗଜଲକ୍ଷ୍ମୀ ପୂଜା ପାଳନ କରାଯାଉଛି। ଏଠାରେ ସୋମବାର ପୂଜା ଓ ବୁଧବାର ଭସାଣି କରାଯିବ । ଦୁଇଦିନ ଧରି ଏଠାରେ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରିବେ । ଶୈଳଶ୍ରୀ ବିହାର ଏଲସି ବ୍ଲକ୍ ବିକାଶ ଓ ସାଂସ୍କୃତିକ ସଂଘ ଏବଂ ଏଲସି ବ୍ଲକ୍ ମହିଳା ବିକାଶ ସମିତି ପକ୍ଷରୁ ଷୋଡ଼ଶତମ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହୋଇଛି । ସାତ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୧୦ ହଜାର ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯିବ ବୋଲି ସଭାପତି ବୀଣାପାଣି ମହାନ୍ତି, ସମ୍ପାଦକ ସୁଶୀଲ ପଣ୍ଡା କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ ଗଜଲକ୍ଷ୍ମୀ ପୂଜା କମିଟି ଓ ବ୍ୟବସାୟୀ ସଂଘ, ନୀଳାଦ୍ରି ବିହାର ଲକ୍ଷ୍ମୀ ବଜାର ସଂଘ, ୟୁନିଟ-୩ ଅଶୋକନଗର, ୟୁନିଟ-୬ ଗଙ୍ଗନଗର ବ୍ୟବସାୟୀ ସଂଘ, ବରମୁଣ୍ଡା ନୀଳକଣ୍ଠେଶ୍ୱର, ମଞ୍ଚେଶ୍ୱର ଭୋଟପଡ଼ା, ୟୁନିଟ-୩ ପିଏଚଡି କ୍ୟାମ୍ପସ୍ ପକ୍ଷରୁ ଜାକଜମକରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି।

# ବସ୍ତିରେ ଆତଙ୍କ ଖେଳାଇ ଭାଇ-ଭଉଣୀ ଗିରଫ, ବାପ ଫେରାର




**ଭୁବନେଶ୍ୱର,୦୬/୧୦ ନ୍ୟୁଜ ବ୍ୟୁରୋ**

ବସ୍ତିରେ ଆତଙ୍କ ଖେଳାଇଲେ । ଜଣଙ୍କ ଘରେ ପଶି ଛୁରି ଭୁସିବା ସହ ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କଲେ। ଥାନାରେ ଅଭିଯୋଗ ପରେ ସହିଦନଗର ଥାନା ପୁଲିସ ଭାଇ-ଭଉଣୀଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ସହିଦନଗର ବାୟାବାବା ମଠ ବସ୍ତିରେ ରହୁଥିବା ଖୋର୍ଦ୍ଧା ବୋଲଗଡ଼ ଥାନା ଗେଡ଼ିଆପଲ୍ଲୀର କାହ୍ନା ଓରଫ କହ୍ନେଇ ନାୟକ (୨୧) ଏବଂ ତାଙ୍କ ଭଉଣୀ ସୁଜାତା ନାୟକ(୨୫)। ପୁଲିସ ସେମାନଙ୍କ ଠାରୁ ଏକ ଛୁରି ଓ ଅନ୍ୟ ମାରଣାସ୍ତ୍ର ଜବତ କରିଛି।
ସୂଚନା ଅନୁଯାୟୀ, ବାୟାବାବା ମଠ ନିକଟରେ ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ୩ ତାରିଖ ରାତିରେ କାହ୍ନା, ବାପା ଶ୍ରୀଧର ଓ ସେମାନଙ୍କ ସହଯୋଗୀ ମାରଣାସ୍ତ୍ର ଧରି ସେଠାରେ ଆତଙ୍କ ଖେଳାଇବା ସହ ଢେଲାପଥର ମାଡ଼ କରିଥିଲେ। ଏହାର କିଛି ସମୟ ପରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କହ୍ନେଇ, ଶ୍ରୀଧର ଓ ଭଉଣୀ ସୁଜାତା ବସ୍ତିର ରଶ୍ମିରଞ୍ଜନ ମହାନ୍ତିଙ୍କ ଘରେ ପଶି ତାଙ୍କର ୨ ସଂପର୍କୀୟ ଭଉଣୀ ସୁମିତ୍ରା ଦଳାଇ ଏବଂ ସିଲି ମହାନ୍ତିଙ୍କୁ ଆକ୍ରମଣ କରିଥିଲେ । କହ୍ନେଇ ସିଲି ମହାନ୍ତିଙ୍କୁ ତଳେ ପକାଇ ତାଙ୍କ ପେଟରେ ଛୁରି ଭୁସି ଦେଇଥିଲା । ଏଥିସହ ରଶ୍ମିରଞ୍ଜନଙ୍କ ବାପାଙ୍କୁ ମଧ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା । ଏହାପରେ ସେମାନେ ରଶ୍ମିରଞ୍ଜନଙ୍କୁ ଆକ୍ରମଣ କରି ତାଙ୍କ ବେକରୁ ସୁନାଚେନ୍ ଲୁଟି ନେଇ ପଳାଇଥିଲେ । ଏନେଇ ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁକରି କହ୍ନେଇ ଓ ଭଉଣୀ ସୁଜାତାଙ୍କୁ ଗିରଫ କରିଥିଲା । ଏହି ଆକ୍ରମଣରେ ସଂପୃକ୍ତ ସେମାନଙ୍କ ବାପା ଶ୍ରୀଧର ଫେରାର ହୋଇ ଯାଇଛନ୍ତି। କହ୍ନେଇ ନାୟକଙ୍କ ନାଁରେ ପୂର୍ବରୁ ଏକାଧିକ ମାମଲାରେ ସଂପୃକ୍ତ ଥିବା ଜଣାପଡୁଛି।